
ଜଗତ୍‌ସିଂହପୁର ବ୍ଲକରେ ବର୍ଷା ଯୋଗୁ ଜଣେ ମହିଳାଙ୍କ ଘର ଅଗଣାରେ ପାଣି ଜମି ରହିଛି।


ବର୍ଷାରେ ଭାଙ୍ଗି ପଡ଼ିଥିବା କାନ୍ଥ।


ଜଣେ ବାଳିକା ପାଣିରେ ପଶି ନିଜ ଘରକୁ ଯାଉଛନ୍ତି।

# ଘରେ ପଶିଲା ପାଣି, ବିଦ୍ୟାଳୟ ବନ୍ଦ ଘୋଷଣା

**ଜଗତ୍‌ସିଂହପୁର ଅଫିସ/ବିରିଡ଼ି/ ବାଲିଆ/କୁଜଙ୍ଗ/ରାହାମା/ ରଘୁନାଥପୁର,୬।୯**

ଲଗାଣ ବର୍ଷା ଫଳରେ ଜଗତ୍‌ସିଂହପୁର ଜିଲାରେ ଏକ ପ୍ରକାର କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏଥିଯୋଗୁ ବ୍ୟାପକ କ୍ଷୟକ୍ଷତି ହୋଇଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ସରକାର ଶୁକ୍ରବାର ସମସ୍ତ ବିଦ୍ୟାଳୟ ବନ୍ଦ ରହିବ ବୋଲି ଘୋଷଣା କରିଛନ୍ତି। ଜଗତ୍‌ସିଂହପୁର ୱାର୍ଡ ସଂଖ୍ୟା ୬ ଅନ୍ତର୍ଗତ ସୁଜଙ୍ଗ ହରିଜନ ସାହି, ୱାର୍ଡ ୧୯ର ଗୋଛାୟତ ସାହି, ୱାର୍ଡ ୧୧ର କଣ୍ଟାପଡ଼ା ମହାପାତ୍ର ସାହି, ୱାର୍ଡ ୨ର ବଡ଼ବାଗ, ୱାର୍ଡ ୪ର ଲାଲା ସାହି ଓ ମାଳି ସାହି, ୱାର୍ଡ ୫ର ସନ୍ତୋଷୀ କଲୋନୀ ଅଞ୍ଚଳ, ୱାର୍ଡ ୨୦ର ସୁବର୍ଣ୍ଣ ବରାହୀ ମନ୍ଦିର ଓ ଏହାର ଆଖପାଖ ଅଞ୍ଚଳରେ ପାଣି ଜମି ରହିଛି। ପ୍ରାୟ ୨୦୦୦ ପରିବାର ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ୱାର୍ଡ ୬ ହରିଜନ ସାହିରେ ୨ଟି ମାଟି ଘର ଭୁଶୁଡ଼ି ପଡ଼ିଛି। ୱାର୍ଡ ୧୯ ଗୋଛାୟତ ସାହିରେ ମଧ୍ୟ ୨ ଜଣଙ୍କ ମାଟି ଘର ଭାଙ୍ଗି ଯାଇଛି। ୱାର୍ଡ ୧୪ ମନ୍ଥନ ସାହି ଅବସ୍ଥା ମଧ୍ୟ ଅନୁରୂପ। ଅନେକ ସ୍ଥାନରେ ଡ୍ରେନ୍ ଜାମ ହୋଇଯାଇଛି। ବର୍ଷା ଲାଗି ରହିଥିବାରୁ ପାଣି କମିବା ନାଁ ଧରୁନି। ଘରେ ସାପ, ବେଙ୍ଗ, ବିଷାକ୍ତ ପୋକ ପଶିଯାଉଛନ୍ତି। ଜଗତ୍‌ସିଂହପୁର ପୌର ନିର୍ବାହୀ ଅଧିକାରୀ ବଳଦେବ ବେହେରା ଅନ୍ୟ କର୍ମଚାରୀମାନେ ବିଭିନ୍ନ ୱାର୍ଡ ବୁଲି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ଯେଉଁସବୁ ସ୍ଥାନରେ ଅଳିଆ, ଆବର୍ଜନା ଗଦାହୋଇଛି ସେଠାରେ ଜେସିବି ଲଗାଇ ସଫା କରାଯାଉଛି। ଶୁକ୍ରବାର ମୋଟର ସାହାଯ୍ୟରେ କେତେକ ସ୍ଥାନରୁ ଜଳ ନିଷ୍କାସନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ପାଗ ନ ସୁଧୁରିଲେ ଆଗକୁ ସଂକ୍ରମଣ ବ୍ୟାପିବାର ଆଶଙ୍କା ରହିଛି। ବିରିଡ଼ି ବ୍ଲକ ହଂସୁଆ ନଦୀ ପାର୍ଶ୍ୱବର୍ତ୍ତୀ ଚାଷ ଜମି ପାଣିରେ ବୁଡ଼ି ରହିଛି। ଦରଡା ପାରି, ଶଙ୍ଖପୁର, ଉତ୍ତରଶାସନ, ବଟିମିରା, ଅଲାଣ୍ଡୋ, ବଡ଼ଖଣ୍ଡାୟତା, ଅଡଙ୍ଗମଜୁରାଇ, ଅଡଙ୍ଗଗଡ, ଅରଣା ଓ ଶିବପୁର, ୨୨ମୌଜା ବାରେଡିଆ ପଞ୍ଚାୟତର ବାରଡିଆ, ବାଗଲପୁର, ଗେଲପାର ଓ ଡିଅସାଇବିରି ନୀଳମହାଲ ଗ୍ରାମରେ ଅବସ୍ଥା ବେହାଲ ହୋପଡ଼ିଛି। ଅଡଙ୍ଗଗଡ ପଞ୍ଚାୟତର ୭ନଂ ୱାର୍ଡ ଦଳିତ ସାହିର ୨୦ ପରିବାର ଜଳବନ୍ଦୀ ହୋଇଛନ୍ତି। ବଟିମୀରା ପଞ୍ଚାୟତର ହଳଦିଆପଡା ୧୮,୧୯ ଓ ୨୦ନଂ ୱାର୍ଡ ଆରଡି ରାସ୍ତାରେ ପାଣି ଜମି ରହିଛି। ମଧ୍ୟଶସନ ଗ୍ରାମର ୮ନଂ ୱାର୍ଡ ରାସ୍ତା, ଅରଣା ପଞ୍ଚାୟତର ପାଇକରାବାଟି, ଜେନାସାହି, ପଟୁଆରି, କଣ୍ଟୁଆର ଭୋଇସାହିରେ ପାଣି ଭର୍ତ୍ତି ହୋଇ ରହିଛି। ଚାନ୍ଦପୁର ଗ୍ରାମର ଶିବନାଥଙ୍କ

**■ଘର କାନ୍ଥ ଭୁଶୁଡିଲା, ସ୍କୁଲ ଘରେ ଆଶ୍ରୟ ନେଲେ ଲୋକେ**
**■ସଂକ୍ରମଣ ବ୍ୟାପିବା ଆଶଙ୍କା**

ଘର ଭାଙ୍ଗିଯାଇଛି। ବିଡିଓ ଗିରିଜା ପ୍ରସାଦ ବାରିକ ଏ ସମ୍ପର୍କରେ ଆରଡି ଓ ଡ୍ରେନେଜ ବିଭାଗ ଜଣାଇ ସମସ୍ୟା ସମାଧାନ କରିବାକୁ କହିଛନ୍ତି। ଅଲାଣ୍ଡୋ ପଞ୍ଚାୟତ ୭ ନଂ ୱାର୍ଡରେ ୪୦୦ ରୁ ଊର୍ଦ୍ଧ୍ୱ ଲୋକଙ୍କ ବାଡିଘର, ଅଗଣା ଆଦିରେ ୩ ଫୁଟର ପାଣି ଜମି ରହିଛି। ନଳକୂପଗୁଡିକ ପାଣିରେ ବୁଡ଼ି ରହିଛି। ଏନେଇ ଲୋକେ ତହସିଲଦାରଙ୍କୁ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ବଟିମିରା ପଞ୍ଚାୟତର ସାହାବାଦ କଦମ ମୂଳ ନିକଟ ବସ୍ତିରେ ୪ ପରିବାର ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। କୁଳ କଇଜଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ ପ୍ରବେଶ ପଥରେ ପାଣି ଜମି ରହିଥିବାରୁ ଯାତାୟାତ ବନ୍ଦ ହୋଇଯାଇଛି।ଲଘୁଚାପଜନିତ ଅବିଶ୍ରାନ୍ତ ବର୍ଷାରେ ରଘୁନାଥପୁର ବ୍ଲକରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ବର୍ଷା ପାଣିରେ ଭିଜି ଅନେକ ଘରର କାନ୍ଥ ଭୁଶୁଡ଼ି ପଡିଥିବାରୁ ଲୋକେ ସ୍କୁଲ ଘରେ ଆଶ୍ରୟ ନେଇଛନ୍ତି। ବିଡିଓ ପଞ୍ଚାନନ ପଟାୟତ, ତହସିଲଦାର ମାନସ କୁମାର ତ୍ରିପାଠୀ, ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ ଓ ତହସିଲର ପଦାଧିକାରୀମାନେ ବିଭିନ୍ନ ଗ୍ରାମକୁ ଯାଇ ପାଣି ନିଷ୍କାସନ ବ୍ୟବସ୍ଥା ସହ ସ୍ଥିତି ଅନୁଧ୍ୟାନ କରିଛନ୍ତି। ପାଣି ଘେରରେ ଥିବା ପରିବାରକୁ ସ୍ଥାନାନ୍ତର କରାଯାଉଛି। ତାରପୁର ପଞ୍ଚାୟତ ଗୋକୁଳପୁର ହରିଜନ ସାହିର ୪୦ପରିବାର ପାଣିଘେରରେ ଅଛନ୍ତି। ପାଣ୍ଡବ ଘଡ଼େଇ, ଫଗୁ ଘଡ଼େଇ, ରାମ ଯେନା, କେଦାର ଯେନା, ଗୁଣମଣି ଯେନା, ପ୍ରଶାନ୍ତ ଯେନା, ନିରଞ୍ଜନ ଯେନା ଓ ଅନ୍ୟ କେତେଜଣଙ୍କ ମାଟି କାନ୍ଥ ଭାଙ୍ଗି ପଡିଥିବାରୁ ସେମାନଙ୍କୁ ସ୍ଥାନୀୟ ସାରଦା ନୋଡାଲ ହାଇସ୍କୁଲରେ ରଖାଯାଇଛି। ଖଣ୍ଡତରୀ ତଳପଡ଼ା, ହରିଶପୁର, ତାରପୁର ମଲିକ ସାହି ଓ ସ୍ୱାଇଁ ସାହି, ଚିକିଣିଆ ନାୟକ ସାହ, ନେଉଳିଆ, ପିତାମ୍ବରପୁର ଓ ପୁରୁଣାବସନ୍ତ ବାଲଂଶା ସମେତ ଛପଡା ପଞ୍ଚାୟତ ଜଇପୁର ୩ ଓ ୭ନଂ ୱାର୍ଡ ବୁଣାକାର ସାହିରେ ବହୁ ପରିବାର ଜଳବନ୍ଦୀ ଅଛନ୍ତି। ଅଢ଼େଇକୂଳ ପଞ୍ଚାୟତ ସାନକୋଇକର ବେହେରା ସାହି ଓ ବଡକୋଇକର ମହାନ୍ତି ସାହି, ମଠ ସାହି, ମଲ୍ଲିକ ସାହି, ତେଲି ସାହି ଓ ଖୋର୍ଦ୍ଧା ସାହିରେ ଲୋକେ ପାଣିଘେରରେ ଥିବାରୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାଢ଼ଙ୍ଗ ଏବଂ କଳିଙ୍ଗା ଗ୍ରାମରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ବିପନ୍ନ ଲୋକଙ୍କ ନିକଟରେ ଏପର୍ଯ୍ୟନ୍ତ ରନ୍ଧାଖାଦ୍ୟ କିମ୍ବା ଶୁଖିଲା ଖାଦ୍ୟ ପହଞ୍ଚି ନାହିଁ। କୁଜଙ୍ଗରେ ମଧ୍ୟ ବ୍ୟାପକ ଅଞ୍ଚଳ ଜଳମଗ୍ନ ହୋଇଛି। ଅଗ୍ନିଶମ ବିଭାଗ ପକ୍ଷରୁ କୁଜଙ୍ଗ ମେଡିକାଲ ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟରୁ ଜଳ ନିଷ୍କାସନ ବ୍ୟବସ୍ଥା କରାଯାଉଛି। ବହୁ ବ୍ୟବସାୟିକ କେନ୍ଦ୍ରରେ ପାଣି ପଶିଯାଇଛି। ଏମପି ଡା. କୁଳମଣି ସାମଲ, ତହସିଲଦାର ରମେଶ ଚନ୍ଦ୍ର ପଣ୍ଡା, ବିଡିଓ କିଶୋର ସ୍ୱାଇଁ ବିଭିନ୍ନ ଜଳମଗ୍ନ ଅଞ୍ଚଳ ବୁଲି ଦେଖିଛନ୍ତି। ତୁରନ୍ତ ପ୍ରଶାସନ ଓ ଡ୍ରେନେଜ ବିଭାଗ କର୍ତ୍ତୃପକ୍ଷ ଜଳ ନିଷ୍କାସନ ବ୍ୟବସ୍ଥା କରିବାକୁ ଏମ୍‌ପି ସାମଲ ନିର୍ଦ୍ଦେଶ ଦେଇଛନ୍ତି। ଭୂତମୁଣ୍ଡାଇ ପଞ୍ଚାୟତର ପିପ୍ପଳ, ଫୁଲବେଲାରୀ ଓ ଭୂତମୁଣ୍ଡା ଗ୍ରାମ ବର୍ଷା ପାଣିରେ ଅଧିକ କ୍ଷତିଗ୍ରସ୍ତ ହୋଇଛି। ନୂଆଗଡ ପଞ୍ଚାୟତ ବିଜୟଚାନ୍ଦପୁର, ମୂଷାଡିଆ, ପାରାଦ୍ୱୀପ ଗଡର ନିମିଡି, ସିନ୍ଧୁ, ବଗଦିଆ, କୋଠି ଆଦି ପଞ୍ଚାୟତ ବ୍ୟାପକ ଭାବେ ଜଳମଗ୍ନ ହୋଇଛି। ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ପରିବାର ଜଳବନ୍ଦି ହୋଇଛନ୍ତି। ଶତାଧିକ କଚ୍ଚା ଘର ଓ ଗୁହାଳ ଭାଙ୍ଗି ଯାଇଛି। ବର୍ଷାରେ କୁଜଙ୍ଗ ବ୍ଲକର ବିଭିନ୍ନ ପଞ୍ଚାୟତରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ପାରାଦୀପ ଗଡ ସରପଞ୍ଚ ମିହିର ରଞ୍ଜନ ସାହୁ, ଭୂତମୁଣ୍ଡାଇ ସରପଞ୍ଚ ଜ୍ୟୋତିର୍ମୟୀ ସ୍ୱାଇଁ, ବଗଦିଆ ସରପଞ୍ଚ ନିରୂପମା ସ୍ୱାଇଁ, କୁଜଙ୍ଗ ସରପଞ୍ଚ ଭାରତ ଭୂଷଣ ସ୍ୱାଇଁ, ମଙ୍ଗରାଜପୁର ପୂର୍ଣ୍ଣିମା ତ୍ରିପାଠୀ, ଫତେପୁର ସରପଞ୍ଚ ସ୍ନେହମୟୀ ଲେଙ୍କା ପ୍ରମୁଖ ପ୍ରକାଶ କରିଛନ୍ତି।


କୁଜଙ୍ଗ ଥାନାରେ ବର୍ଷା ପାଣି।


କୁଜଙ୍ଗର ଏକ ମନ୍ଦିରରେ ଦଳଭଙ୍ଗ ବର୍ଷା ପାଣି ପଶିଛି।





ପାରାଦୀପ ପୌର ପରିଷଦର ବିଭିନ୍ନ ଅଞ୍ଚଳରେ ବର୍ଷା ଯୋଗୁ ରାସ୍ତାଘାଟ ଓ ଘର ଚତୁଃପାର୍ଶ୍ୱରେ ପାଣି ଜମି ରହିଛି।

# ଗୋଟିଏ ଦିନରେ ୧୮୮୯ ମିମି ବର୍ଷିଲା

**ଜଗତ୍‌ସିଂହପୁର ଅଫିସ, ୬।୯**

ଜଗତ୍‌ସିଂହପୁର ଜିଲାରେ ଅତିପ୍ରବଳ ବର୍ଷା ଲାଗି ରହିଛି। ବୁଧବାର ସକାଳ ୮ରୁ ଗୁରୁବାର ସକାଳ ୮ଟା ମଧ୍ୟରେ ରେକର୍ଡ ପରିମାଣ ୧,୮୮୯ ମି.ମି. (ମିଲିମିଟର) ବର୍ଷିଛି। ଜିଲାର ଏରସମା ବ୍ଲକରେ ସବୁଠାରୁ ଅଧିକ ୪୩୫ ମି.ମି. ବର୍ଷା ରେକର୍ଡ କରାଯାଇଛି। ଏଥିଯୋଗୁ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଛି। ଲୋକେ ଘରୁ ବାହାରି ପାରୁନାହାନ୍ତି। ଅନେକ ଅଞ୍ଚଳରେ ରାସ୍ତା, ଘର ଆଦିରେ ପାଣି ଜମି ରହିଛି। କେତେକ

**■ ଏରସମାରେ ସର୍ବାଧିକ ୪୩୫ ମିଲିମିଟର**

ସ୍ଥାନରେ ମଧ୍ୟ ମାଟି ଘର ଭୁଶୁଡି ପଡିଛି। ପରିବେଶ ବିଗିଡିଯାଇଛି । ଘରେ ସାପ ଆଦି ସରିସୃପ ପଶୁଛନ୍ତି। ପାଣିପାଗ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ସକାଳ ୮ରୁ ଗୁରୁବାର ସକାଳ ୮ଟା ମଧ୍ୟରେ ଜଗତ୍‌ସିଂହପୁର ବ୍ଲକ ଅଞ୍ଚଳରେ ୧୯୫ ମି.ମି. ବର୍ଷା ରେକର୍ଡ କରାଯାଇଛି। ସେହିପରି ବିରିଡ଼ି ୧୩୩, ରଘୁନାଥପୁର ୨୧୧, ବାଲିକୁଦା ୧୪୦, ନାଉଗାଁ ୧୪୫, ତିର୍ତ୍ତୋଲ ୨୬୦, କୁଜଙ୍ଗ ୩୭୦ ଓ ଏରସମାରେ ୪୩୫ ମି.ମି. ବର୍ଷା ହୋଇଛି। ଏହି ଗୋଟିଏ ଦିନର ବର୍ଷା ପରିମାଣ ୧,୮୮୯ ମି.ମି. ହୋଇଛି। ସେହିପରି ଗତ ୧ ତାରିଖରୁ ୬ ତାରିଖ ସକାଳ ୮ଟା ଭିତରେ ଜିଲାରେ ୨,୭୧୨ ମି.ମି. ବର୍ଷା ହୋଇଥିବା ସୂଚନା ମିଳିଛି। ମାସର ପ୍ରଥମ ସପ୍ତାହ ଭିତରେ ଏତେ ବର୍ଷା ହୋଇଥିବା ବେଳେ ଆଗକୁ ମଧ୍ୟ ଜାରି ରହିବା ସମ୍ଭାବନା ରହିଛି।


ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

ରାଜ୍ୟ-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଅଧିକାଂଶ ପ୍ରାନ୍ତରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

ସ୍ଥାନୀୟ ଅଞ୍ଚଳ- ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଘଡ଼ଘଡ଼ି ସହ ବର୍ଷା ମଧ୍ୟ ହୋଇପାରେ। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୯ ଡିଗ୍ରୀ ଏବଂ ସର୍ବନିମ୍ନ ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| | ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|---|
| | ବାଲେଶ୍ୱର | ୨୭.୯ | |
| ୨୩.୨ | ଚାନ୍ଦବାଲି | ୨୫.୮ | |
| ୨୩.୬ | କଟକ | ୨୬.୪ | |
| ୨୨.୫ | ପାରାଦ୍ୱୀପ | ୨୬.୫ | |
| ୨୨.୫ | ଭୁବନେଶ୍ୱର | ୨୭.୧ | |
| ୨୪.୦ | ଗୋପାଳପୁର | ୨୭.୯ | |
| ୨୫.୦ | ପୁରୀ | ୨୭.୫ | |
| ୨୪.୩ | ଅନୁଗୋଳ | ୨୯.୧ | |
| ୨୬.୧ | ବାରିପଦା | ୨୭.୦ | |
| ୨୫.୦ | ଝାରସୁଗୁଡ଼ା | ୩୦.୨ | |
| ୨୪.୮ | କେନ୍ଦୁଝର | ୨୫.୬ | |
| ୨୨.୬ | ସମ୍ବଲପୁର | ୩୦.୪ | |
| ୨୧.୫ | ସୁନ୍ଦରଗଡ଼ | --- | ୧୯.୦ |
| | ହୀରାକୁଦ | ୩୦.୧ | |
| ୨୦.୨ | ତାଳଚେର | ୩୦.୧ | |
| ୨୪.୬ | ଭବାନୀପାଟଣା | ୨୫.୫ | |
| ୨୩.୦ | ବଲାଙ୍ଗୀର | ୨୬.୬ | |
| ୨୩.୫ | କୋରାପୁଟ | ୨୨.୦ | |
| ୧୮.୬ | ଫୁଲବାଣୀ | --- | |
| ୧୯.୦ | ଟିଟିଲାଗଡ଼ | ୨୭.୦ | |
| ୨୦.୫ | ମାଲକାନଗିରି | ୨୯.୦ | |
| ୨୪.୮ | ସୋନପୁର | ୨୬.୪ | |
| ୨୨.୨ | ଦାରିଙ୍ଗିବାଡ଼ି | ୨୧.୦ | ୧୭.୫ |
| | ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ପାରାଦୀପ ଜଳାର୍ଣ୍ଣବ

**ପାରାଦୀପ, ୬।୯ (ସ୍ୱ.ପ୍ର.)**

**■୩୬ ଘଣ୍ଟା ଅବିଶ୍ରାନ୍ତ ବର୍ଷା, ୪୧୨ ମିମି ରେକର୍ଡ**
**■ମହାବାତ୍ୟାଠୁ ବଳିଗଲା ବର୍ଷାର ମାତ୍ରା**
**■ଯୁଦ୍ଧକାଳୀନ ଭିତ୍ତିରେ ଜଳ ନିଷ୍କାସନ ବ୍ୟବସ୍ଥା**
**■ଅଗ୍ନିଶମ, କୋଷ୍ଟଗାର୍ଡ, ପୌରପାଳିକା, ବନ୍ଦର ପ୍ରଶାସନ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି**

ପାରାଦୀପ ତଥା ଆଖପାଖ ଅଞ୍ଚଳରେ ମଙ୍ଗଳବାର ମଧ୍ୟରାତ୍ରିରୁ ଅନବରତ ବର୍ଷା ଲାଗିରହିଛି। ଏହାର ପ୍ରଭାବରେ ସବୁ ଅଞ୍ଚଳ ଜଳାର୍ଣ୍ଣବ ହୋଇଯାଇଛି। ରାସ୍ତା, ବଜାର, କଲୋନୀ, ବସ୍ତି, ବନ୍ଦର ନିଷିଦ୍ଧାଞ୍ଚଳ, ଗ୍ରାମ ଭିତର, ଚାଷ ଜମି ଆଦି ଏକାକାର ହୋଇଛି। ପାରାଦୀପରେ ବୁଧବାର ସକାଳ ୮ରୁ ଗୁରୁବାର ସକାଳ ୮ ମଧ୍ୟରେ ରେକର୍ଡ ପରିମାଣ ୪୧୨ ମିମି ବର୍ଷା ହୋଇଥିବା ପାଣିପାଗ ବିଭାଗ ବିଶେଷଜ୍ଞ ତପନ କୁମାର ଦାଶ କହିଛନ୍ତି। ସନ୍ଧ୍ୟାରେ ବନ୍ଦର ଓ ପୌର ପ୍ରଶାସନ ପକ୍ଷରୁ ପାଣି ଘେରରେ ରହିଥିବା ଲୋକଙ୍କୁ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଇଛି। କେତେକ ସ୍ଥାନରେ ଗଛ ଉପୁଡି ପଡିବା ଯୋଗୁ ରାସ୍ତା ଅବରୋଧ ହୋଇଛି। ମାଟି ତଳେ ବିଦ୍ୟୁତ୍ କେବୁଲରେ ବିଭ୍ରାଟ ଯୋଗୁ ଅଧିକାଂଶ କଲୋନୀରେ ବିଦ୍ୟୁତ କଟିଯାଇଛି। ରାସ୍ତାରେ ଗାଡି ଚଳାଚଳ ଏକପ୍ରକାର ଠପ ହୋଇଯାଇଛି। ଅଧିକାଂଶ ସ୍ଥାନରେ ଗାଡିଗୁଡିକ ପାଣିରେ ବୁଡ଼ି ରହିଛି। ବସ୍ତିରେ ଥିବା ଝୁମ୍ପୁଡ଼ି ଘରର ମାଟି କାନ୍ଥ ସବୁ ଭୁଶୁଡି ପଡିଛି। ତଳିଆ ଘରେ ପାଣି ପଶି ଆସବାବପତ୍ର, ଖାଦ୍ୟ ସାମଗ୍ରୀ ସବୁ ପାଣିରେ ଭାସୁଛି। ପାରାଦୀପ ଉପକଣ୍ଠ ନୂଆଗଡ, ମୂଷାଡିଆ, ଗଡ, ରଙ୍ଗିଆଗଡ, ବିଜୟଚନ୍ଦ୍ରପୁର, ଉଦୟବିହାର, ଅଠରବାଙ୍କି, ଲକ୍‌ପଡା, ନୂଆବଜାର, ମଧୁବନ ଆଦି ଅଞ୍ଚଳରେ ଲୋକେ ଘରୁ ବାହାରି ପାରୁନାହାନ୍ତି। ବନ୍ଦର ଭିତରେ ପଣ୍ୟ କାରବାର ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ଲୋକଙ୍କୁ ଉଦ୍ଧାର ପାଇଁ କୋଷ୍ଟଗାର୍ଡ ପକ୍ଷରୁ ଉଦ୍ୟମ ଚାଲିଛି। ଛୋଟ ଡଙ୍ଗା ଦ୍ୱାରା କଲୋନୀ ଭିତରେ ପାଟ୍ରୋଲିଂ କରାଯାଉଛି। ପାରାଦୀପ ବନ୍ଦର ଅଧ୍ୟକ୍ଷ ରିଙ୍କେଶ ରାୟ ନିଜେ ବନ୍ଦରାଞ୍ଚଳ ବୁଲି ଅନୁଧ୍ୟାନ କରିବା ପରେ ପାଣି ନିଷ୍କାସନ ପାଇଁ ତୁରନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏପରିକି ଅଧିକାଂଶ ସ୍ଥାନରେ ରାସ୍ତା କଟାଯାଇ ପାଣି ନିଷ୍କାସନ କରାଯାଉଛି। ତୁରନ୍ତ ସହାୟତା ପାଇଁ ଦୁଇଟି ଜରୁରୀକାଳୀନ ନମ୍ବର ସୋସିଆଲ ମିଡିଆରେ ସାର୍ବଜନୀନ କରାଯାଇଛି। ପୌରପାଳିକା ପକ୍ଷରୁ କ୍ରେନ୍ ଯୋଗେ ରାସ୍ତାରୁ ଗଛ ଅପସାରଣ କରାଯାଇଛି ଏବଂ ଡ୍ରେନ୍ ଖୋଲି ପାଣି ନିଷ୍କାସନ କରାଯାଉଛି। ଏଭଳି ବର୍ଷା ପାରାଦୀପ ଇତିହାସରେ ପ୍ରଥମ ବୋଲି ଶିବ ବିଶ୍ୱାଳ କହିଛନ୍ତି। ସମୁଦ୍ର ବେଳାଭୂମି ବାଲିଯାତ୍ରା ପଡିଆରେ ବାଲିଥିବା ସତ୍ତ୍ୱେ ସେଠାରେ ବନ୍ୟାଭଳି ସ୍ଥିତି ଦେଖିବାକୁ ମିଳିଛି। ଅବିଶ୍ରାନ୍ତ ବର୍ଷା ଯୋଗୁ ଦୋକାନବଜାର, ସ୍କୁଲ କଲେଜ ବନ୍ଦ ହୋଇଯାଇଛି।


ବାଲିଆରେ ଲୋକେ ବର୍ଷା ପାଣିରେ ପଶି ଯାତାୟାତ କରୁଛନ୍ତି।


ରାହାମା ଅଞ୍ଚଳରେ ପାଣି ଘେରରେ ଥିବା ପରିବାର।



ଜୀବନର ପ୍ରାଚୁର୍ଯ୍ୟ ଯେଉଁଠାରେ ନାହିଁ,
ସେଠାରେ ଆଧାତ୍ମିକ ଜ୍ଞାନ ସମ୍ଭବ ହେବ ନାହିଁ।
- ସ୍ୱାମୀ ବିବେକାନନ୍ଦ



# ଲଗାଣ ବର୍ଷାରେ ଯାଜପୁର ଜିଲା ବେହାଲ

ଯାଜପୁର ଅଫିସ,୬ା୯

କୌଣସି ନଦୀର ଉଚ୍ଛୁଳା ବନ୍ୟାଜଳ ନୁହେଁ, ବରଂ ବୁଧବାର ଓ ଗୁରୁବାର ଲଗାଣ ବର୍ଷା ଯୋଗୁ ଜିଲାସାରା ଅଭୂତପୂର୍ବ ବନ୍ୟା ବିପ୍ଲାତର ସ୍ଥିତି ସୃଷ୍ଟି ହୋଇଛି। ଡ୍ରେନେଜ ବିଭାଗର ଅଦୂରଦର୍ଶିତା ଓ ଦୁର୍ନୀତିଖୋର ମନୋଭାବ ଯୋଗୁ ବର୍ଷା ଜଳ ସହଜରେ ନିଷ୍କାସନ ହୋଇ ନ ପାରି ଏଭଳି ପରିସ୍ଥିତି ଦେଖା ଦେଇଥିବା ଅଭିଯୋଗ ହୋଇଛି। ଗୁରୁବାର ପୂର୍ବାହ୍ନ ୯ସୁଦ୍ଧା ଗତ ୨୪ ଘଣ୍ଟାରେ ଜିଲାରେ ହାରାହାରି ୧୩୭ ମିମି ବର୍ଷା ରେକର୍ଡ କରାଯାଇଛି। ଏହାସହ ଗୁରୁବାର ପୂର୍ବାହ୍ନ ୯ଟାରୁ ଅପରାହ୍ନ ୪ଟା ସୁଦ୍ଧା ଜିଲାରେ ହରାହାରି ୬୦.୯ ମିମି ବର୍ଷା ହୋଇଛି। ଫଳରେ ବୈତରଣୀ ନଦୀର ଆଖୁଆପଦାଠାରେ ବିପଦ ସଙ୍କେତ ୧୭.୮୩ ମିଟର ଊର୍ଦ୍ଧ୍ୱରେ ୧୭.୯୪ ମିଟର ବନ୍ୟା ଜଳ ପ୍ରବାହିତ ହେଉଛି। ଏହାବାଦ ଆନନ୍ଦପୁର, ବଲ୍ଲଭିଘାଟ ଓ ଦଶରଥପୁରରେ ବିପଦସଙ୍କେତ ନିକଟରେ ଜଳ ପ୍ରବାହିତ ହେଉଛି। ବ୍ରାହ୍ମଣୀ ଓ ଖରସ୍ରୋତା ନଦୀର ଜଳପତ୍ତନ ମଧ୍ୟ ବିପଦସଙ୍କେତ ପାଖରେ ରହିଛି। ଫଳରେ ଜିଲାର ପ୍ରାୟ ୧ଲକ୍ଷ ୧୭ ହଜାର ଧାନକ୍ଷେତରେ ଖରିଫ ଫସଲ ବୁଡ଼ି ରହିଛି। ଗତ ସପ୍ତାହ ହେଲା ଲଗାଣ ବର୍ଷା ଚାଷୀକୁଳ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି । କ୍ଷେତରେ ଧାନଗଛ ସବୁ ପଚି ଯିବାର ଆଶଙ୍କା ସୃଷ୍ଟି କରିଛି । ଅନ୍ୟପକ୍ଷେ କିଛି ସ୍ଥାନରେ ମାଟିଘରଗୁଡିକ ବୁଡୁରି କାନ୍ଥ ପଡ଼ି ଯାଇଥିବା ସୂଚନା ମିଳିଛି ।

ଜିଲାର ୧୦ଟି ବ୍ଲକ ଅଞ୍ଚଳରେ ସରକାରୀ ଭାବେ ସେପ୍ଟେମ୍ବର ମାସର ସ୍ୱାଭାବିକ ବର୍ଷା ୨୩୮ ମି.ମି. ରହିଛି। ହେଲେ ଏହି ୫ଦିନ ମଧ୍ୟରେ ଜିଲାରେ ସ୍ୱାଭାବିକ ବର୍ଷା ଅତିକ୍ରମ କରି ୩୫୩.୭୮ ମି.ମି ବର୍ଷା ରେକର୍ଡ କରାଯାଇଛି। ଗତ ୧ତାରିଖରେ ସର୍ବାଧିକ ହରାହାରି ୧୪୪.୮୪ ମିମି ବର୍ଷା ରେକର୍ଡ କରାଯାଇଥିଲା। ୨ ତାରିଖରେ ସାମାନ୍ୟ ହ୍ରାସ ପାଇ ହାରାହାରି ୬୯ ମିମି ବର୍ଷା ହୋଇଥିଲା। ତେବେ ୩, ୪ ଓ ୫ ତାରିଖ ମଧ୍ୟରେ ମାତ୍ର ୨.୯୪ ମିମି ବର୍ଷା ହୋଇଛି। କିନ୍ତୁ ଗତ ଦୁଇଦିନ ହେଲା ବାଦଲଫଟା ବର୍ଷା ଜନଜୀବନକୁ ଅସ୍ତବ୍ୟସ୍ତ କରି ଦେଇଛି। ଏହି ୬ ଦିନରେ ଗୁରୁବାର ଅପରାହ୍ନ ୫ଟା ସୁଦ୍ଧା ବିଞ୍ଝାରପୁର ବ୍ଲକରେ ସର୍ବାଧିକ ୬୦୩ ମିମି ବର୍ଷା ରେକର୍ଡ ହୋଇଛି। ତେବେ ଏହି ବ୍ଲକରେ ବର୍ଷା ଜଳକୁ ସହଜରେ ନିଷ୍କାସନ ପାଇଁ ଡ୍ରେନେଜ ବିଭାଗ ପକ୍ଷରୁ ଗତ ୧୦ବର୍ଷ ମଧ୍ୟରେ ପ୍ରାୟ ୬୦ କୋଟି ଟଙ୍କା ଖର୍ଚ୍ଚ କରିଛି। କିନ୍ତୁ ରାଜନୈତିକ ହସ୍ତକ୍ଷେପ ଏବଂ ଅଧିକାରୀଙ୍କ ଦୁର୍ନୀତିଖୋର ମନୋଭାବ ଯୋଗୁ ଡ୍ରେନେଜ କାର୍ଯ୍ୟ ଲୋକଙ୍କ ପାଇଁ କାଳ ହୋଇଛି। ଏହି ବ୍ଲକର ୭ ହଜାର ହେକ୍ଟର ଜମିରେ ଗତ ୧୫ଦିନ ହେଲା ବର୍ଷା ପାଣି ଜମି ରହିଛି । ତ୍ରୁଟିପୂର୍ଣ୍ଣ ଡ୍ରେନେଜ ନିର୍ମାଣ ଯୋଗୁ ବର୍ଷା ପାଣି ସମୁଦ୍ରକୁ ଉପଯୁକ୍ତ ଭାବେ ନିଷ୍କାସନ ହୋଇ ନ ପାରି ଏଭଳି ପରିସ୍ଥିତି ଦେଖା ଦେଇଛି । ପୂର୍ବରୁ ଏହି ବ୍ଲକରେ ପ୍ରାକୃତିକ ନାଳଗୁଡିକ ଦ୍ୱାରା ବର୍ଷା ପାଣି ନିଷ୍କାସିତ ହୋଇ ପାରୁଥିଲା । କିନ୍ତୁ ଡ୍ରେନେଜ ବିଭାଗ ଦ୍ୱାରା ଆମ୍ବନାଳ, ଗାଗରପାଟିଆ, ଖଡିଆନାଳ, ତେଣ୍ଡାନାଳ, ଗଣ୍ଡାନାଳ, ଖରିଆନାଳ ଆଦି ୧୦ରୁ ଊର୍ଦ୍ଧ୍ୱ ନାଳର ଉନ୍ନତିକରଣ ପରେ ବିଞ୍ଝାରପୁରବାସୀ ଅଧିକ ବନ୍ୟା ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି । ଏଥିରୁ ଡ୍ରେନେଜ ବିଭାଗରେ ବ୍ୟାପକ ଦୁର୍ନୀତି ହୋଇଥିବା ମନେ ହେଉଛି। କେବଳ ବିଞ୍ଝାରପୁର ବ୍ଲକ ନୁହେଁ ରସୁଲପୁର, ବରୀ, ବଡଚଣା, ଧର୍ମଶାଳା ବ୍ଲକ ଅଞ୍ଚଳରେ ଡ୍ରେନେଜ ବିଭାଗର ଅଦୂରଦର୍ଶିତା କାର୍ଯ୍ୟ ଯୋଗୁ ଚାଷୀ ତଳିତଳାନ୍ତ ହେଉଥିବା ଦେଖିବାକୁ ମିଳିଛି। ଏହି କ୍ରମରେ ଗୁରୁବାର ବୈତରଣୀ ନଦୀର ଆଖୁଆପଦାରେ ବିପଦସଙ୍କେତ ୧୭.୮୧ ମିଟରରୁ ଊର୍ଦ୍ଧ୍ୱ ୧୭.୯୪ ମିଟର ଉଚ୍ଚରେ ବନ୍ୟାପାଣି ପ୍ରବାହିତ ହେଉଛି। ଏହାସହ ବଲ୍ଲଭିଘାଟରେ ବିପଦସଙ୍କେତ ୧୩.୩୪ ମିଟର ସ୍ଥଳେ ୧୨.୪୮ ମିଟର, ଦଶରଥପୁରଠାରେ ୯.୫୨ ମିଟର ସ୍ଥଳେ ୯.୫୦ ମିଟର ଉଚ୍ଚରେ ପାଣି ପ୍ରବାହିତ ହେଉଛି । ଏଥିଯୋଗୁ ଦଶରଥପୁର ଓ ବିଞ୍ଝାରପୁର ବ୍ଲକରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ବ୍ରାହ୍ମଣୀ ନଦୀର ପଙ୍କପାଳଠାରେ ବିପଦସଙ୍କେତ ୨୩ ମିଟର ସ୍ଥଳେ ୨୧.୧୪ ମିଟର ଓ ଜେନାପୁରଠାରେ ବିପଦସଙ୍କେତ ୬୭ ଫୁଟ ସ୍ଥଳେ ୬୨.୪୦ ଫୁଟ ଉଚ୍ଚରେ ପାଣି ବୋହୁଛି। ଖରସ୍ରୋତାର ବିଞ୍ଝାରପୁରଠାରେ ବିପଦସଙ୍କେତ ୧୦.୩୦ମିଟର ସ୍ଥଳେ ୯.୫୦ ମିଟର ଓ ସିଂହପୁରଠାରେ ୬.୭୨ ମିଟରସ୍ଥଳେ ୬.୨୦ ମିଟର ବନ୍ୟାଜଳ ପ୍ରବାହିତ ହେଉଛି। ଗୁରୁବାର ୯ଟା ସୁଦ୍ଧା ଜିଲାର ବିଞ୍ଝାରପୁରଠାରେ ସର୍ବାଧିକ ୨୪୨ ମିମି ବର୍ଷା ରେକର୍ଡ କରାଯାଇଛି। ଏହାବାଦ ଉପରମୁଣ୍ଡରେ କେନ୍ଦୁଝରରେ ୪୪.୮୦ ମିମି, ଚମ୍ପୁଆରେ ୩.୬ ମିମି, ଏସ.ପାଟଣାରେ ୪୮ ମିମି, ଠାକୁରମୁଣ୍ଡାରେ ୪୮.୬୦ ମିମି ଓ ଆଖୁଆପଦାରେ ୧୨୪.୩ ମିମି ବର୍ଷା ରେକର୍ଡ ହୋଇଛି। ବୈତରଣୀ ଓ ଖରସ୍ରୋତାର ଜଳପତ୍ତନ କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି ବୋଲି ଜିଲା ଜରୁରୀକାଳୀନ ବିଭାଗ ପକ୍ଷରୁ ସୂଚିତ କରାଯାଇଛି।



- ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥା ଯୋଗୁ ନିଷ୍କାସନ ହୋଇପାରୁନି ବର୍ଷା ଜଳ
- ଗତ ୬ ଦିନରେ ବିଞ୍ଝାରପୁରରେ ସର୍ବାଧିକ ୬୦୩ ମିମି ବର୍ଷା
- ବୈତରଣୀ ନଦୀ ଆଖୁଆପଦାରେ ବିପଦସଙ୍କେତ ଟପିଲା

## ସଂକ୍ଷେପରେ

### ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

କୋରେଇ,୬ା୯(ସ୍ୱ.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥର ଷଠିପୁର ନିକଟସ୍ଥ ସାରଦା ମହାନ୍ତି ପୋଲ ନିକଟରେ ରାସ୍ତା କଡରୁ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଗୁରୁବାର ସକାଳୁ ମୃତଦେହ ରାସ୍ତାକଡ ପୋଲ ନିକଟରେ ପଡିଥିବା ଲୋକମାନେ ଦେଖିବାକୁ ପାଇଥିଲେ। ଘଟଣାସ୍ଥଳେ ପାଣିକୋଇଲି ଥାନା ଅଧିକାରୀ ଅଜୟ କୁମାର ଜେନା ପହଞ୍ଚି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ମୃତବ୍ୟକ୍ତିଙ୍କ ପରିଚୟ ମିଳି ନ ଥିବା ବେଳେ ସେ ଜଣେ ମାନସିକ ଅନଗ୍ରସର ବ୍ୟକ୍ତି ବୋଲି ଅନୁମାନ କରାଯାଉଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

### କାଚରାସାହି ପଞ୍ଚାୟତ କାର୍ଯ୍ୟାଳୟରେ ପଶିଲା ପାଣି

କୋରେଇ,୬ା୯(ସ୍ୱ.ପ୍ର): କୋରେଇ ବ୍ଲକରେ ଲଗାଣ ବର୍ଷା ଯୋଗୁ ବିଭିନ୍ନ ସ୍ଥାନ ଜଳମଗ୍ନ ହୋଇ ରହିଛି। କାହା ଘରେ ଓ ଦୋକାନରେ ପାଣି ପଶିଯାଇଥିବା ବେଳେ କାଚରାସାହି ଗ୍ରାମ ପଞ୍ଚାୟତର ଅସ୍ଥାୟୀ କାର୍ଯ୍ୟାଳୟରେ ବର୍ଷା ଜଳ ପଶି ପଞ୍ଚାୟତର ବିଭିନ୍ନ ଦରକାରୀ କାଗଜପତ୍ର ନଷ୍ଟ ହୋଇଯାଇଛି। ଅସ୍ଥାୟୀ ଗୃହରେ ପଞ୍ଚାୟତ କାର୍ଯ୍ୟାଳୟ ଚାଲିଥିବା ବେଳେ ସେଠାରେ ପାଣି ପଶୁଛି ଓ ଭତ୍ତା ପାଇଁ ଆସୁଥିବା ବୃଦ୍ଧାବୃଦ୍ଧ, ବିଧବା ଓ ଦିବ୍ୟାଙ୍ଗଙ୍କୁ ଖରାରେ ଅପେକ୍ଷା କରିବାକୁ ପଡୁଛି। ପଞ୍ଚାୟତ କାର୍ଯ୍ୟାଳୟ କାଚରାସାହିଠାରେ ନ କରି କାଚରାସାହିଠାରୁ ଦୂରରେ ଥିବା ଅନ୍ୟ ଏକ ଗ୍ରାମ ନିକଟରେ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ପାଇଁ ଶାସକ ଦଳର ମସୁଧା ଚାଲିଥିବାରୁ ଏଯାବତ୍ ସ୍ଥାୟୀ କାର୍ଯ୍ୟାଳୟ ନିର୍ମାଣ ହୋଇପାରି ନ ଥିବା କୁହାଯାଉଛି।

### ଚୋରା ବିଦେଶୀ ମଦ, ଆଲୁମିନିୟମ ତାର ଜବତ



ଧର୍ମଶାଳା/ଜେନାପୁର, ୬ା୯(ଡି.ଏନ.ଏ.): ଯାଜପୁର ଜିଲା ଜେନାପୁର ଥାନା ଅନ୍ତର୍ଗତ ମର୍ଜିତାପୁର ଗ୍ରାମର ଜଣେ ମଦ ବ୍ୟବସାୟୀଙ୍କୁ ଜେନାପୁର ଥାନା ପୁଲିସ ଗିରଫ କରି ଗୁରୁବାର କୋର୍ଟଚାଲଣ କରିଛି । ସେହିପରି ଅନ୍ୟ ଦୁଇ ଘଟଣାରେ ଆଲୁମିନିୟମ ତାର ଓ ବେଟେରୀ ଜବତ କରି ଏଥିରେ ସଂପୃକ୍ତ ୨ ଜଣଙ୍କୁ ଗିରଫ କରାଯାଇଛି । ମର୍ଜିତାପୁର ଗ୍ରାମର ଗୁରିଆ ମଲିକ କବାଟବନ୍ଧ ବ୍ରିଜ୍ ଠାରୁ ନଦୀବନ୍ଧ ରାସ୍ତା ଦେଇ ଏକ ମୋଟର ସାଇକେଲ ଯୋଗେ ରାଇଛନ୍ଦା ଯାଉଥିବା ସମୟରେ ଜେନାପୁର ପୁଲିସ ଭୋର ୬ଟା ରେ ଅଚାନକ ଚଢଉ କରି ତାଙ୍କ ପାଖରୁ ୧୯୨ ବୋତଲ ବିଦେଶୀ ମଦ ଜବତ କରିଥିଲେ । ଏନେଇ ଜେନାପୁର ଥାନାରେ କେସ୍ ନଂ ୨୨୮/୨୦୧୮ ରେ ଏକ ମାମଲା ରୁଜୁ କରି କୋର୍ଟଚାଲାଣ କରିଥିବା ଜଣା ପଡିଛି। ସେହିପରି ବାରକଣା ଗ୍ରାମର ଦିପୁ ସାହୁ ଓରଫ ପବନା(୩୨) ଷ୍ଟିଲ୍ ପ୍ଲାଣ୍ଟରୁ ୪୦ କି.ଗ୍ରା. ଆଲୁମିନିୟମ ତାର ଚୋରିକରି ଆଣି ବ୍ରାହ୍ମଣୀ ବ୍ରିଜ୍‌ଠାରେ ପୋଡୁଥିବା ସମୟରେ ଜେନାପୁର ପୁଲିସ ହାତରେ ଧରା ପଡିଛନ୍ତି। ତାଙ୍କୁ ଗିରଫ କରିବା ସହ ୨ଟି ଟ୍ରାକ୍ଟର ବ୍ୟାଟେରୀ ମଧ ଜବତ କରିଥିଲେ । ଏନେଇ ୨୨୭/୨୦୧୮ ନମ୍ବର କେଶରେ ଏକ ମାମଲା ରୁଜୁ କରି କୋର୍ଟଚାଲାଣ କରାଯାଇଛି।

### ଦାମୀ ବାଇକ୍ ସହ ଟଙ୍କା ଲୁଟ୍

ରସୁଲପୁର,୬ା୯(ଡିଏନଏ): ରସୁଲପୁର ବ୍ଲକର ବ୍ରହ୍ମବରଦା ଫାଣ୍ଡି ଅଧୀନ ବ୍ରହ୍ମବରଦା ପଞ୍ଚାୟତ ବଉଳାଘାଇ ଦାଣ୍ଡିର ୱାର୍ଡ ନଂ-୩ସ୍ଥିତ ସେକ୍ ଇପୋଙ୍କ ଘରୁ ବୁଧବାର ବିଳମ୍ବିତ ରାତିରେ ଚୋରି ହୋଇଯାଇଥିବା ଜଣାପଡ଼ିଛି। ଖବରପାଇ ପୋଲିସ ଗୁରୁବାର ତଦନ୍ତ ଆରମ୍ଭ କରିଛି। ଦୁର୍ବୃତ୍ତମାନେ ଘରର ତାଲା ଭାଙ୍ଗି ଘରୁ ୧ଲକ୍ଷ ୩୫ହଜାର ଟଙ୍କା ମୂଲ୍ୟର ବାଇକ୍‌କୁ ଚୋରି କରିନେଇଛନ୍ତି । ଏଥିସହ ସେମାନେ ଘର ଆସବାସପତ୍ରକୁ ଭଙ୍ଗାରୁଜା କରିବା ସହ ବାକ୍ସରେ ଥିବା ୫ହଜାର ଟଙ୍କା ଓ ମୂଲ୍ୟବାନ କାଗଜପତ୍ର ନେଇଯାଇଛନ୍ତି। ଏ ସମ୍ପର୍କରେ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇ ନ ଥିବା ବେଳେ ପୋଲିସ ଖବର ପାଇ ତଦନ୍ତ ଆରମ୍ଭ କରିଛି। ସୂଚନା ଥାଉକି, ଇପୋ ସାଉଦିରେ ଚାକିରି କରିଛନ୍ତି। ତାଙ୍କ ମା' ଡୋରା ବିବି ଏକୁଟିଆ ଘରେ ରହୁଛନ୍ତି। ବୃଦ୍ଧା ଏକୁଟିଆ ରହୁଥିବା ଯୋଗୁ ଚୋର ଚୋରି କରିବାରେ ସଫଳ ହୋଇଥିଲେ।

## ବର୍ଷାର ତାଣ୍ଡବ: ୨୪୨ ମି.ମି. ବର୍ଷା ରେକର୍ଡ

ବିଞ୍ଝାରପୁର,୬ା୯(ଡି.ଏନ.ଏ)

**ବିଞ୍ଝାରପୁର ବ୍ଲକ**
- ମହାବୃକ୍ଷ ଉପୁଡ଼ି ଯାଜପୁର-ସିଂହପୁର ରାସ୍ତା ଅବରୋଧ
- ଭୁଶୁଡିଲା ୨ଶହରୁ ଊର୍ଦ୍ଧ୍ୱ ମାଟିଘର
- କାନ୍ଥ ପଡି ୬ ଆହତ

ବିଞ୍ଝାରପୁରରେ ଗତ ୪୮ ଘଣ୍ଟାରେ ବର୍ଷାର ତାଣ୍ଡବ ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ଗତ ୨୪ଘଣ୍ଟାରେ ବିଞ୍ଝାରପୁର ବ୍ଲକରେ ୨୪୨ମି.ମି. ବର୍ଷା ରେକର୍ଡ କରାଯାଇଛି। ଫାଇଲିନ ପରେ ଏହା ବିଞ୍ଝାରପୁର ବ୍ଲକର ସର୍ବକାଳୀନ ବର୍ଷା ହୋଇଥିବା ରେକର୍ଡରୁ ଜଣାପଡିଛି। ପ୍ରବଳ ବର୍ଷା ଯୋଗୁ ଯାଜପୁର-ସିଂହପୁର ରାସ୍ତାର ମଇଁଦାଠାରେ ଥିବା ଏକ ବୃହତ୍ ବରଗଛ ଉପୁଡି ପଡିଥିଲା। ଫଳରେ ଏହି ରାସ୍ତାଟି ୪ଘଣ୍ଟା ଧରି ଅବରୋଧ ରହିଥିଲା। ଯାଜପୁରରୁ ଅଗ୍ନିଶ୍ରମ ବିଭାଗ ଦ୍ୱାରା ଗଛଟିକୁ କଟାଯିବା ପରେ ଯାନବାହନ ଏହି ରାସ୍ତାରେ ଯିବାଆସିବା କରିଥିଲା। ସେହିପରି ବିଞ୍ଝାରପୁର ବ୍ଲକର ରଣପୁର, କପିଳା, ମାଁସଡା, ଟିଣା, ବରପଦା, ଚିକଣା, ବିଞ୍ଝାରପୁର, କଲ୍ୟାଣପୁର, ସୟଦପୁର, କପିଳା, ଅରେଇ, ଚିକଣା, ଫତେପୁର, ମାଁସଡା ଆଦି ପଞ୍ଚାୟତରେ ଘରେ ଘରେ ପାଣି ପଶିଥିବା ଦେଖିବାକୁ ମିଳିଛି। ଏପରିକି ଏହି ବ୍ଲକର ୨ଶହରୁ ଊର୍ଦ୍ଧ୍ୱ କଚ୍ଚାଘର ଭାଙ୍ଗିବା ସହ ୬ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଥିବା ଜଣାପଡିଛି। ବିଞ୍ଝାରପୁର ବ୍ଲକର ପଦ୍ମନାଭ ସାମଲ, ଶିଶିର ସାମଲ, ହରିଶ୍ଚନ୍ଦ୍ର ଘଡେଇ, ରମେଶ ସାମଲଙ୍କ ସମେତ ୨ଶହରୁ ଊର୍ଦ୍ଧ୍ୱ ଲୋକଙ୍କ ଘର ଭାଙ୍ଗିଥିବା ଜଣାପଡିଛି। ବିଞ୍ଝାରପୁର ତହସିଲଦାର ଶୁଭ୍ରବାଳା ବେହେରା ଓ ଅତିରିକ୍ତ ତହସିଲଦାର ଚକ୍ରଧର ପାଢୀ ପ୍ରମୁଖ କ୍ଷତିଗ୍ରସ୍ତ ଗ୍ରାମ ବୁଲି ଦେଖିଥିବା ଜଣାପଡିଛି। ସେହିପରି ବିଞ୍ଝାରପୁର ବ୍ଲକର ପଦ୍ମନାଭ ସାମଲ, ଶିଶିର ସାମଲଙ୍କ ସମେତ ୬ଜଣ ବ୍ୟକ୍ତି କାନ୍ଥ ପଡିବା ଯୋଗୁ ଆହତ ହୋଇଥିବା ଜଣାପଡିଛି। ବିଞ୍ଝାରପୁର ବ୍ଲକର ଅନୂନ୍ୟ ୭ହଜାର ହେକ୍ଟର ଚାଷଜମି ଜଳମଗ୍ନ ହୋଇଛି ବୋଲି ସହକାରୀ କୃଷି ଅଧିକାରୀ ରଘୁନାଥ ଜେନା ସୂଚନା ଦେଇଛନ୍ତି। ବ୍ଲକର ବରପଦା, କପିଳା, ଚିକଣା, ମାଁସଡା, ଟିଣା, ଫତେପୁର, ଚିଣା, ବରପଦା, ପ୍ରୀତିପୁର, ମଥଳକୁଣ୍ଡ ଆଦି ପଞ୍ଚାୟତରେ ଚାଷଜମି ସବୁ ଜଳମଗ୍ନ ହୋଇଥିବା ଜଣାପଡିଛି। ସେହିପରି ଶତାଧିକ ଲୋକଙ୍କ ଘର ଭାଙ୍ଗି ଯାଇଥିବାରୁ ତହସିଲଦାରଙ୍କ କାର୍ଯ୍ୟାଳୟରେ ଶତାଧିକ କ୍ଷତିଗ୍ରସ୍ତ ଲୋକ ପଲିଥିନ ପାଇଁ ଅଡି ବସିଥିବା ଦେଖିବାକୁ ମିଳିଛି। ସେହିପରି ଲଗାଣ ବର୍ଷା ଯୋଗୁ ଖରସ୍ରୋତାରେ ବନ୍ୟା ଜଳ ପରିସ୍ଥିତିକୁ ଆହୁରି ଗମ୍ଭୀର କରିଛି। ଖରସ୍ରୋତାରେ ବନ୍ୟାଜଳ ପ୍ରବେଶ ଯୋଗୁ ବ୍ଲକର ନରଣପୁର, ରଣପୁର, କଣ୍ଟିପୁର, ଅରଗାଳକଟ ଆଦି କେତେକ ଗ୍ରାମରେ ବନ୍ୟାଜଳ ପ୍ରବେଶ କରିଛି। ବୁଧବାର ଓ ଗୁରୁବାର ଲଗାଣ ବର୍ଷା ଜାରି ରହିଥିବା ବେଳେ ଶତାଧିକ ବ୍ୟକ୍ତିଙ୍କ ଘରେ ପାଣି ପଶିଥିବା ଦେଖିବାକୁ ମିଳିଛି। ବନ୍ୟା ବିପ୍ଲାତ ଯୋଗୁ ତହସିଲ କାର୍ଯ୍ୟାଳୟରେ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ ଖୋଲା ଯାଇଥିବା ଦେଖିବାକୁ ମିଳିଛି।

## ଶିକାର କରିବାକୁ ଯାଇ ନଦୀରେ ଭାସିଗଲେ ବ୍ୟକ୍ତି

ରସୁଲପୁର,୬ା୯(ଡିଏନଏ)

ରସୁଲପୁର ବ୍ଲକ ଅନ୍ତର୍ଗତ ଓଡ଼ିଶୋ ପଞ୍ଚାୟତ ଅରତି-କୁସୁନପୁର ଗ୍ରାମ ଆଦିବାସୀ ବସ୍ତିର ଜଣେ ବ୍ୟକ୍ତି ଗୁରୁବାର ଅପରାହ୍ନରେ ବ୍ରାହ୍ମଣୀ ନଦୀରେ ଭାସିଯାଇ ନିଖୋଜ ହୋଇଯାଇଛନ୍ତି। ନିଖୋଜ ବ୍ୟକ୍ତି ଯୁଜିଆ ମୁଣ୍ଡା(୫୫) ହୋଇଥିବା ବେଳେ ସେ ଠେକୁଆ ଶିକାର କରିବାକୁ ଯାଇ ଫେରୁଥିବା ବେଳେ ନଦୀରେ ଭାସି ଯାଇଥିଲେ। ଆଦିବାସୀ ବସ୍ତିର ଲୋକେ ନିଖୋଜ ବ୍ୟକ୍ତିଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ତାଙ୍କୁ ଠାବ କରିବାରେ ବିଫଳ ହେଉଛନ୍ତି । ଏ ସମ୍ପର୍କରେ ଖବରପାଇ ରସୁଲପୁର ଦମକଳ ବାହିନୀ ସନ୍ଧ୍ୟାରେ ଘଟଣାସ୍ଥଳରେ ପହଞ୍ଚି ଥିଲା। ତୁହାକୁ ତୁହା ବର୍ଷା ସାଙ୍ଗକୁ ଅନ୍ଧାର ରାତି ଯୋଗୁ ଉଦ୍ଧାର କାର୍ଯ୍ୟରେ ବାଧା ଉପୁଜିଛି। ଖବର ଲେଖା ହେବା ପର୍ଯ୍ୟନ୍ତ ବ୍ୟକ୍ତିଙ୍କ କୌଣସି ପତ୍ତା ମିଳି ନ ଥିଲା।

## ରାଜ୍ୟସ୍ତରୀୟ ଗୁରୁ ସମ୍ବର୍ଦ୍ଧନା ସମାରୋହ

# ଯାଜପୁରର ୨୭ ଆଦର୍ଶ ଗୁରୁ ସମ୍ମାନିତ



ଗୁରୁ ସମ୍ବର୍ଦ୍ଧନା ସମାରୋହରେ ମଞ୍ଚାସୀନ ଅତିଥି।

ଯାଜପୁର ଅଫିସ,୬ା୯

ଉତ୍ତମ ଶିକ୍ଷାଦାନ, ପରିବେଶ ସଚେତନତା, ସମାଜସେବା ତଥା ବିଭିନ୍ନ ଜନହିତକର କାର୍ଯ୍ୟରେ ଉଲ୍ଲେଖନୀୟ ଅବଦାନ ପାଇଁ ଯାଜପୁର ଜିଲାରେ କାର୍ଯ୍ୟରତ ୨୭ଜଣ ଶିକ୍ଷାବିତଙ୍କୁ ଆଦର୍ଶ ଗୁରୁ ସମ୍ମାନ-୨୦୧୮' ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି। ଆମେ ଓଡିଆ ସଂଗଠନ ପକ୍ଷରୁ ବୁଧବାର କଟକ ଶ୍ରୀରାମଚନ୍ଦ୍ର ଭବନଠାରେ ରାଜ୍ୟସ୍ତରୀୟ ଗୁରୁ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଥିଲା। ଓଡିଶା ମାନବିକ ଅଧିକାର ଆୟୋଗର ପୂର୍ବତନ ଅଧକ୍ଷ ବୀର କିଶୋର ମିଶ୍ର ପ୍ରଦୀପ ଜାଳି ଶୁଭ ଉଦ୍‌ଘାଟନ କରିଥିଲେ। ଆମେ ଓଡ଼ିଆର ସଭାପତି ସରୋଜ ସିଂହଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସମାରୋହରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଏମ୍.କ୍ୟୁ.ଖାଁ ମୁଖ୍ୟଅତିଥି, ଓଡ଼ିଶା ବାର କାଉନସିଲ୍ ଅଧକ୍ଷ ଟହଲି ଚରଣ ମହାନ୍ତି ମୁଖ୍ୟବକ୍ତା, ଆମେ ଓଡ଼ିଆ ମହାସଚିବ ଘନ ପରିଡ଼ା ଓ ପ୍ରଫେସର ସହଦେବ ପାତ୍ର ସମ୍ମାନନୀୟ ଅତିଥି ରୂପେ ଯୋଗଦେଇ ସମ୍ବର୍ଦ୍ଧିତ ପ୍ରତିଭାଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ମାନିତ କରିଥିଲେ। ଏଥିରେ ଯାଜପୁର ଜିଲା ବ୍ୟାସନଗରର ବିଷ୍ଣୁ ମୋହନ ସାହୁ, ସୁବାସ ଚନ୍ଦ୍ର ବାରିକ, କଳିଙ୍ଗନଗର ନିୟୁସିଆରଆର ମେଜର ଆବୁ ତାହେର, ଦାନଗଦିର ଉତ୍କଳିନୀ ଦେଓ, ଶଙ୍ଖଚିଲା ତରାପୁରର ସତ୍ୟାନନ୍ଦ ଦାସ, ରାମବାଗ ହାଇସ୍କୁଲ ପ୍ରଧାନ ଶିକ୍ଷକ ଆଲୋକ କୁମାର ବନ୍ଧ, ବରୁଣେଶ୍ୱର କଲେଜ ଅଧାପକ ନଳିନୀକାନ୍ତ ଜେନା, ତଳିହାର ରମାସୁନ୍ଦରୀ ଦେବୀ, ଧର୍ମଶାଳା ମହନପୁରର ଶୁଭେନ୍ଦୁ କୁମାର ସାମଲ, କୁଆଖିଆ ଗନ୍ଧଶର ବୃନ୍ଦାବନ ପାଣି, ରସୁଲପୁର ଭୋଟକାର ଅଞ୍ଜୁବାଳା ଜେନା, ମଙ୍ଗଳପୁରର ଦୁର୍ଯ୍ୟୋଧନ ବାରିକ, ବରିକୁଳର ଚିତ୍ତରଞ୍ଜନ ଜେନା, କଟକଟାର ରତିକାନ୍ତ ସାମଲ, ରଡଗାଁର ବିଜୟାନନ୍ଦ ବିଶ୍ୱାଳ, ବିରିପଟାର ସରୋଜ କୁମାର ଧଳ, ଷାଠିବାଟିର ତ୍ରିଲୋଚନ କର, ଦଶରଥପୁର ସୁବ୍ରତ କୁମାର ସାହୁ, ଉମାକାନ୍ତ ଧଳ, ଭବତୋଷ ପାଣିଗ୍ରାହୀ, ପଞ୍ଚରାସାହିର ପ୍ରସନ୍ନ କୁମାର ନାୟକ, ବାଲମୁକୁଳିର ଗଙ୍ଗାଧର ବାରିକ, ଓଳେଇ ଚନ୍ଦନପୁରର ପ୍ରଦୀପ କୁମାର ଜେନା, ବରୀ ମଧୁସୂଦନପୁରର ସୁଶାନ୍ତ କୁମାର ଦାଶ ପ୍ରମୁଖଙ୍କୁ ଆଦର୍ଶ ଗୁରୁ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା।

## ପ୍ରାଥମିକ ଚିକିତ୍ସା ନ ପାଇ ଗର୍ଭବତୀଙ୍କ ମୃତ୍ୟୁ

କାଳିଆପାଣି, ୬ା୯(ଡି.ଏନ୍.ଏ.)

ସୁକିନ୍ଦା ବିକାଶ ନେଇ ବିଭିନ୍ନ ପ୍ରଚାର ଓ ପ୍ରସାର ହେଉଥିବାବେଳେ ସୋମବାର ପ୍ରାଥମିକ ଚିକିତ୍ସା ନ ପାଇ ଜଣେ ଗର୍ଭବତୀ ମହିଳା ଜୀବନ ହାରିବା ଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। କଂସ ପଞ୍ଚାୟତ ଅନ୍ତର୍ଗତ କଂସ ଗ୍ରାମର କିରଣ ମାଝିଙ୍କ ସ୍ତ୍ରୀ ୭ ମାସର ଗର୍ଭବତୀ ଥିଲେ। ସେମାବାର ଝରଣାଙ୍କ ଦେହହାତ ଫୁଲିଯିବାରୁ ପରିବାର ଲୋକେ ଆଶାକର୍ମୀଙ୍କ ସହାୟତାରେ ୧୦୨ ଆମ୍ବୁଲାନ୍ସ ଯୋଗେ ସୁକିନ୍ଦା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ଡ଼ାକ୍ତର ନ ଥିବାରୁ ଦାନଗଦୀ ଡ଼ାକ୍ତରଖାନାକୁ ଆଣିଥିଲେ। ଝରଣାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଯାଜପୁରସ୍ଥିତ ମୁଖ୍ୟ ଚିକିତ୍ସାଳୟକୁ ନେବାକୁ ପରାମର୍ଶ ଦିଆଯାଇଥିଲା। ସେଠାରୁ କିରଣ ଝରଣାଙ୍କୁ ମୁଖ୍ୟ ଡାକ୍ତରଖାନାକୁ ନେଉଥିବା ବେଳେ ପାଣିକୋଇଲି ନିକଟରେ ଗର୍ଭଯନ୍ତ୍ରଣା ସହି ନ ପାରି ଝରଣାଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକେ କହିଛନ୍ତି। ଡ଼ାକ୍ତରଖାନାକୁ ନେବା ବଦଳରେ ଝରଣାଙ୍କ ମୃତ ଶରୀରକୁ କଂସସ୍ଥିତ ଘରକୁ ପରିବାର ଲୋକେ ଫେରାଇ ଆଣିଥିଲେ। ତେବେ ସୁକିନ୍ଦାରେ ଅପପୁଷ୍ଟିର ଶିକାର ହୋଇ ଶିଶୁ ମୃତ୍ୟୁ ପରେ ଏବେ ଗର୍ଭବତୀ ମହିଳା ସ୍ୱାସ୍ଥ୍ୟସେବା ନ ପାଇ ମୃତ୍ୟୁ ହେବା ଘଟଣାକୁ ନେଇ ବୁଦ୍ଧିଜୀବୀଙ୍କ ମହଲରେ ଅସନ୍ତୋଷ ବଢିବାରେ ଲାଗିଛି। ତୁରନ୍ତ ବିଧାୟକ ଓ ପ୍ରଶାସନ ଏ ଦିଗରେ ହସ୍ତକ୍ଷେପ କରି ଖଣି ଅଞ୍ଚଳରେ ଡ଼ାକ୍ତରଖାନା ପ୍ରତିଷ୍ଠା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି । ଏନେଇ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ରବୀନ୍ଦ୍ର କୁମାର ମିଶ୍ରଙ୍କୁ ପରିଚାରିବାରୁ ତାଙ୍କ ନିକଟରେ ଏ ସମ୍ବନ୍ଧରେ କୌଣସି ସୂଚନା ନ ଥିବା କହିଛନ୍ତି।

## ସାପ କାମୁଡ଼ାରେ ଜଣେ ମୃତ

ଧର୍ମଶାଳା, ୬ା୯(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ବଡ଼କାଏମା ପଞ୍ଚାୟତ ଅଧୀନ ଅନନ୍ତପୁର ଗ୍ରାମରେ ବୁଧବାର ସାପକମୁଡାରେ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ଜଣଙ୍କ ହେଲେ ନରହରି ସାହାଣୀ (୫୪)। ସେ ଦିନମଜୁରିଆ ଭାବେ କାମକରି ପରିବାର ପ୍ରତିପୋଷଣ କରନ୍ତି। ରାତିରେ ଘରେ ଶୋଇଥିବାବେଳେ ଏକ ବିଷଧର ସାପ ନରହରିଙ୍କୁ କାମୁଡି ଥିଲା। ପରିବାର ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ନରହରିଙ୍କୁ ମୃତ ଘୋଷଣା କରିଥିଲେ। ଧର୍ମଶାଳା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ଶବବ୍ୟବଚ୍ଛେଦ ପାଇଁ ପଠାଇଛି।

## ଟୁଟିଲା ମିଶ୍ରିଲାଲ ଶ୍ରମିକ ବିବାଦ, ଚୁକ୍ତି ସ୍ୱାକ୍ଷରିତ

ଯାଜପୁରରୋଡ଼,୬ା୯(ନି.ପ୍ର)

ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଦ୍ୱାରା ପରିଚାଳିତ ସୁକିନ୍ଦା ମାଇନ୍ସ ୟୁନିୟନ ପକ୍ଷରୁ ସାରଆବିଲ ଶ୍ରମିକଙ୍କୁ ନେଇ ଏକ ଶ୍ରମିକ ସମାବେଶ ଖଣି ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମ୍ପ୍ରତି ମିଶ୍ରିଲାଲ କର୍ତ୍ତୃପକ୍ଷ ଏବଂ ସୁକିନ୍ଦା ଉପତ୍ୟକା ମାଇନ୍ସ ମଧ୍ୟରେ ପୂର୍ବ ଶ୍ରମିକ ବିବାଦର ସମାଧାନ ହୋଇ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି ବୋଲି ୟୁନିୟନ ସଭାପତି ଶମ୍ଭୁନାଥ ଦାସ, ଉପସଭାପତି ଶଙ୍କର୍ଷଣ ଦାସ ଗୁରୁବାର ଯାଜପୁରରୋଡ଼ଠାରେ ବିଭିନ୍ନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। କେନ୍ଦ୍ର ଶିଳ୍ପ ଟ୍ରିବ୍ୟୁନାଲ ଆଦେଶ ଅନୁଯାୟୀ ଛଟେଇ ସମୟର ହିସାବ ଦରମା, ବାର୍ଷିକ ବୋନସ ସମେତ ଆଇନ ଅନୁଯାୟୀ ସମସ୍ତ ପ୍ରାପ୍ୟ ପ୍ରଦାନ କରିବା ପାଇଁ ମିଶ୍ରିଲାଲ କମ୍ପାନୀ ସୁକିନ୍ଦା ଖଣି ଉପତ୍ୟକା ମାଇନ୍ସ ୱାର୍କର୍ସ ୟୁନିୟନ ସହ ଚୁକ୍ତିବଦ୍ଧ ହୋଇଛି। ଏହାବ୍ୟତିତ ୨୦୧୮ ମସିହାଠାରୁ ଖଣିର ସମସ୍ତ ଶ୍ରମିକଙ୍କ ମଜୁରୀ ବୃଦ୍ଧି ପାଇଁ ମଧ୍ୟ ଚୁକ୍ତି ହୋଇଛି। ଏହା ବ୍ୟତୀତ ଶ୍ରମିକଙ୍କର ମାସିକ ଜାଳେଣୀ ଭତ୍ତା, ଘର ଭଡ଼ା, ବାହାରକୁ ଯିବା ପାଇଁ ଶ୍ରମିକଙ୍କ ଯାତାୟାତ ଭତ୍ତା ବୃଦ୍ଧି କରିବା ସହିତ ବାର୍ଷିକ ବିଜୁଳି ଭଡ଼ା ବୃଦ୍ଧି କରିବାକୁ ଚୁକ୍ତିରେ ସ୍ୱାକ୍ଷରିତ ହୋଇଛି। ଶ୍ରମିକଙ୍କୁ ପ୍ରମୋସନ ଦେବା, ଅବସରପ୍ରାପ୍ତ ଶ୍ରମିକଙ୍କୁ ଆର୍ଥିକ ପ୍ରାପ୍ୟ ଓ ମୃତ ଶ୍ରମିକଙ୍କ ପରିବାରର ଉତ୍ତରାଧିକାରୀକୁ ତାଙ୍କ ପ୍ରାପ୍ୟ ପ୍ରଦାନ କରିବା ବିଷୟ ମଧ କମ୍ପାନୀ ସହ ଚୁକ୍ତି ହୋଇଛି। ମାଇନ୍ସ ପରିସରରେ ରହୁଥିବା ଶ୍ରମିକଙ୍କ କ୍ୱାର୍ଟର ମରାମତି, ପାନୀୟ ଜଳ, ଶ୍ରମିକଙ୍କୁ ବର୍ଷକୁ ୨ହଳ ପୋଷାକ, ସେଫ୍ଟି ଜୋତା ଓ ପୂର୍ବଭଳି କ୍ୟାଣ୍ଟିନ ବ୍ୟବସ୍ଥା ଚାଲୁ ହେବା ବିଷୟ ମଧ ଚୁକ୍ତି ହୋଇଛି। ସୂଚନା ଥାଉକି, ମିଶ୍ରିଲାଲ ଖଣି କର୍ତ୍ତୃପକ୍ଷ କେନ୍ଦ୍ର ସରକାରଙ୍କ ସମନ୍ୱୟ ମନ୍ତ୍ରଣାଳୟ ନିର୍ଦ୍ଦେଶକ୍ରମେ ସମସ୍ତ ସ୍ଥାୟୀ ଶ୍ରମିକଙ୍କୁ ୨୦୧୫ ମସିହା ମାର୍ଚ୍ଚରୁ ବେଆଇନ ଛଟେଇ କରିଥିଲେ। ଏହା ବିରୋଧରେ ମାଇନ୍ସ ୱାର୍କର୍ସ ୟୁନିୟନ ଆନ୍ଦୋଳନ କରିଥିଲେ।

## ନୂତନ ଅଙ୍ଗନୱାଡ଼ି ଗୃହ ହୋଇପାରୁନି ହସ୍ତାନ୍ତର

# ପରିତ୍ୟକ୍ତ ଘର ବାରଣ୍ଡାରେ ପଢୁଛନ୍ତି ଛାତ୍ରୀଛାତ୍ର

ଡୁବୁରୀ, ୬ା୯(ଡି.ଏନ୍.ଏ.)



- ୧୯୯୨ରୁ ଆରମ୍ଭ ହୋଇଥିଲା ଅଙ୍ଗନୱାଡ଼ି କେନ୍ଦ୍ର
- ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହୋଇଛି ନୂତନ ଗୃହ

ଦାନଗଦୀ ବ୍ଲକ ଅନ୍ତର୍ଗତ ନଡିଆଭଙ୍ଗା ପଞ୍ଚାୟତ ଧମଣାଗାଡିଆ(ରଙ୍ଗାହୁଡି)ରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ରର ପିଲାମାନେ ପରିତ୍ୟକ୍ତ ଘର ବାରଣ୍ଡାରେ ପାଠ ପଢୁଥିବା ଅଭିଯୋଗ ହୋଇଛି। କେନ୍ଦ୍ରର ନିଜସ୍ୱ ଗୃହ ୧ ବର୍ଷରୁ ଊର୍ଦ୍ଧ୍ୱ ହେବ ନିର୍ମାଣ ହୋଇ ପଡିରହିଛି। ହେଲେ ବିଭାଗକୁ ହସ୍ତାନ୍ତର ହୋଇ ନ ଥିବାରୁ ଅଦ୍ୟାବଧି ପାଠପଢା ଆରମ୍ଭ ହୋଇପାରୁ ନାହିଁ। ଏଭଳି ସ୍ଥିତିରେ ପରିତ୍ୟକ୍ତ ଘର ବାରଣ୍ଡାରେ ବିପଦପୂର୍ଣ୍ଣ ଭାବେ ୩୦ ଜଣ ପିଲା ପଢୁଥିବା ବେଳେ ମଧ୍ୟାହ୍ନଭୋଜନରେ ଅନେକ ସମସ୍ୟା ଦେଖା ଦେଉଛି। ଏ ନେଇ ବାରମ୍ବର ଅଭିଯୋଗ ହୋଇଥିଲେ ମଧ ବିଭାଗୀୟ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

୧୯୯୨ମସିହାରୁ ଆରମ୍ଭ ହୋଇଥିବା ଏହି ଅଙ୍ଗନୱାଡ଼ି କେନ୍ଦ୍ରର ନିଜସ୍ୱ ଘର ନ ଥିବାରୁ ଏକ କ୍ଲବ ଘରେ ପାଠ ପଢାଯାଉଛି। ମରାମତି ଅଭାବରୁ ଘରଟିର ଆଜବେଷ୍ଟସ୍ ଛାତ ଫାଟି ବର୍ଷା ପାଣି ଗଳୁଛି । କାନ୍ଥଗୁଡିକ ଫାଟି ଆଁ କରିଥିବାବେଳେ ଯେ କୌଣସି ସମୟରେ ଭାଙ୍ଗିପଡିବାର ଆଶଙ୍କା ସୃଷ୍ଟି ହୋଇଛି। ଅନ୍ୟପକ୍ଷେ ପରିତ୍ୟକ୍ତ ଘର ହୋଇଥିବାରୁ ବିଷଧର ସାପଙ୍କ ବାସସ୍ଥଳୀ ପାଲଟିଛି। ଆଜବେଷ୍ଟ ଛାତର ମାତ୍ର ୩ ଫୁଟ ତଳେ ପିଣ୍ଡାରେ ପିଲାଙ୍କୁ ପାଠପଢା ଯାଉଥିବାରୁ ଅଭିଭାବକମାନେ ଏବେ ପିଲାଙ୍କୁ ଛାଡିବାକୁ ଉଚିତ ମଣୁ ନାହାନ୍ତି । ଫଳରେ ସମ୍ପୃକ୍ତ କେନ୍ଦ୍ରରେ ପିଲାଙ୍କ ସଂଖ୍ୟା କମିବାରେ ଲାଗିଛି। ଦାନଗଦୀ ସମିତି ପକ୍ଷରୁ ମହାତ୍ମାଗାନ୍ଧୀ ନିଶ୍ଚିତ ଗ୍ରାମ୍ୟ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍) ଯୋଜନାରେ ୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନୂତନ କେନ୍ଦ୍ରର ଘର ନିର୍ମାଣ କରାଯାଇଛି । ଏ ସମ୍ପର୍କରେ ଦାନଗଦୀ ବ୍ଲକ ସିଡିପିଓ ଦେବକୀ ପାତ୍ରଙ୍କୁ ପଚାରିବାରୁ ନୂତନ ଗୃହଟି ସମ୍ପୂର୍ଣ୍ଣ ହୋଇଥିଲେ ମଧ ଘରର ରଙ୍ଗ କାମ ବାକିରହିଛି। ତେଣୁ ବିଭାଗକୁ ଗୃହଟି ହସ୍ତାନ୍ତର କରାଯାଇନାହିଁ। ତେବେ ଏଇ ସପ୍ତାହ ମଧ୍ୟରେ ସ୍ଥାୟୀ ଗୃହରେ ପାଠପଢା ଆରମ୍ଭ କରାଯିବା ନେଇ ପାତ୍ର କହିଛନ୍ତି।।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୭ ସେପ୍ଟେମ୍ବର,୨୦୧୮



"ବୁନ୍ଦାଏ ବିଷ ଯେପରି ହାଣ୍ଡିଏ କ୍ଷୀରକୁ ନଷ୍ଟ କରିଦିଏ, ସେହିପରି ଟିକିଏ ମିଛ କହିବା ଦ୍ୱାରା ସାରାଜୀବନ ନଷ୍ଟ ହୋଇଯାଏ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ବନ୍ୟାଞ୍ଚଳ ପରିଦର୍ଶନ କଲେ ରାଜସ୍ୱ ନିରୀକ୍ଷକ, ସରପଞ୍ଚ

ବାଲିଚନ୍ଦ୍ରପୁର,୬।୯(ସ୍ୱ.ପ୍ର.)- ଲଘୁଚାପଜନିତ ବର୍ଷାରେ ହଜାର ହଜାର ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ ହେବା ସହ ଗାଁ ଦାଣ୍ଡରେ ପାଣିର ସୁଅ ଛୁଟିଛି। ଗୁରୁବାର ବାଲିଚନ୍ଦ୍ରପୁର ରାଜସ୍ୱ ନିରୀକ୍ଷକଙ୍କ ସହ ସରପଞ୍ଚ ଫଣୀନ୍ଦ୍ରନାଥ ପଣ୍ଡା ଓ ସମିତିସଭ୍ୟ ଅମିୟ ବିଶ୍ୱାଳ ପଞ୍ଚାୟତର ବିଭିନ୍ନ ସ୍ଥାନ ବୁଲି ଦେଖିବା ସହ କ୍ଷୟକ୍ଷତିର ଆକଳନ କରିଛନ୍ତି। ବାଲିଚନ୍ଦ୍ରପୁର ଓ ତାର ଆଖପାଖ ଅଞ୍ଚଳ ବର୍ଷା ଯୋଗୁ ସମ୍ପୂର୍ଣ୍ଣ ବେହାଲ ହୋଇଯାଇଛି। ଜନ ଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବାବେଳେ ସାହାସପୁର ମହାବିଦ୍ୟାଳୟ, ବାଲିଚନ୍ଦ୍ରପୁର ଗ୍ରାମ, ସେଠୀ ସାହି, ଘଡେଇ ସାହି ଆଦି ଗ୍ରାମ ଜଳାର୍ଣ୍ଣବ ହୋଇଛି। କେତେକଙ୍କ ଘରର କାନ୍ଥ ଭାଙ୍ଗଯାଇଛି। ଅପରପକ୍ଷରେ ବିରୂପା ନଦୀ କୂଳ ଲଂଘି ଗୁରୁବାର ଅପରାହ୍ନ ୨ଟାରେ ଗ୍ରାମଗୁଡ଼ିକୁ ବନ୍ୟାଜଳ ପ୍ରବେଶ କରିଛି। ଫଳରେ ନଦୀକୂଳବାସୀ ଆତଙ୍କିତ ହୋଇପଡ଼ିଛନ୍ତି। କିଛିଦିନ ତଳେ ଏକ କୁମ୍ଭୀର ଦେଖିବାକୁ ମିଳିଥିଲା। କୁମ୍ଭୀର ସମ୍ପର୍କରେ ଫରେଷ୍ଟର ଶଶୀକାନ୍ତ ବେହେରାଙ୍କୁ ପଚାରିବାରେ, ଆମ ଲୋକ କୁମ୍ଭୀର ଉପରେ ନଜର ରଖିଛନ୍ତି ବୋଲି କହିଥିଲେ।

### ସ୍ୱାଭାବିକ ହେଲା ଏନ୍‌ଇସିସି ପରିବହନ ଭଡ଼ା

କାଳିଆପାଣି, ୬।୯(ଡି.ଏନ୍.ଏ.)- ଖଣି ଅଞ୍ଚଳରେ କ୍ରୋମାଇଟ ପରିବହନ କରୁଥିବା ଏନ୍‌ଇସିସି (ନର୍ଥ ଇଷ୍ଟର୍ନ କ୍ୟାରିୟର କର୍ପୋରେସନ ) ପରିବହନ ଠିକା ସଂସ୍ଥା ପକ୍ଷରୁ ବୁଧବାରଠାରୁ ଟ୍ରକ୍ ମାଲିକଙ୍କୁ ତ୍ୱରିତ ଭଡ଼ା ପ୍ରଦାନ କରାଯାଇଛି। ସୋମବାର ପରିବହନ ଠିକା ସଂସ୍ଥା ଭଡ଼ାଦେବାରେ ଅହେତୁକ ବିଳମ୍ବ କରୁଥିବା ନେଇ ଟ୍ରକ୍‌ମାଲିକମାନେ ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଥିଲେ। ଏ ନେଇ ଖବର ପ୍ରକାଶ ପାଇବା ପରେ ବୁଧବାର ସମ୍ପୃକ୍ତ ଠିକା ସଂସ୍ଥା ଟ୍ରକ୍‌ମାଲିକଙ୍କ ସହ ଆଲୋଚନା କରିଥିଲା। ଆଲୋଚନା ପରେ ଠିକା ସଂସ୍ଥା ପକ୍ଷରୁ ବକେୟା ଓ ନୂଆ ପରିବହନ ଭଡ଼ା ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ପ୍ରଦାନ କରାଯାଇଥିବା ଜଣାପଡିଛି। ତେବେ ଆଗାମୀ ଦିନରେ ପର୍ଯ୍ୟାୟକ୍ରମେ ସମସ୍ତ ଭଡ଼ା ପ୍ରଦାନ କରାଯିବ ବୋଲି ଏନ୍‌ଇସିସି କର୍ମଚାରୀ ବିଚିତ୍ର ଦାସ କହିଛନ୍ତି।

### ଶୁଭ ସକାଳର ଦ୍ୱିତୀୟ ବାର୍ଷିକ ଉତ୍ସବ ପ୍ରସ୍ତୁତି

ଧର୍ମଶାଳା, ୬।୯(ଡି.ଏନ୍.ଏ.)- ଧର୍ମଶାଳା ବ୍ଲକ ଜାରକାରୁ ପ୍ରକାଶ ପାଉଥିବା ଶିଶୁ କିଶୋର ପ୍ରସ୍ତୁତି 'ଶୁଭ ସକାଳ'ର ଦ୍ୱିତୀୟ ବାର୍ଷିକ ଉତ୍ସବ ପାଳନ ପ୍ରସ୍ତୁତି ବୈଠକ ସୋମବାର ସଭାପତି ରାଜ କିଶୋର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଜାରକାସ୍ଥିତ ତ୍ରିନାଥେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆସନ୍ତା ସୋମବାର ଦ୍ୱିତୀୟ ବାର୍ଷିକ ଉତ୍ସବ ଧର୍ମଶାଳା ବ୍ଲକ ପରିସରରେ ଅନୁଷ୍ଠିତ ହେବା ନେଇ ସ୍ଥିର କରାଯାଇଛି। ଅନୁଷ୍ଠିତ ଉତ୍ସବରେ ବିଶିଷ୍ଟ ଶିଶୁ ସାହିତ୍ୟିକ ନନ୍ଦ କିଶୋର ସିଂହ ମୁଖ୍ୟ ଅତିଥି, ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ କବି ବସନ୍ତ କୁମାର ସାହୁ ମୁଖ୍ୟବକ୍ତା ଓ ଶିକ୍ଷାବିତ୍ ବିଧୁଭୂଷଣ ନାୟକ ଉଦ୍‌ଘାଟକଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଥିବା ସମ୍ପାଦକ ବ୍ରଜବନ୍ଧୁ ଶତପଥୀ କହିଛନ୍ତି। ଏହି ଅବସରରେ ୬ଗୋଟି ଶିଶୁ କବିତା ପୁସ୍ତକ ଲୋକାର୍ପିତ ହେବ। ରାଜ କିଶୋର ପାଢ଼ୀଙ୍କ ରାଜର ଜୟ ଯାତ୍ରା, ବ୍ରଜବନ୍ଧୁ ଶତପଥୀଙ୍କ କୁନିଝିଅ ଖଡି ଛୁଇଁଲା, ପ୍ରତିମା ରଥଙ୍କ ତୁମପରି ପିଲା, ମାନସ କୁମାର ପାତ୍ରଙ୍କ ଜାଣିବ ପିଲେ ପଢିଲେ ପାଠ, ଶୁଭଲକ୍ଷ୍ମୀ ରାଉତଙ୍କ ଚମ୍ପା ଫୁଲ ଚହଟେ, ପଣ୍ଡିତ ନାରାୟଣ ଶତପଥୀଙ୍କ ଲିଖିତ ପୁସ୍ତକ ଜୟ ଶ୍ରୀରାମ ଆଦି ପୁସ୍ତକ ଉନ୍ମୋଚନ ହେବା ନେଇ ସମ୍ପାଦକ ଶତପଥୀ ସୂଚନା ଦେଇଛନ୍ତି।

### ମୋ ସ୍କୁଲ ଅଭିଯାନ ପାଇଁ ପ୍ରସ୍ତୁତି

ବିରଜାକ୍ଷେତ୍ର,୬।୯(ଡି.ଏନ୍.ଏ)- ଯାଜପୁର ଜିଲାର ପୁରାତନ ଶିକ୍ଷାନୁଷ୍ଠାନ ପୁରୁଷୋତ୍ତମପୁର ଉଚ୍ଚ ବିଦ୍ୟାଳୟ, କବିରପୁରରେ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ନିମନ୍ତେ ଗୁରୁବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୯ ତାରିଖରେ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ପାଇଁ ସ୍ଥିର କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରତାପ କୁମାର ପରିଡା ଓ ସଭାପତି ଉପମନ୍ୟୁ ପତି ଅନୁରୋଧ କରିଛନ୍ତି। ଏହି କାର୍ଯ୍ୟକ୍ରମ ପୂର୍ବରୁ ମଧ ବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ର, ଅବସରପ୍ରାପ୍ତ ମୁଖ୍ୟ ଶାସନ ସଚିବ ସହଦେବ ସାହୁ, ଅବସରପ୍ରାପ୍ତ ସହ ଆରକ୍ଷୀ ଅଧୀକ୍ଷକ ଗଦାଧର ରାଉତ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ମାଧ୍ୟମରେ ମୋ ସ୍କୁଲ ଅଭିଯାନକୁ ସଫଳ କରିବା ନିମନ୍ତେ ନିବେଦନ କରିଥିଲେ।

# ଧସୁଛି ନଦୀବନ୍ଧ, ଆତଙ୍କିତ ନଦୀକୂଳବାସୀ

ବିରଜାକ୍ଷେତ୍ର,୬।୯(ଡି.ଏନ୍.ଏ.)



**ଯାଜପୁର ବ୍ଲକ**
- ମାଟି ଅତଡ଼ା ଧସିବା ଯୋଗୁ ନଦୀବନ୍ଧ ଦୁର୍ବଳ ହୋଇଛି
- ବର୍ଷା ଯୋଗୁ ବ୍ୟାପକ ଚାଷଜମି ଜଳମଗ୍ନ
- ଋଣ ଶୁଝିବା ନେଇ ଚିନ୍ତାରେ ଚାଷୀ

ଲଗାଣ ବର୍ଷା ଯୋଗୁ ନଦୀବନ୍ଧ ଧସୁଥିବାବେଳେ ବନ୍ଧ ପାର୍ଶ୍ୱରେ ଥିବା ନଦୀକୂଳବାସୀ ଆତଙ୍କିତ ହୋଇପଡ଼ିଛନ୍ତି । ଏହା ଦେଖିବାକୁ ମିଳିଛି ଯାଜପୁର ବ୍ଲକ ଛତିଶଦେବିଲ ପଞ୍ଚାୟତର ରିଷିପୁର ଗ୍ରାମ ନିକଟରେ । ଖରସ୍ରୋତା ନଦୀ ଯାଜପୁର ଜିଲାର ରସୁଲପୁର, ଯାଜପୁର, ବିଞ୍ଝାରପୁର, ବରୀ ବ୍ଲକ୍ ଦେଇ ପ୍ରବାହିତ ହେଉଛି । ଖରସ୍ରୋତା ନଦୀବନ୍ଧ ବାମପାର୍ଶ୍ୱରେ ଛତିଶଦେବିଲ ପଞ୍ଚାୟତର ରିଷିପୁର, ଦେବିଲ, ମହମ୍ମଦ ଜମାପୁର ଗ୍ରାମ ଅବସ୍ଥିତ । ଏତଦ୍‌ବ୍ୟତୀତ ଏହି ନଦୀବନ୍ଧର ଅନ୍ୟାନ୍ୟ ସ୍ଥାନରେ ମାଟି ଧସି ଗର୍ତ୍ତମାନ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି । ମାଟି ଅତଡ଼ା ଧସିବା ଦ୍ୱାରା ନଦୀବନ୍ଧ କ୍ରମଶଃ ଦୁର୍ବଳ ହେବାରେ ଲାଗିଛି । ଖରସ୍ରୋତାରେ ପ୍ରବଳ ବନ୍ୟାଜଳ ପ୍ରବାହିତ ହେବାଦ୍ୱାରା ଧୀରେ ଧୀରେ ଜଳସ୍ତର ବୃଦ୍ଧି ପାଇ ବନ୍ଧ ଛୁଇଁବାର ଆଶଙ୍କା ରହିଛି । ଉକ୍ତ ନଦୀବନ୍ଧଟି ଜାରକା ଜଳସେଚନ ବିଭାଗ ଅଧୀନରେ ରହିଛି। ନଦୀବନ୍ଧ ଧସୁଥିବାବେଳେ ଜଳସେଚନ ବିଭାଗର କୌଣସି କର୍ମଚାରୀ ତଦାରଖ କରିବାକୁ ଆସୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଅପରପକ୍ଷରେ ମାର୍କଣ୍ଡପୁର, ବାସୁଦେବପୁର, ବିଚିତ୍ରପୁର, ଜାହାନପୁର, ବଡ଼ସୁଆର, ସାନସୁଆର, ପଣସା, ନାଥସାହି, ଭୂଇଁପୁର, ଖଇରାବାଦ, ଚଇନପୁର, ମାଳଆନନ୍ଦପୁର, ଭୁବନେଶ୍ୱରପୁର ପ୍ରଭୃତି ପଞ୍ଚାୟତଗୁଡ଼ିକର ଚାଷଜମିରେ ବର୍ଷାଜଳ ଜମିରହିଛି । ଏ ନେଇ ଚାଷୀ ଚିନ୍ତାରେ ଅଛନ୍ତି । ଋଣ ଆଣି ଧାନଚାଷ କରିଥିବା ଚାଷୀମାନେ ଋଣ ଶୁଝିବା ନେଇ ଏବେଠାରୁ ଚିନ୍ତାରେ ପଡ଼ିଗଲେଣି। ସୂଚନାଯୋଗ୍ୟ ଯେ, ଦୁଇବର୍ଷ ତଳେ ଏହି ନଦୀବନ୍ଧକୁ ସୁଦୃଢ଼ୀକରଣ ଓ ଗମନାଗମନ ଉପଯୋଗୀ କରିବା ନିମନ୍ତେ ଜାରକା ଜଳସେଚନ ବିଭାଗ ପକ୍ଷରୁ ଅର୍ଥ ବ୍ୟୟ କରାଯାଇଥିଲା । ହେଲେ ଠିକାଦାର ନିମ୍ନମାନର କାର୍ଯ୍ୟ କରିଥିବା ସ୍ଥାନୀୟ ଜନସାଧାରଣ କହିଛନ୍ତି । ବର୍ଷା ଯୋଗୁ ନଦୀବନ୍ଧର ଉଭୟ ପାର୍ଶ୍ୱରୁ ମାଟି ଧସିବା ସହ ସମ୍ପୂର୍ଣ୍ଣ ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଯାଇଛି । ଏହି ନଦୀବନ୍ଧ ରାସ୍ତାଦେଇ ଛତିଶଦେବିଲ, ରିଷିପୁର, ମହମ୍ମଦ ଜମାପୁର, ଭଅଁରା, ରାଇପୁର, ବୋଦୁଅ ଆଦି ଅଞ୍ଚଳର ଅଧିବାସୀମାନେ ଯାତାୟାତ କରିଥାନ୍ତି । ଛତିଶଦେବିଲ ପଞ୍ଚାୟତବାସୀଙ୍କୁ ବନ୍ୟା ଦାଉରୁ ରକ୍ଷା କରାଯାଇପାରିବ ବୋଲି ରାଜ୍ୟ ସରକାରଙ୍କ ଜଳସମ୍ପଦ ବିଭାଗ ନଦୀବନ୍ଧ ପାଇଁ ଅର୍ଥ ବ୍ୟୟ କରିଥିଲେ । ଖବର ଲେଖା ହେବା ପର୍ଯ୍ୟନ୍ତ ଜାରକା ଜଳସେଚନ ବିଭାଗର କୌଣସି କର୍ମଚାରୀ ନଦୀବନ୍ଧ ତଦାରଖ କରିବାକୁ ଆସି ନ ଥିବା ଜାଣିବାକୁ ମିଳିଛି । ଖରସ୍ରୋତାରେ ଜଳସ୍ତର ବୃଦ୍ଧି ପାଇଲେ ଉକ୍ତ ନଦୀବନ୍ଧ ସ୍ଥାନରେ ବିପଦ ସୃଷ୍ଟି ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇପାରିବ ନାହିଁ ବୋଲି ସ୍ଥାନୀୟ ଅଧିବାସୀ ପ୍ରକାଶ କରିଛନ୍ତି ।

### ସ୍ୱଚ୍ଛତା ପକ୍ଷ ପାଳନ କାର୍ଯ୍ୟକ୍ରମ

ଚଢ଼େଇଧରା,୬।୯(ଡି.ଏନ୍.ଏ.) :

ଧର୍ମଶାଳା ବ୍ଲକ ବାଉଁଶଅଣ୍ଡା ଆଞ୍ଚଳିକ ସାଧନକେନ୍ଦ୍ର ଅଧୀନ ନାରାୟଣପୁର ପ୍ରକଳ୍ପ ଉଚ୍ଚ ପ୍ରାଇମେରୀ ବିଦ୍ୟାଳୟରେ ମଙ୍ଗଳବାର ସ୍ୱଚ୍ଛତା ସଚେତନତା ପକ୍ଷ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଶ୍ରୀଧର ପ୍ରଧାନଙ୍କ ନେତୃତ୍ୱରେ ପ୍ରାର୍ଥନା ସଭାରେ ସ୍ୱଚ୍ଛତା ସମ୍ବନ୍ଧୀୟ ଶପଥପାଠ କରାଯାଇଥିଲା। ଛାତ୍ରୀଛାତ୍ରମାନେ ପ୍ଲା-କାର୍ଡ ଧରି ସ୍ୱଚ୍ଛତା ସମ୍ବନ୍ଧୀୟ ସ୍ଲୋଗାନ ଦେଇ ପନ୍ଥରୀ ଗ୍ରାମ ପରିକ୍ରମା କରିଥିଲେ। ରାଲି ମାଧ୍ୟମରେ ଛାତ୍ରୀଛାତ୍ରମାନେ ପରିଷ୍କାର ଓ ପରିଚ୍ଛନ୍ନତା ସମ୍ବନ୍ଧୀୟ ବାର୍ତ୍ତା ଘରର ସଦସ୍ୟ, ପାଖ ପଡୋଶୀ ଓ ଗ୍ରାମବାସୀମାନଙ୍କୁ ସଚେତନ କରାଇବା ପାଇଁ ଶପଥ ନେଇଛନ୍ତି। ରମାକାନ୍ତ ରଥ, ମାଳତୀ ସେଠୀ, ବିବେକାନନ୍ଦ ଜେନା, ଅରୁଣ କୁମାର ଦାସ ଓ ସ୍ନେହଲତା ସାମଲ ପ୍ରମୁଖ ସଚେତନତା ରାଲିରେ ଉପସ୍ଥିତ ଥିଲେ।

## ବୃଦ୍ଧିପାଉଛି ବୈତରଣୀ, ବୁଢ଼ା, ଖରସ୍ରୋତାର ଜଳସ୍ତର

ବିରଜାକ୍ଷେତ୍ର,୬।୯(ଡି.ଏନ୍.ଏ.)

ଯାଜପୁର ବ୍ଲକ ଦେଇ ପ୍ରବାହିତ ହୋଇଥିବା ବୈତରଣୀ, ବୁଢ଼ା ଓ ଖରସ୍ରୋତା ନଦୀରେ ବନ୍ୟାଜଳ ଆସିବାରୁ ବ୍ଲକର ବିଭିନ୍ନ ଅଞ୍ଚଳ ଜଳମଗ୍ନ ହୋଇଛି । ଉପର ମୁଣ୍ଡରେ ବର୍ଷା ଲାଗିରହିବା ଦ୍ୱାରା ଉକ୍ତ ୩ ନଦୀରେ ବନ୍ୟାଜଳ ପ୍ରବାହିତ ହୋଇଛି । ବୈତରଣୀ ଆଖୁଆପଦାଠାରୁ ଯାଜପୁର ବ୍ଲକ୍ ଦେଇ ପ୍ରବାହିତ ହୋଇ ସମୁଦ୍ରରେ ମିଶିଛି । ବୈତରଣୀର ଶାଖା ବୁଢ଼ା ନଦୀ ରୁଢ଼ିଆରୁ ବାହାରି ଯାଜପୁର ବ୍ଲକ୍ ସୀମାଦେଇ କମଳପୁରଠାରେ ଖରସ୍ରୋତାରେ ମିଶିଛି । ଖରସ୍ରୋତା ଯାଜପୁର ବ୍ଲକ୍‌ର ବିଭିନ୍ନ ପଞ୍ଚାୟତ ଦେଇ ପ୍ରବାହିତ ହୋଇଛି । ଖରସ୍ରୋତା ନଦୀରେ ବନ୍ୟାଜଳ ଆସିବାରୁ ସିମିଳିଆ ପଞ୍ଚାୟତର ସିମିଳିଆ, ମଇଦପୁର, ଷଠିଆଟିକିରୀ, ମେରକ ହସନପୁର, ଦରାଜପୁର ପ୍ରଭୃତି ଅଞ୍ଚଳରେ ପ୍ରଭାବିତ ହୋଇଛି । ସିମିଳିଆ-ଷଠିଆଟିକିରୀ ରାସ୍ତାରେ ଗମନାଗମନ ବାଧାପ୍ରାପ୍ତ ହୋଇଛି । ସେହିପରି ବେରୁଦା, ଆମ୍ବର, ଖଇରାବାଦ, ଜଗନ୍ନାଥପୁର, ଜାଫରପୁର, ଭୁବନେଶ୍ୱରପୁର, ନାଥସାହି ପ୍ରଭୃତି ଅଞ୍ଚଳର ବ୍ୟାପକ ଚାଷଜମି ଜଳମଗ୍ନ ହୋଇଛି । ଉକ୍ତ ନଦୀଗୁଡ଼ିକରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି।

### ହ୍ୟାଣ୍ଡବଲ ଆସୋସିଏଶନ ପକ୍ଷରୁ ଗୁରୁପୂଜନ ଉତ୍ସବ

ଛତିଆ,୬।୯(ଡି.ଏନ.ଏ.)

ଯାଜପୁର ଜିଲା ହ୍ୟାଣ୍ଡବଲ ଆସୋସିଏଶନ ପକ୍ଷରୁ ଛତିଆସ୍ଥିତ ମାତୃ ନିଳୟମ ପରିସରରେ ବୁଧବାର ଷଷ୍ଠ ବାର୍ଷିକ ଗୁରୁ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ଗୁରୁ ଶିଷ୍ୟଙ୍କ ମହାନ ପରମ୍ପରାକୁ ଉଜ୍ଜିବୀତ କରି ରଖିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ପରି ଚଳିତ ବର୍ଷ ମହାଆଡ଼ମ୍ବରରେ ଏହି ଉତ୍ସବ ପାଳିତ ହୋଇଛି । କବି ଅଶୋକ ସାମଲଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବକୁ ଶିକ୍ଷାବିତ୍ ଜଗନ୍ନାଥ ନାୟକ ଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ପ୍ରାରମ୍ଭରେ ମହାନ ଗୁରୁ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ଭାଜପା ନେତା ଅମର ନାୟକ, ହ୍ୟାଣ୍ଡବଲ ଆସୋସିଏଶନର ସମ୍ପାଦକ ରମେଶ ପୃଷ୍ଟି, ଭାଗ୍ୟଧର ସାହୁ, ଅନନ୍ତ କିଶୋର ଷେଣ୍ଢେ, ଦେବଯାନୀ ପ୍ରଧାନ, ମାତୃନିଳୟମ ସମ୍ପାଦକ ଭାଗ୍ୟଧର ସାମଲ, ଚିନ୍ମୟୀ ସାହୁ, ହରପ୍ରିୟା ସାହୁ ପ୍ରମୁଖ ଯୋଗଦେଇ ଭାରତୀୟ ସଂସ୍କୃତିରେ ଗୁରୁଶିଷ୍ୟ ପରମ୍ପରାର ମହାନୀୟତା ଉପରେ ଅଲୋକପାତ କରିଥିଲେ । ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ୩୦ରୁ ଊର୍ଦ୍ଧ୍ୱ ଗୁରୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବୈରୀ ଶିଶୁ ମନ୍ଦିର, ଶଶୀଦେବୀ ବାଳିକା ଉଚ୍ଚବିଦ୍ୟାଳୟ, ଛତିଆ ଉଚ୍ଚବିଦ୍ୟାଳୟ, ମାତୃନିଳୟମ ପକ୍ଷରୁ ଆରୋମିରା, ସ୍ମୃତିରେଖା ପ୍ରମୁଖ ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଭୁଶୁଡ଼ିଲା ବିଦ୍ୟାଳୟ ପାଚେରି



ଭୁଷୁଡି ପଡିଥିବା ପାଚେରି ।

ରତ୍ନଗିରି,୬।୯(ଡି.ଏନ୍.ଏ.)

ପ୍ରବଳ ବର୍ଷା ଯୋଗୁ ଗୁରୁବାର ଅପରାହ୍ନରେ ବରୀ ବ୍ଲକ ଅଧୀନ ଅଲୀପୁର ପଞ୍ଚାୟତସ୍ଥିତ ରାମଚନ୍ଦ୍ରପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପାଚେରି ଭୁଶୁଡ଼ି ପଡ଼ିଛି। ପାଚେରି ଭାଙ୍ଗିବା ଦ୍ୱାରା କୌଣସି ଧନଜୀବନ ନଷ୍ଟ ହୋଇ ନ ଥିଲେ ମଧ୍ୟ ଦାୟିତ୍ୱରେ ଥିବା ବିଭାଗୀୟ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ପୁନଶ୍ଚ ପାଚେରି ନିର୍ମାଣ କରିବାକୁ ସାଧାରଣରେ ଦାବି ହୋଇଛି। ପ୍ରକାଶ ଯେ, ୨୦୧୩-୧୪ ଆର୍ଥିକ ବର୍ଷରେ ୫ ଲକ୍ଷ ଟଙ୍କା ବ୍ୟୟରେ ପାଚେରି ନିର୍ମାଣ କରାଯାଇଥିଲା । ହେଲେ ନିମ୍ନମାନର ପାଚେରି ନିର୍ମାଣ କରାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ।

### ଜନଶୁଣାଣିରେ ଖବରଦାତାଙ୍କୁ ଦୁର୍ବ୍ୟବହାର ଘଟଣା

## ୧୦ରୁ ବ୍ଲକ କାର୍ଯ୍ୟାଳୟରେ ଧାରଣା

କାଳିଆପାଣି, ୬।୯(ଡି.ଏନ୍.ଏ.)



ଖବରଦାତାମାନେ ବିଡ଼ିଓଙ୍କୁ ଦାବିପତ୍ର ଦେଉଛନ୍ତି ।

ସୁକିନ୍ଦା ବ୍ଲକରେ ମହାତ୍ମାଗାନ୍ଧୀ ନିଶ୍ଚିତ ଗ୍ରାମ୍ୟ କର୍ମ ନିଯୁକ୍ତି ଯୋଜନାର ଜନଶୁଣାଣିରେ ବ୍ଲକ ଅଧ୍ୟକ୍ଷାଙ୍କ ଖବରଦାତାଙ୍କ ପ୍ରତି ଦୁର୍ବ୍ୟବହାର ପ୍ରତିବାଦରେ ସୋମବାରଠାରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବା ନେଇ ଖବରଦାତାମାନେ ଚେତାବନି ଦେଇଛନ୍ତି। ଏନେଇ ଗୁରୁବାର ଖବରଦାତାଙ୍କ ପକ୍ଷରୁ ବିଡ଼ିଓ, ତହସିଲଦାର ଓ ଥାନାଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ନିକଟରେ ସୁକିନ୍ଦା ବ୍ଲକ ପକ୍ଷରୁ ମନରେଗା ଜନଶୁଣାଣୀ କାର୍ଯ୍ୟକ୍ରମ କରାଯାଇଥିଲା। କାର୍ଯ୍ୟକ୍ରମରେ ସମସ୍ତ ଖବରଦାତାଙ୍କୁ ଯୋଗ ଦେବା ପାଇଁ ବିଡ଼ିଓ ନିମନ୍ତ୍ରଣ କରିଥିଲେ। କିନ୍ତୁ ବ୍ଲକ ଅଧକ୍ଷା ଏହାକୁ ବିରୋଧ କରିବା ସହ ଖବରଦାତାଙ୍କୁ ଅସମ୍ମାନ କରି କାର୍ଯ୍ୟକ୍ରମରୁ ବାହାରିଯିବାକୁ କହିଥିଲେ। ସୁକିନ୍ଦା ପ୍ରେସ୍‌କ୍ଲବ ପକ୍ଷରୁ ଘଟଣାକୁ ନିନ୍ଦାକରିବା ସହ ବ୍ଲକର ସମସ୍ତ କାର୍ଯ୍ୟକ୍ରମକୁ ବର୍ଜନ କରାଯାଇଛି। ୧୦ ଦିନ ବିତିଯାଇଥିଲେ ମଧ ବିବାଦର କୌଣସି ସମାଧାନ ହୋଇପରି ନାହିଁ। ଏହାର ପ୍ରତିବାଦରେ ଆସନ୍ତା ୧୦ରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବା ନେଇ ଖଳିଅଞ୍ଚଳରେ କାର୍ଯ୍ୟରତ ଖବରଦାତାମାନେ ଚେତବନୀ ଦେଇଛନ୍ତି । ଏହି ଆନ୍ଦୋଳନକୁ ସୁକିନ୍ଦା ପ୍ରେସ୍‌କ୍ଲବର ପୂର୍ଣ୍ଣ ସମର୍ଥନ ମିଳିଛି।

## ଅଧୀକ୍ଷଣ, ନିର୍ବାହୀ ଯନ୍ତ୍ରୀଙ୍କ ବନ୍ୟାଞ୍ଚଳ ଗସ୍ତ



ଅଧୀକ୍ଷଣ ଓ ନିର୍ବାହୀଯନ୍ତ୍ରୀ ବନ୍ୟାଞ୍ଚଳ ବୁଲି ଦେଖୁଛନ୍ତି।

ଧର୍ମଶାଳା, ୬।୯(ଡି.ଏନ୍.ଏ.)

ଓଡିଶାର ଦ୍ୱିତୀୟ ବୃହତ୍ତମ ନଦୀ ବ୍ରାହ୍ମଣୀରେ ପ୍ରଥମ ବନ୍ୟା ଆସିବାରୁ ଗୁରୁବାର ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଓ ଜାରକା ଜଳସେଚନ ଡିଭିଜନ ନିର୍ବାହୀ ଯନ୍ତ୍ରୀ ନଦୀ ବନ୍ଧର ସୁରକ୍ଷା ନେଇ ବନ୍ୟାଞ୍ଚଳ ଗସ୍ତ କରିଛନ୍ତି । ଗୁରୁବାର ଅଧୀକ୍ଷଣ ଯନ୍ତ୍ରୀ ବିଜୟ କୁମାର ମିଶ୍ର, ନିର୍ବାହୀ ଯନ୍ତ୍ରୀ ବାମାପ୍ରସାଦ ବିଶ୍ୱାଳ ଓ ସହକାରୀ ଯନ୍ତ୍ରୀ କାମଦେବ ଦାସ ପ୍ରମୁଖ ବ୍ରାହ୍ମଣୀ ନଦୀ ପାର୍ଶ୍ୱ କବାଟବନ୍ଧସ୍ଥିତ କେନ୍ଦ୍ରୀୟ ଜଳ ଆୟୋଗ କାର୍ଯ୍ୟାଳୟ, ଜେନାପୁର ଓ ପଙ୍କପାଳସ୍ଥିତ ଗଜର୍ଡିଂ ସେଣ୍ଟର ପରିଦର୍ଶନ କରିଥିଲେ। ପରେ ଜାରକା କାର୍ଯ୍ୟାଳୟରେ ଅଧୀକ୍ଷଣ ଯନ୍ତ୍ରୀ ନଦୀବନ୍ଧ ସୁରକ୍ଷା ନେଇ ସମୀକ୍ଷା କରିଥିଲେ। ଦୁର୍ବଳ ନଦୀବନ୍ଧ ସ୍ଥାନରେ ମହଜୁଦ ଥିବା ଆବଶ୍ୟକୀୟ ବାଲିବସ୍ତା, ବାଉଁଶ ତଲେଇ, ବହ୍ଲା ସମ୍ପର୍କରେ ପଚାରି ବୁଝିଥିଲେ । ଏଥିସହ ବରୀ ସବ୍‌ଡିଭିଜନର ରାମଚନ୍ଦ୍ରପୁର, ତନ୍ତିଘାଇ, ଭଅଁରା, ଏରଡା, ଓ ଖରସ୍ରୋତା ନଦୀର ଡାହାଣ ପାର୍ଶ୍ୱ ଘୋଳପୁର, କେଲୁଅ ନଦୀର ସାଉଡିଆ, ଜନକ, ନିଆଳି, ଚିଆରଇ ନଦୀବନ୍ଧ ବୁଲି ଦେଖିଥିଲେ । ଜେନାପୁରଠାରେ ବିପଦ ସଙ୍କେତ ୬୭ ଫୁଟ ରହିଥିଲା। ସନ୍ଧ୍ୟା ସୁଦ୍ଧା ତାହା ହ୍ରାସ ପାଇ ୬୨ଫୁଟ ତଳେ ପ୍ରବାହିତ ହେବା ନେଇ ନିର୍ବାହୀ ଯନ୍ତ୍ରୀ ବିଶ୍ୱାଳ ସୂଚନା ଦେଇଛନ୍ତି ।

## ତୈଳଦର ବୃଦ୍ଧି ପ୍ରତିବାଦରେ ଜନସଚେତନତା କାର୍ଯ୍ୟକ୍ରମ ଆହ୍ୱାନ

ଧର୍ମଶାଳା, ୬।୯(ଡି.ଏନ୍.ଏ.)

ତୈଳଦର ବୃଦ୍ଧି ପ୍ରତିବାଦରେ ବିଜେଡି ଆସନ୍ତା ୮ରେ ସମସ୍ତ ପେଟ୍ରୋଲପମ୍ପ ସମ୍ମୁଖରେ ପ୍ରତିବାଦ ଓ ଜନସଚେତନତା କାର୍ଯ୍ୟକ୍ରମ କରିବ। ରାଜ୍ୟ ଯୁବ ବିଜେଡି ସଭାପତି ଅମରେଶ୍ ପତ୍ରୀଙ୍କ ସୂଚନା କ୍ରମେ ଶନିବାର ଦିନ ୧୦ଟାରୁ ୧୨ଟା ପର୍ଯ୍ୟନ୍ତ ବ୍ଲକ ଓ ପୌରପାଳିକାର ଯୁବ ଛାତ୍ର ଓ ମହିଳା ସଭାପତିଙ୍କ ନେତୃତ୍ୱରେ ସମସ୍ତ ପେଟ୍ରୋଲ ପମ୍ପରେ କେନ୍ଦ୍ର ସରକାରଙ୍କ ବିରୁଦ୍ଧରେ ପ୍ରତିବାଦ ଓ ଜନ ସଚେତନତା କରାଯିବ। ଏହି କ୍ରମରେ ଯାଜପୁର ଜିଲାର ୧୦ଟି ବ୍ଲକ ଓ ଦୁଇଟି ପୌରପାଳିକାରେ ଏହାକୁ ସଫଳ କରିବାକୁ ରାଜ୍ୟ ଯୁବ ବିଜେଡି ସଭାପତି ଅମରେଶ ଆହ୍ୱାନ ଦେଇଛନ୍ତି । ଏହି ସଚେତନତା ପ୍ରତିବାଦରେ ସାମିଲ ହେବା ନେଇ ଜିଲା ଯୁବ ଜନତା ସଭାପତି ପ୍ରତାପ ମହାନ୍ତି ଓ ଜିଲା ସାଧାରଣ ସମ୍ପାଦକ କ୍ଷିତୀଶ ନାୟକ ଗୁରୁବାର ଜାରକାଠାରେ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

### ବର୍ଷାରେ ଭାଙ୍ଗିଲା ଘର

ବିରଜାକ୍ଷେତ୍ର,୬।୯(ଡି.ଏନ୍.ଏ)

ଲଗାଣ ବର୍ଷା ଯୋଗୁ ଯାଜପୁର ବ୍ଲକ ଅନ୍ତର୍ଗତ ଶ୍ୟାମଦାସପୁର ପଞ୍ଚାୟତର ମାଧପୁର ଗ୍ରାମରେ ବହୁ ଘରଦ୍ୱାର ଭାଙ୍ଗି ଯାଇଛି। ସେଥିମଧ୍ୟରୁ ସୁଶାନ୍ତ ବେହେରା, ଦିଲ୍ଲୀପ ବେହେରା, ସତ୍ୟରଞ୍ଜନ ବେହେରା, ଦୁଃଶାସନ ବେହେରାଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି । ସେହିପରି ନଟବର ଜେନା, ବୈକୁଣ୍ଠନାଥ ବିଶ୍ୱାଳ, ବାବାଜୀ ସାହୁ, ପଦ୍ମନାଭ ସାହୁଙ୍କ ଘରର ଗୋଟେ ପାର୍ଶ୍ୱ କାନ୍ଥ ଭାଙ୍ଗିଯାଇଛି। ଜିଲା ପ୍ରଶାସନ ତୁରନ୍ତ ଏ ଦିଗରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।

# ପ୍ରବଳ ବର୍ଷାରେ ଭାଙ୍ଗିଲା ୩୦ରୁ ଊର୍ଦ୍ଧ୍ୱ ମାଟିକାନ୍ଥ

ବରୀ/ରତ୍ନଗିରି, ୬।୯ (ସ୍ୱ.ପ୍ର./ଡି.ଏନ୍.ଏ)



**ବରୀ ବ୍ଲକ**
- ବରୀ-କଳାମାଟିଆ ରାସ୍ତାର ଯୋଗାଯୋଗ ବିଚ୍ଛିନ୍ନ
- ୫ ହଜାର ହେକ୍ଟର ଚାଷଜମି ଜଳମଗ୍ନ
- ୧ ଲକ୍ଷ ୫୫ ହଜାର ଲୋକ ବିପନ୍ନ ହେବାର ଆଶଙ୍କା

ଲଘୁଚାପଜନିତ ବର୍ଷା ଯୋଗୁ ବରୀ ଅଞ୍ଚଳ ପ୍ରଭାବିତ ହୋଇଛି। ଗୁରୁବାର ସନ୍ଧ୍ୟାରେ ବର୍ଷା ଟିକେ କମିଥିବାବେଳେ ବନ୍ୟାଜଳ ମାଡି ଆସିଥିବା ଦେଖିବାକୁ ମିଳିଛି। ଫଳରେ ୩୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମାଟିକାନ୍ଥ ଭାଙ୍ଗିଯାଇଛି। ବରୀ-କଳାମାଟିଆ ରାସ୍ତାର ସାଇ ମନ୍ଦିର ଛକ ନିକଟରେ ୨ ଫୁଟର ବନ୍ୟା ଜଳ ପ୍ରବାହିତ ହେବା ଦ୍ୱାରା ଉକ୍ତ ରାସ୍ତାରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଗୁରୁବାର ସନ୍ଧ୍ୟାରେ ଯାତ୍ରୀବାହୀ ବସ୍ କଳାମାଟିଆକୁ ଯାଇ ନ ପାରି ଫେରିଆସିଥିବା ଦେଖିବାକୁ ମିଳିଛି। ୫ ହଜାର ହେକ୍ଟର ଚାଷ ଜମିରେ ବର୍ଷା ଜଳ ଜମି ରହିଥିଲାବେଳେ ବନ୍ୟାଜଳ ମିଶି ଯିବାରୁ ଧାନ ଫସଲ ନଷ୍ଟ ହେବାର ଆଶଙ୍କା ରହିଛି। ଏ ନେଇ ଚାଷୀଙ୍କ ମୁଣ୍ଡରେ ଚଡକ ପଡିଛି। ବରୀ ବ୍ଲକ ଅଧୀନ ଅଙ୍ଗାଲୋ ପଞ୍ଚାୟତର ଅରିଲୋ, ଡିଅବାରିଙ୍ଗି, ଅନ୍ୟାସପୁର ପଞ୍ଚାୟତର ବାଦପଡ଼ା, କଳାମାଟିଆ ପଞ୍ଚାୟତର ତଳକାଇପଡ଼ା, ଯୋରକୂଳ, ନୂଆସାହି, ବାଲିବିଲ ପଞ୍ଚାୟତର କେଁକରଡ଼ା, ଅରଙ୍ଗାବାଦ ପଞ୍ଚାୟତର ରଜାପୁର, ଫୁଲପୁର, ଉଦୟନାଥପୁର ପଞ୍ଚାୟତ, ରତଲାଙ୍ଗ ପଞ୍ଚାୟତ, ବୋଦୁଅ ପଞ୍ଚାୟତର ଏରଡ଼ା ରାଜସ୍ୱ ଗ୍ରାମ ପ୍ରଭାବିତ ହୋଇଛି । ବର୍ଷା ପରେ ବନ୍ୟା ଜଳ ପ୍ରବେଶ କରିବାରୁ ୪୭ ପଞ୍ଚାୟତର ଲୋକଙ୍କ ଦୁଃଖଦୁର୍ଦ୍ଦଶା ବଢ଼ିଯାଇଛି। ବର୍ଷା ଯୋଗୁ ଏରବାଙ୍ଗ ପଞ୍ଚାୟତ ବାଙ୍କସାହି ଗ୍ରାମର ମହେନ୍ଦ୍ର ସାହୁଙ୍କ ମାଟିକାନ୍ଥ ଭାଙ୍ଗି ଯାଇଛି। ସେହିପରି ବାଙ୍କ ସାହିର ପାତନ ଦଳେଇ, ରବି ଦଳେଇ, ମଦନ ଦଳେଇ, ଉପେନ୍ଦ୍ର ଦଳେଇ, ବିଚୁଆ ଦଳେଇଙ୍କ ମାଟିକାନ୍ଥ ଭୁଶୁଡି ପଡିଛି। ସେହିପରି ଅମଠପୁର ପଞ୍ଚାୟତ ୩ନଂ. ୱାର୍ଡରେ ଦଳିତ ବସ୍ତିରେ ଭାଗୀରଥି ଜେନା, ଅମୂଲ୍ୟ ଜେନା, ଗୁଡୁ ଜେନା, ରତ୍ନଗିରି ଗ୍ରାମର ସଂଯୁକ୍ତା ମଲିକ, ସୁମନ୍ତ ମଲିକ, ଅଲିଆବାଦ୍ ଗ୍ରାମର ଗୁଣନିଧି ସେଠୀ, ରମ୍ଭା ପଞ୍ଚାୟତ ନେଉଳ ଗ୍ରାମର ଗିରିଧାରୀ ମୁଦୁଲି, ଆଖଣ୍ଡଳମଣି ମହାନ୍ତିଙ୍କର ମାଟି କାନ୍ଥ ଭୁଶୁଡି ପଡିଥିବା ଦେଖିବାକୁ ମିଳିଛି। ଗୋଲକୁଣ୍ଡ, ସ୍ୱାଇଁଖଣ୍ଡ, କଳାଖଣ୍ଡ, ବନ୍ଧଡିଅ, କାକୁଡିକୁଦ, ମେଣ୍ଟ, ଗମ୍ଭୁ, ମହାକାଳପଡା, ଅନ୍ୟାସପୁର, ମଧୁସୂଦନପୁର, କମ୍ପଗଡ, କନ୍ତିଆ, କହରାଗଣ୍ଡ ଗ୍ରାମର ଅଧିକାଂଶ ଲୋକଙ୍କ କାନ୍ଥ ଭାଙ୍ଗିଯାଇଥିବା ଖବର ମିଳିଛି। ଖରସ୍ରୋତାର ଶାଖା ନଦୀ ତନ୍ତିଘାଇ, ଦୁଧେଇ, କାଣି ନଦୀରେ ବନ୍ୟାଜଳ ଆସି ଅଙ୍ଗାଲୋ, ମଧୁସୂଦନପୁର ଅନ୍ୟାସପୁର, ଅରଙ୍ଗାବାଦ୍, ବାଲିବିଲ, ଅଳିପୁର, ରମ୍ଭା, ବୋଦୁଅ, ଭଁଅରା, ରତଲାଙ୍ଗ, ଉଦୟନାଥପୁର, ବରୀ ଗ୍ରାମର ପାଟଜମିରେ ପାଣି ମାଡ଼ିଯାଇଛି। ବ୍ରାହ୍ମଣୀରେ ବନ୍ୟାଜଳ ପ୍ରବେଶ ଦ୍ୱାରା ଜଳପତ୍ତନ ବୃଦ୍ଧି ଘଟିଛି। ଏଥିରେ ୧ ଲକ୍ଷ ୫୫ ହଜାର ଲୋକ ବିପନ୍ନ ହେବାର ଆଶଙ୍କା ରହିଛି। ବର୍ଷା ଯୋଗୁ ଗୁରୁବାର ମଧ୍ୟାହ୍ନରୁ ସମସ୍ତ ବିଦ୍ୟାଳୟ ଛୁଟି ହୋଇଯାଇଛି। ସନ୍ଧ୍ୟା ସୁଦ୍ଧା ବ୍ରାହ୍ମଣୀ ନଦୀର ଜେନାପୁରଠାରେ ୬୧.୯ ଫୁଟରେ ବନ୍ୟାଜଳ ପ୍ରବାହିତ ହେଉଥିବା ସୂଚନା ମିଳିଛି। ଏହାର ବିପଦ ସଙ୍କେତ ୬୭ ଫୁଟ ରହିଥିବାବେଳେ ବନ୍ୟା ଆଶଙ୍କା ନାହିଁ ବୋଲି ଜଳସେଚନ ବିଭାଗର ଅଧିକାରୀମାନେ ମତ ଦେଇଛନ୍ତି। ଜଳ ନିଷ୍କାସନ ନିମନ୍ତେ ସ୍ଥାନୀୟ ଲୋକ ପ୍ରତିନିଧି ଘଟଣାସ୍ଥଳରେ ପହଞ୍ଚିବା ସହ ଅଞ୍ଚଳବାସୀଙ୍କ ସୁବିଧା, ଅସୁବିଧା ଉପରେ ନଜର ରଖିଥିବା ଜଣାପଡ଼ିଛି। ବନ୍ୟା ଦ୍ୱାରା ପ୍ରଭାବିତ ହେବାର ସମ୍ଭାବନା ଥିବାରୁ ପ୍ରଶାସନ ତରଫରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି ବୋଲି ଦାୟିତ୍ୱରେ ଥିବା ବରୀ ବିଡିଓ ଅଶୋକ କୁମାର ବେଉରିଆ କହିଛନ୍ତି ।

### ମୃତକଙ୍କ ପରିବାରକୁ ସହାୟତା ଦାବି

ଚଣ୍ଡିଖୋଲ,୬।୯(ଡି.ଏନ.ଏ.)

ଚଣ୍ଡିଖୋଲ ଛକରେ ବୁଧବାର ଟ୍ରକ୍ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିଲା। ସେ ହେଲେ ବାପୁନି ବେହେରା। ଚଣ୍ଡିଖୋଲର ଟ୍ରକ୍ ମାଲିକ ସଂଘର ନିବେଦନ ପରେ ଦୁର୍ଘଟଣା ଘଟାଇଥିବା ଟ୍ରକ୍ ମାଲିକ ୧୦,୦୦୦ ଟଙ୍କା ପଠାଇଥିଲେ। ଏହି ଅର୍ଥକୁ ଚଣ୍ଡିଖୋଲ ଅସ୍ଥାୟୀ ବ୍ୟବସାୟୀ ସଂଘ ସମ୍ପାଦକ ସଂଜୟ କୁମାର ସ୍ୱାଇଁ, ଚଣ୍ଡିଖୋଲ ଟ୍ରକ ମାଲିକ ସଂଘ ସଭାପତି ସନ୍ତୋଷ କୁମାର ରାଉତ ଓ ସମ୍ପାଦକ ପୁଷ୍ପରାଜ ନାୟକ, ଉପ ସଭାପତି ଅଟଳ କୁମାର ଜେନା, ଯୁଗ୍ମ ସମ୍ପାଦକ ପ୍ରଶାନ୍ତ କୁମାର ଜେନା ବାପୁନିଙ୍କ ଅନ୍ତିମ ସଂସ୍କାର ପାଇଁ ତାଙ୍କ ବାପାଙ୍କୁ ଦେଇଥିଲେ। ବାପୁନି ଅତ୍ୟନ୍ତ ଗରିବ ଶ୍ରେଣୀର। ତାଙ୍କ ବାପା ପୂର୍ବରୁ ଚଣ୍ଡିଖୋଲଠାରେ ଏକ ଅସ୍ଥାୟୀ ଚାଳିଆ ହୋଟେଲ କରି ବ୍ୟବସାୟ କରୁଥିଲେ। ସେଥିପାଇଁ ରେଡ଼କ୍ରସ ପାଣ୍ଠିରୁ ତାଙ୍କ ପରିବାରକୁ ସହାୟତା ଯୋଗାଇଦେବାକୁ ବଣିକ ସଂଘ କର୍ମକର୍ତ୍ତାମାନେ ଦାବି କରିଛନ୍ତି।

## ସଂକ୍ଷେପରେ

### ଲଗାଣ ବର୍ଷାରେ ପଟ୍ଟାମୁଣ୍ଡାଇ ଅଞ୍ଚଳ ଉବୁଟୁବୁ



**ପଟ୍ଟାମୁଣ୍ଡାଇ,୬।୯(ସ୍ୱ.ପ୍ର.):** ଲଘୁଚାପ ପ୍ରଭାବରେ ମଙ୍ଗଳବାର ରାତିଠାରୁ ଲାଗି ରହିଥିବା ଲଗାଣ ବର୍ଷାରେ ସମଗ୍ର ପଟ୍ଟାମୁଣ୍ଡାଇ ଅଞ୍ଚଳ ଉବୁଟୁବୁ ହେଉଛି। ଅଧିକାଂଶ ଲୋକଙ୍କ ଘର କାନ୍ଥ ପଡିଯାଇଛି। ପଟ୍ଟାମୁଣ୍ଡାଇ ଡେଲି ମାର୍କେଟ ବର୍ଷା ପାଣି ଘେରରେ ରହିଛି। ପଟ୍ଟାମୁଣ୍ଡାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ୱାର୍ଡ ଭିତରେ ବର୍ଷା ପାଣି ଲହଡି ମାରୁଛି। ପୌର କର୍ତ୍ତୃପକ୍ଷ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରୁ ଜଳ ନିଷ୍କାସନ ପାଇଁ ପମ୍ପ ଲଗାଇଥିଲେ। ସେହିପରି ପୋଖରିଆପଡା ମଳିକ ସାହିରୁ ପାଣି ନିଷ୍କାସନ କରାଯାଇଥିଲା। ପଟ୍ଟାମୁଣ୍ଡାଇ ମୁସଲମାନ ବସ୍ତି, ଗୋଛାୟତ ସାହି, ମାଝୀ ସାହିର ୩୦ରୁ ଊର୍ଦ୍ଧ୍ୱ ପରିବାର ବେଘର ହୋଇପଡିଛନ୍ତି। ମୁସଲମାନ ବସ୍ତିର ମେକି ବିବି, ମୁନ୍ନା ଖାଁ, କଲୋ ଖାଁ, ଶେଖ୍ କୁରୋ, ସେକ ସାପୋ ଅନ୍ୟତ୍ର ଆଶ୍ରୟ ନେଇଛନ୍ତି। ୧୫ନଂ ୱାର୍ଡ ଅଲଭା ଗ୍ରାମର ଲକ୍ଷ୍ମୀପ୍ରିୟା ମଳିକ (୪୫)ଙ୍କ ଘରେ ବୁଧବାର ରାତିରେ କାନ୍ଥ ପଡି ଯିବାରୁ ସେ ଆହତ ହୋଇ ଜିଲା ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଖଡିଅଣ୍ଟା ଗ୍ରାମର ଅଜୟ ନାୟକଙ୍କ ଖଞ୍ଜା ଘର ସମ୍ପୂର୍ଣ୍ଣ ଭୁଶୁଡି ପଡିଛି। ସପରିବାର ପଡୋଶୀଙ୍କ ଘରେ ଆଶ୍ରୟ ନେଇଛନ୍ତି। ବେଲତଳ ଗ୍ରାମର ବିଦୁଭୂଷଣ ମଳିକଙ୍କ ଘର ଭାଙ୍ଗିଯାଇଛି। ଅନ୍ୟପକ୍ଷରେ ଲଗାଣ ବର୍ଷାରେ ଉତିକଣ ଭେଡା ଜଳାର୍ଣ୍ଣବ ହୋଇପଡିଛି। ଗୁରୁବାର ଶତାଧିକ ଲୋକ ପଲିଥିନ ପାଇଁ ତହସିଲ ଅଫିସରେ ଦାବି କରିଥିଲେ। ତଦନ୍ତ କରି ଯୁଦ୍ଧକାଳୀନ ଭିତ୍ତିରେ ପଲିଥିନ ପ୍ରଦାନ କରାଯିବ ବୋଲି ଭାରପ୍ରାପ୍ତ ତହସିଲଦାର ସରୋଜ କୁମାର ସ୍ୱାଇଁ କହିଛନ୍ତି।

### ସାମାଜିକ ବ୍ୟାଧିର ମହୌଷଧି ଶିକ୍ଷା

**କେନ୍ଦ୍ରାପଡା ଅଫିସ, ୬।୯:** ସହରର ଜଇପୁରାସ୍ଥିତ ଅଙ୍କୁର ଶିକ୍ଷା ନିକେତନରେ ଗୁରୁଦିବସ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ମାନିତ ଅତିଥିଭାବେ ପ୍ରଧାନଶିକ୍ଷକ ଅମର ପ୍ରସାଦ ସିଂହ ଯୋଗଦେଇ କହିଥିଲେ ଯେ, ସମସ୍ତ ପ୍ରକାର ସାମାଜିକ ବ୍ୟାଧିର ମହୌଷଧି ହେଉଛି ଶିକ୍ଷା। ଶିକ୍ଷକ ଗଣେଶ୍ୱର ସାହୁ, ରାଜେନ୍ଦ୍ର ସାହୁ, କିରଣମୟୀ ସିଂହ, ରାଜଶ୍ରୀ ସାମଲ, ସତ୍ୟରଞ୍ଜନ ସାହୁ, ପ୍ରଭାକର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### କୋ-ଅପରେଟିଭ ସୋସାଇଟି ତରଫରୁ ଅସହାୟ ପରିବାରଙ୍କୁ ସହାୟତା



**ମାର୍ଶାଘାଇ ,୬।୯(ଡିଏନଏ):** କେନ୍ଦ୍ରାପଡା ଜିଲା ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ମଣିକୁଣ୍ଡା ପଞ୍ଚାୟତ କଷୋଟିବାଲି ଗ୍ରାମର ଏକ ପରିବାରର ମାଆ ଝିଅଙ୍କୁ କେନ୍ଦ୍ରାପଡା କ୍ରେଡିଟ୍ କୋ-ଅପରେଟିଭ ସୋସାଇଟି ତରଫରୁ ସଭାପତି ପ୍ରମୋଦ କୁମାର ସାହୁ ବୁଧବାର ୫ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ ଯେ,ଗତ ରାଖୀ ପୂର୍ଣ୍ଣିମା ଦିନ ଏହି ଅସହାୟ ପରିବାରର ଏକମାତ୍ର ରୋଜଗାରିଆ ପୁଅ ସତ୍ୟଜିତ୍ ଦାସ ଗ୍ରାମ ନିକଟ ଲୁଣାନଦୀକୁ ଗାଧୋଇବାକୁ ଯାଇଥିବା ସମୟରେ ନଦୀରେ ଭାସି ଯାଇ ପ୍ରାଣ ହରାଇଥିଲେ । ଦୁଇ ବର୍ଷ ପୂର୍ବେ ସତ୍ୟଜିତ୍‌ଙ୍କ ବାପା ବାଉରୀବନ୍ଧୁ ଦାସଙ୍କର କର୍କଟ ରୋଗରେ ମୃତ୍ୟୁ ଘଟିଥିଲା। କେନ୍ଦ୍ରାପଡା କୋ-ଅପରେଟିଭ ସୋସାଇଟି ତରଫରୁ ସତ୍ୟଜିତ୍‌ଙ୍କ ମାଆ ମିନତୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇ ଥିବାରୁ ଗ୍ରାମବାସୀ ସାଧୁବାଦ ଜଣାଇଛନ୍ତି। ଏଥିସହିତ ସରକାରୀ ସହାୟତା ମିଳିବା ପର୍ଯ୍ୟନ୍ତ ସେହି ପରିବାରକୁ ସୋସାଇଟି ଦ୍ୱାରା ପ୍ରଚଳିତ ଜ୍ଞାନଦେବୀ ଗୁଜୁରାଣ ସହାୟତା ଯୋଜନା ଅନ୍ତର୍ଗତ ମାସକୁ ୧ହଜାର ଟଙ୍କା ଲେଖାଏଁ ପରିବାର ପ୍ରତିପୋଷଣ ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ସଭାପତି ସାହୁ କହିଛନ୍ତି। ସହାୟତା ପ୍ରଦାନ ସମୟରେ ସଭାପତିଙ୍କ ସମେତ ସୋସାଇଟିର ନିର୍ଦ୍ଦେଶକ ସରୋଜକାନ୍ତ ଚୌଧୁରୀ,ମାର୍ଶାଘାଇ ଶାଖା ପରିଚାଳକ ଶାନ୍ତନୁ ପଣ୍ଡା, ବୀମା ପରାମର୍ଶଦାତା କମଳାକାନ୍ତ ସୁଆର, କର୍ମଚାରୀ ବଳରାମ ଦାସ, ସରୋଜକାନ୍ତ ଦାସ, ଶାରଦା ପ୍ରସନ୍ନ ମହାନ୍ତ, ସରପଞ୍ଚ ପ୍ରତାପ ଚନ୍ଦ୍ର ରାଉତ,ସମିତି ସଭ୍ୟ ଜ୍ଞାନରଞ୍ଜନ ବସନ୍ତିଆ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ।

# ବର୍ଷା ଉଜାଡ଼ିଲା ବାସ–ଚାଷ

## ଆଳି ଧୋୟାଅଞ୍ଚଳକୁ ଯୋଗାଯୋଗ ବିଚ୍ଛିନ୍ନ

**ଆଳି, ୬।୯ (ଡି.ଏନ.ଏ.)**

ଲଗାଣ ବର୍ଷା ଯୋଗୁ ସମଗ୍ର ଆଳି ଅଞ୍ଚଳ ଜଳାର୍ଣ୍ଣବ ହୋଇଛି। ରିଂ ବନ୍ଧ ସୀମାବର୍ତ୍ତୀ ଅଞ୍ଚଳ ସମେତ ଧୋୟାଅଞ୍ଚଳରେ ଅନେକ ଘରର ମାଟିକାନ୍ଥ ଭାଙ୍ଗି ପଡ଼ିଛି। ମାନପୁର–ଗୋବିନ୍ଦପୁର ଗ୍ରାମ୍ୟ ଉନ୍ନୟନ ରାସ୍ତାର ଡିମିରିପାଳ ମଠଠାରେ ରାସ୍ତା ଉପରେ ୩ ଫୁଟ ଉଚ୍ଚରେ ପାଣି ଜମି ଥିବା ଯୋଗୁ ଧୋୟାଅଞ୍ଚଳକୁ ଯୋଗାଯୋଗ ଏକ ପ୍ରକାର ବିଚ୍ଛିନ୍ନ ହୋଇଛି। ସେହିପରି କେତୁଆପାଳ–ପାଳୀମୀ ରାସ୍ତା ସମ୍ପୂର୍ଣ୍ଣ ଭାବେ ବୁଡ଼ିଯିବା ଯୋଗୁ ଏରଡ଼ଙ୍ଗ, ପାଳିମୀ, ପେତପଡା ପ୍ରଭୃତି ପଞ୍ଚାୟତର ପ୍ରାୟ ୨୦ ହଜାର ଲୋକ ଜଳବନ୍ଦୀ ରହିଛନ୍ତି ବୋଲି ଏରଡଙ୍ଗ ସରପଞ୍ଚ ପୁରୁଷୋତ୍ତମ ପଲାଇ କହିଛନ୍ତି। କାଣୀନଦୀରେ ବନ୍ୟାଜଳ ବୃଦ୍ଧି ଯୋଗୁ କୂଳରେ ଥିବା ପାଳିମି, ମୋହନପୁର ଏବଂ ପଟ୍ଟାମୁଣ୍ଡାଇ ବ୍ଲକର ସିଂହଗାଁ ଓ ନୂଆପାଟଣା ଗ୍ରାମର ଲୋକମାନେ ପଦାକୁ ବାହାରି ପାରୁନାହାନ୍ତି। ଧୋୟାଅଞ୍ଚଳର ଡିମିରିପାଳ, ଅରଗଳ, ଜୁଆଣିଆ, ସଂସିଧା, ଗୋବିନ୍ଦପୁର ପଞ୍ଚାୟତଗୁଡିକରେ ମଧ୍ୟ ସମାନ ଅବସ୍ଥା ଦେଖାଯାଇଛି। ପେତପଡା, ଆଳକଣା ଓ ଚଣ୍ଡିଆଗଡି ଗ୍ରାମର ଶତାଧିକ ପରିବାକୁ ନିକଟସ୍ଥ ସ୍କୁଲ ଗୃହ ଓ ପଞ୍ଚାୟତ କାର୍ଯ୍ୟାଳୟରେ ଥଇଥାନ କରାଯାଇଛି। ସାନମଙ୍ଗ ପଞ୍ଚାୟତର ହରିଜନ ସାହିରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଆଳି ନୂଆବଜାରର ଅଧିକାଂଶ ଦୋକନ ଖୋଲୁ ନଥିବା ବେଳେ ମହାବୀର ବାଜରର ୩୦ରୁ ଊର୍ଦ୍ଧ ଦାକାନ ଘରେ ଆଣ୍ଠୁଏ ଆଣ୍ଠୁଏ ପାଣି ଜମିଛି। ଆଳି ମେଡିକାଲ, ତହସିଲ, ସିଡିପିଓ କାର୍ଯ୍ୟାଳୟ, ବହୁମୁଖୀ ଆଶ୍ରୟସ୍ଥଳୀ, ରାଜବାଟୀ ରୋଡରେ ପାଣି ଜମି ଥିବା ବେଳେ ବାଟିପଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ବର୍ଷା ପାଣି ପଶିଯାଇଛି। ଅପରପକ୍ଷେ ଖରସ୍ରୋତା, ବ୍ରାହ୍ମଣୀ ଓ ଶାଖା କାଣୀନଦୀରେ ଜଳସ୍ତର ବୃଦ୍ଧି ଯୋଗୁ ସମ୍ଭାବ୍ୟ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଆଳି ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ କେତେକ କ୍ଷତିଗ୍ରସ୍ତ ପରିବାରକୁ ପଲିଥିନ୍ ଯୋଗାଇ ଦେଇଛନ୍ତି।



ମାନପୁର–ଗୋବିନ୍ଦପୁର ରାସ୍ତାରେ ବନ୍ୟାଜଳ ।

## ବହୁ ଗ୍ରାମ ପାଣି ଘେରରେ

**ଡେରବିଶ, ୬।୯(ସ୍ୱ.ପ୍ର.)**

ଲଘୁଚାପଜନିତ ଲଗାଣ ବର୍ଷା ବୁଧବାର ଠାରୁ ଆରମ୍ଭ ହୋଇଛି । ଫଳରେ ଡେରାବିଶ ବ୍ଲକ ଅଧୀନ ୨୬ ଗୋଟି ପଞ୍ଚାୟତର ବହୁ ଗ୍ରାମ ପାଣି ଘେରରେ ରହିଛି। ବର୍ଷା ଫଳରେ ବ୍ଲକ ଅଧୀନରେ ଥିବା ୧୧ହଜାର ହେକ୍ଟର ଚାଷଜମି ମଧ୍ୟରୁ ୧୦ହଜାର ହେକ୍ଟର ଚାଷଜମିରେ ୩ ଫୁଟ ଉଚ୍ଚର ବର୍ଷାଜଳ ଲହଡି ଭାଙ୍ଗୁଛି। ସେହିପରି ଗୋଲରାହାଟ ପଞ୍ଚାୟତ ଗୋଲରାହାଟ ମୁସଲମାନ ବସ୍ତିରେ ବୁଧବାର ରାତିରୁ ବର୍ଷା ଜଳ ଜମି ରହିବା ଫଳରେ ଏକ ପ୍ରକାର କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏହି ବସ୍ତିର ପାଖାପାଖି ୧୫ ପରିବାର ସମ୍ପୂର୍ଣ୍ଣ ବିପନ୍ନ ହୋଇଛନ୍ତି। ବସ୍ତିର ଆକବର ଅଲ୍ଲୀଙ୍କ ସମେତ ବହୁ ଲୋକଙ୍କ ଘରେ ପାଣି ପଶିଯିବା ଫଳରେ ସେମାନେ ନିଜ ଅନ୍ୟ ଘରେ ଆଶ୍ରୟ ନେଇଛନ୍ତି। ସେହିପରି ଗ୍ରାମର ଜରିନା ବିବି, ଇବରାର ମହାମ୍ମଦଙ୍କ ପରିବାର ଜଳବନ୍ଦୀ ମଧ୍ୟରେ ରହିଛନ୍ତି। ପଞ୍ଚାୟତ ସରପଞ୍ଚ ପ୍ରଭାତି ରାଉତ ଓ ପୂର୍ବତନ ସରପଞ୍ଚ ତ୍ରିଲୋଚନ ରାଉତ ସମ୍ପୃକ୍ତ ଗ୍ରାମରୁ ଯଥାଶୀଘ୍ର ଜଳ ନିଷ୍କାସନ ପାଇଁ ଉଦ୍ୟମ ଚଳାଇଛନ୍ତି। ବସପୁର ପଞ୍ଚାୟତ ନରହରିପୁର ଗ୍ରାମର ମଥୁରି ଜେନା, ଗଗନ ଜେନା ଓ ରମେଶ ଜେନାଙ୍କ ଘରର କାନ୍ଥ ବର୍ଷାରେ ଭୁସୁଡି ପଡିଛି। ହରିଅଙ୍କ ପଞ୍ଚାୟତ ପାଣିଓଳା ଗ୍ରାମରେ ବର୍ଷାଜଳ ଜମି ରହିବା ଫଳରେ ବହୁ ପରିବାର ଜଳବନ୍ଦୀ ହୋଇ ରହିଛନ୍ତି। ଏପରି କି ବିଦ୍ୟାଳୟ ଭିତରେ ବର୍ଷାଜଳ ଲହଡି ମାରୁଥିବାରୁ ବିପନ୍ନ ଗ୍ରାମବାସୀ ଆଶ୍ରୟ ନେବାରେ ସମସ୍ୟା ଦେଖାଦେଇଛି । ଅପରପକ୍ଷରେ ମଙ୍ଗଳପୁର ପଞ୍ଚାୟତ ମଙ୍ଗଳପୁର ଗ୍ରାମର ୭, ୮, ୯ ତିନୋଟି ୱାର୍ଡରେ ବର୍ଷାଜଳ ଜମି ରହିଥିବାରୁ ସେମାନେ ବିରୁପା ନଦୀବନ୍ଧରେ ଆଶ୍ରୟ ନେଇଛନ୍ତି। ସେହିପରି ବ୍ଲକ ଅଧୀନ କୁଶିଆପାଳ ପଞ୍ଚାୟତ ଖର୍ଦ୍ଦସାହି ଗ୍ରାମର ଚଗୁଲି ମଳିକ କାନ୍ଥ ତଳେ ଚାପି ହୋଇ ରହିଥିବା ବେଳେ ଗ୍ରାମବାସୀଙ୍କ ଦ୍ୱାରା ଉଦ୍ଧାର ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି ।

## କାନ୍ଥ ଭୁଶୁଡ଼ିଲା, ସ୍କୁଲ ଘରେ ୫୦ରୁ ଊର୍ଦ୍ଧ୍ୱ ପରିବାର

**ରାଜକନିକା, ୬।୯ (ଡି.ଏନ୍.ଏ.)**

ରାଜକନିକା ବ୍ଲକ ଅଞ୍ଚଳରେ ତୁହାକୁ ତୁହା ବର୍ଷା ସାଙ୍ଗକୁ ପ୍ରବଳ ବେଗରେ ପବନ ବହିବା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବର୍ଷା ପାଣି ଜମି ରହି ରାସ୍ତାଘାଟ ବେହାଲ ହୋଇଥିବା ବେଳେ ଶତାଧିକ ଲୋକଙ୍କ ଘର ଭିତରେ ପାଣି ପଶିଯାଇଛି। ବ୍ଲକ ଅଧୀନ ଅବଦୁଲପୁର ଗ୍ରାମର ୨୦ ଘରିଆ ଯେନାସାହିରେ ପ୍ରାୟ ୫୦ ଜଣଙ୍କ ଘର କାନ୍ଥ ଭୁଶୁଡ଼ି ପଡ଼ିବାରୁ ଲୋକମାନେ ନିକଟସ୍ଥ ସ୍କୁଲ ଘରେ ଆଶ୍ରୟ ନେଇଛନ୍ତି। ସ୍କୁଲ ଭିତରେ ବି ବର୍ଷାପାଣି ସୁଅ ଛୁଟିଥିବା ବେଳେ ନଳକୂପ ଚାରିପଟେ ବର୍ଷାପାଣିର ଲହଡି ଖେଳୁଛି। ସେହିପରି ଲଘୁଚାପ ଜନିତ ବର୍ଷାରେ ଚରପଡା ଯେନାସାହି, ପଧାନପଡ଼ା ଯେନାସାହି, ହଳୁପଡା ଦାସସାହି, କଣ୍ଡିଆ ମଳିକସାହି, ରସିକନଗର ଗ୍ରାମବାସୀ ଘରଛାଡି ନିକଟସ୍ଥ ଉଚ୍ଚ ସ୍ଥାନକୁ ପଳାଇଛନ୍ତି। ହାଟସାହି ହାଇସ୍କୁଲ–ତାରିଣି ଛକ ପର୍ଯ୍ୟନ୍ତ ପ୍ରାୟ ଦେଢ କିଲୋମିଟର ରାସ୍ତାରେ ୩ଫୁଟ ଉଚ୍ଚର ପାଣି ଜମି ରହିଛି। ସେହିପରି କଣ୍ଡିଆ–ରାଜକନିକା ମୁଖ୍ୟ ରାସ୍ତା ବୁଡିଯାଇଛି।



ରାଜକନିକା ବ୍ଲକ ଅବଦଲପୁରସ୍ଥିତ ଏକ ସ୍କୁଲରେ ଆଶ୍ରୟ ନେଇଥିବା ପରିବାର।

**ମହାକାଳପଡ଼ା, (ଡି.ଏନ୍.ଏ.):** ଲଗାଣ ବର୍ଷା ଯୋଗୁ ମହାକାଳପଡ଼ା ବ୍ଲକ ଅଞ୍ଚଳର ସମୁଦ୍ରକୂଳବାସୀଙ୍କ ଆତଙ୍କିତ ହୋଇପଡ଼ିଛନ୍ତି। ଦୁଇ ଦିନ ମଧ୍ୟରେ ପ୍ରାୟ ୩୦୦ ମିମି ବର୍ଷା ହୋଇଥିବା ପ୍ରଶାସନ ପକ୍ଷରୁ ରେକର୍ଡ କରାଯାଇଛି। ରାମନଗର, ଖରିନାସୀ, ଜମ୍ବୁ, ସୁନୀତି, ପେଟ୍‌ଛେଲା ଆଦି ପଞ୍ଚାୟତବାସୀ ଜଳବନ୍ଦୀ ହୋଇ ରହିଛନ୍ତି। ଘର ଭିତରେ ବର୍ଷା ପାଣି ଲହଡ଼ି ମାରୁଥିବାରୁ ଅଧିକାଂଶ ପରିବାର ଭୋକ ଉପାସରେ ଦିନ କାଟୁଛନ୍ତି। ଜମ୍ବୁ ପଞ୍ଚାୟତ ମଧ୍ୟମ ଜମ୍ବୁ ୮ ନଂ. ୱାର୍ଡ ବର୍ଷା ପାଣିରେ ବୁଡ଼ି ରହିବା ଫଳରେ ୪ଟି ଘାଇ ସୃଷ୍ଟି ହୋଇଥିବା ପୂର୍ବତନ ସରପଞ୍ଚ ସୁଜନ ଦାସ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ବିଡିଓ ରମେଶଚନ୍ଦ୍ର ସେଠୀ କହିଛନ୍ତି, ବର୍ଷା ଯୋଗୁ ବ୍ଲକ ଅଞ୍ଚଳରେ ଉପୁଜିଥିବା ସମସ୍ୟା ଉପରେ ସତର୍କ ଦୃଷ୍ଟି ରଖାଯାଇଛି। ଆବଶ୍ୟକ ହେଲେ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବ।

## ଗରଦପୁରରେ ୨୪୦ ମିମି ବର୍ଷା ରେକର୍ଡ

**ପାଟକୁରା, ୬।୯ (ଡି.ଏନ୍.ଏ.)**

ଗରଦପୁର ବ୍ଲକ ଅଞ୍ଚଳରେ ଦୁଇ ଦିନ ମଧ୍ୟରେ ୨୪୦ ମିମି ବର୍ଷା ରେକର୍ଡ ହୋଇଛି। ଫଳରେ ଶତାଧିକ ଏକର ଚାଷ ଜମି ଜଳମଗ୍ନ ହୋଇଥିବା ବେଳେ ଧାନ ଫସଲ ନଷ୍ଟ ହେବା ଆଶଙ୍କାରେ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ବେଡାରୀ ଜାମୁଗଛ ଚେକ୍ ଡ୍ୟାମ୍‌ରେ ଲକ୍ ପଡ଼ିଥିବା ଯୋଗୁ ଉଦ୍‌ବୃତ୍ତ ବର୍ଷା ଜଳ ନିଷ୍କାସିତ ପାରୁ ନଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବ୍ଲକ ଅଞ୍ଚଳର କେତେକ ସ୍ଥାନରେ ଲୋକଙ୍କ ଘରେ ପାଣି ପଶି ଯାଇ ଥିବା ବେଳେ ଲୋକମାନେ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ତେବେ ବର୍ଷା ଯୋଗୁ ବେଡାରୀ ଗ୍ରାମର ସଜନୀ ବେଓ୍ୱା(୮୫)ଙ୍କ ଘରର କାନ୍ଥ ଭୁଶୁଡ଼ି ପଡ଼ିବା ଯୋଗୁ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ଗ୍ରାମର ବଜ୍ରମହାକାଳୀଙ୍କ ମଣ୍ଡପରେ ଆଶ୍ରୟ ଦେଇଛନ୍ତି।

## ଚିତ୍ରୋତ୍ପଳା ନଦୀ ବନ୍ଧ ଧସିଲା



କୁଲତୁଠୀ ଗ୍ରାମଠାରେ ନଦୀବନ୍ଧ ଧସିଯାଇଛି।

**ପାଟକୁରା, ୬।୯ (ଡି.ଏନ୍.ଏ.)**

ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ କୁଲତୁଠୀ ଗ୍ରାମ ନିକଟରେ ଚିତ୍ରୋତ୍ପଳା ନଦୀବନ୍ଧ ୩ଟି ସ୍ଥାନରେ ଧସି ଯାଇଛି। ୨ଟି ସ୍ଥାନରେ ପିଚୁ ରାସ୍ତା ଫାଟି ଯାଇଥିବା ବେଳେ ଜଳ ସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରଭୁଦ କୁମାର ରାଉତ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ନଦୀରେ ବନ୍ୟା ଜଳ ପ୍ରବାହିତ ହେଉଥିବା ସମୟରେ ରାସ୍ତା ଧସି ଯାଇଥିବାରୁ ବନ୍ୟା ଭୟରେ ଲୋକମାନେ ଆତଙ୍କିତ ହୋଇପଡ଼ିଛନ୍ତି। ୨୦୦୬ରେ ଏଠାରେ ୧୨ଶହ ଫୁଟ ଲମ୍ବର ଘାଇ ସୃଷ୍ଟି ହେବା ପରେ ଜଳସମ୍ପଦ ବିଭାଗ ପକ୍ଷରୁ ନଦୀ ପାର୍ଶ୍ୱ ବନ୍ଧ ଉଚ୍ଚା କରାଯାଇଥିଲା। ମାତ୍ର ସେହି ସମୟରେ ଗ୍ରାମପାର୍ଶ୍ୱ ବନ୍ଧ ପ୍ରତି ଦୃଷ୍ଟି ଦିଆଯାଇ ନଥିବା ବେଳେ ୫–୬ ବର୍ଷ ହେବ ବନ୍ଧ ମରାମତି ବା ରେନ୍‌କଟ୍ ମରାମତି କରାଯାଉନି। ଫଳରେ ବର୍ଷାପାଣି ଗ୍ରାମପାର୍ଶ୍ୱକୁ ଗଡ଼ିଯାଉଥିବା ଯୋଗୁ ନଦୀବନ୍ଧ ଧସି ଯିବା ଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

## ପଟ୍ଟାମୁଣ୍ଡାଇ କଲେଜ ଛାତ୍ରାବାସ ସମସ୍ୟା ନେଇ ଆନ୍ଦୋଳନ



କଲେଜ ଫାଟକ ଆଗରେ ଆନ୍ଦୋଳନରତ ଛାତ୍ରମାନେ।

**ପଟ୍ଟାମୁଣ୍ଡାଇ,୬।୯(ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ କଲେଜ ଛାତ୍ରାବାସର ବିଭିନ୍ନ ସମସ୍ୟା ନେଇ ଗୁରୁବାର ଛାତ୍ରମାନଙ୍କ ପକ୍ଷରୁ କଲେଜର ମୁଖ୍ୟ ଫାଟକ ନିକଟରେ ଆନ୍ଦୋଳନ କରାଯାଇଥିଲା। ପ୍ରକାଶ ଯେ, ଛାତ୍ରାବାସ କୋଠରୀ ଛାତରୁ ବର୍ଷା ହେଲେ ପାଣି ଗଳୁଛି । ଫଳରେ ବହିଖାତା, ବିଛଣା , ପ୍ୟାଣ୍ଟଶାର୍ଟ ନଷ୍ଟ ହେଉଛି । ପାନୀୟ ଜଳ ସମସ୍ୟା ଲାଗି ରହିଛି। ୨ ମାସ ଧରି ଛାତ୍ରାବାସରେ ଥିବା ପାଇଖାନା ଟାଙ୍କି ଜାମ୍ ହୋଇଯାଇଛି । ଏପରି କି ନିମ୍ନମାନର ଖାଦ୍ୟ ଦିଆଯାଉଥିବା ଅଭିଯୋଗ ହେଉଛି । ଏ ନେଇ ଛାତ୍ରମାନେ କଲେଜ ଅଧ୍ୟକ୍ଷ, ଛାତ୍ରାବାସ ଅଧୀକ୍ଷକ ଓ ବିଭିନ୍ନ ବିଭାଗର ବରିଷ୍ଠ ଅଧ୍ୟାପକମାନଙ୍କୁ ଅବଗତ କରିଥିଲେ ମଧ୍ୟ କୌଣସି ବିହିତ ପଦକ୍ଷେପ ନିଆଯାଇନାହିଁ । ଏହାର ପ୍ରତିବାଦରେ ବିଶ୍ୱରଞ୍ଜନ ପଣ୍ଡା, ରାଜେଶ ରଣା, ନିହାର ତ୍ରିପାଠୀ, ଗୌତମ ସାହୁ, ରାହୁଲ ମାହୁନ୍ତ, ମନୋଜ ସ୍ୱାଇଁଙ୍କ ସମେତ ଛାତ୍ରାବାସର ସମସ୍ତ ଛାତ୍ର ଆନ୍ଦୋଳନରେ ସାମିଲ ହୋଇଥିଲେ । ଯଥାଶୀଘ୍ର ଛାତ୍ରାବାସରେ ଲାଗି ରହିଥିବା ସମସ୍ୟା ଦୂର ପାଇଁ ଛାତ୍ରମାନଙ୍କ ପକ୍ଷରୁ ଦାବି ହୋଇଛି।

## ମାର୍ଶାଘାଇ ଅଞ୍ଚଳ ଜଳବନ୍ଦୀ

**ମାର୍ଶାଘାଇ,୬।୯(ଡିଏନଏ)**

ଲଗାଣ ବର୍ଷାରେ ସମଗ୍ର ମାର୍ଶାଘାଇ ଅଞ୍ଚଳ ଜଳାର୍ଣ୍ଣବ ହୋଇପଡିଛି। ଗୁରୁବାର ଅପରାହ୍ନ ସୁଦ୍ଧା ଗୋଟିଏ ଦିନରେ ପ୍ରାୟ ୪୦୦ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି । ବିଭିନ୍ନ ଶିକ୍ଷାନୁଷ୍ଠାନ ପରିସର ଏବଂ ରାସ୍ତାରେ ବର୍ଷା ପାଣି ଜମି ରହିଛି। ମାର୍ଶାଘାଇ ମହାବିଦ୍ୟାଳୟ ପରିସର ସମେତ ଖେଳପଡିଆ,କ୍ରୀଡା ପରିଷଦ ଗୃହ ଭିତର ପ୍ରାୟ ୨ଫୁଟ ଉଚ୍ଚର ପାଣି ଜମି ରହିଛି। ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟ ରାସ୍ତାରେ ୩ ଫୁଟ ଉଚ୍ଚର ବର୍ଷାଜଳ ପ୍ରବାହିତ ହେବାରୁ ଛାତ୍ରଛାତ୍ରୀମାନେ ବିଦ୍ୟାଳୟକୁ ଯାଇପାରି ନ ଥିଲେ। କୁଣ ଛକ, ବନ୍ଧ ସାହି, କୁମ୍ଭାର ସାହିରେ ବର୍ଷାଜଳ ପ୍ରାୟ ୩ ଫୁଟ ଉଚ୍ଚରେ ପ୍ରବାହିତ ହୋଇଥିଲା। ବେରୁହାଁ ପାଟ, ବଉଦ ପାଟ ପ୍ରଭୃତି ପଞ୍ଚାୟତର ଚାଷଜମି ଜଳମଗ୍ନ ହୋଇପଡିଛି। କୁସୁନପୁରସ୍ଥିତ ମା' ଚାଟେଶ୍ୱରୀଙ୍କ ମନ୍ଦିର ବର୍ଷା ପାଣିରେ ଅର୍ଦ୍ଧାଧିକ ବୁଡି ଯାଇଛି। ମାର୍ଶାଘାଇ କୁମ୍ଭାର ସାହିର ବାଉରୀ ବନ୍ଧୁ ବେହେରାଙ୍କ ଘର କାନ୍ଥ ପଡିଯିବାରୁ ସେମାନେ ପଡୋଶୀ ଘରେ ଆଶ୍ରୟ ନେଇଛନ୍ତି। ବିପନ୍ନ ପରିବାରକୁ ପଲିଥିନ ଯୋଗାଇ ଦିଆଯାଇଥିବା ମାର୍ଶାଘାଇ ତହସିଲଦାର ଚନ୍ଦ୍ରକାନ୍ତ ପଣ୍ଡା ପ୍ରକାଶ କରିଛନ୍ତି।

## ଭୋଟର ତାଲିକା ପାଇଁ ଜିଲା ପ୍ରଶାସନର ପ୍ରସ୍ତୁତି

### ଜିଲାରେ ୩୭ ବୁଥ୍ ବଢ଼ିଲା

**କେନ୍ଦ୍ରାପଡା ଅଫିସ, ୬।୯**

ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ୨୦୧୯ ଜାନୁୟାରୀ ପହିଲା ସୁଦ୍ଧା ୧୮ ବର୍ଷ ପ୍ରାପ୍ତ ଯୁବତୀଯୁବକଙ୍କ ନାମ ଓ ଫଟୋ ଭୋଟର ତାଲିକାରେ ସାମିଲ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଏକ ସ୍ୱତନ୍ତ୍ର ପ୍ରସ୍ତୁତି ଆରମ୍ଭ ହୋଇଛି। ଏଥିପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳ ଦାଶରଥି ଶତପଥୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲାରେ ୩୭ଟି ବୁଥ୍ ବୃଦ୍ଧି ହୋଇଥିବା ଜଣାପଡିବା ସହ ପାଟକୁରା ବିଧାନସଭା ନିର୍ବାଚନ ମଣ୍ଡଳୀର ବୁଥ ନଂ. ୩୫ ଓ ୩୬, କେନ୍ଦ୍ରାପଡା ବିଧାନସଭା ନିର୍ବାଚନ ମଣ୍ଡଳୀର ୧୬୪ ଓ ୧୬୫ ବୁଥ୍‌କୁ ମିଶାଇ ଦିଆଯାଇ ଗୋଟିଏ ଲେଖାଏଁ ବୁଥ୍ କରାଯାଇଥିବା ଘୋଷଣା କରାଯାଇଥିଲା। ଏହି ବୈଠକରେ ଏଡିଏମ୍ ବସନ୍ତ କୁମାର ରାଉତ, ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର ଯୋଗଦେଇ ଭୋଟର ତାଲିକା ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ। ସେମାନେ ପ୍ରକାଶ କରିଥିଲେ ଯେ, ଭୋଟର ତାଲିକାର ସଂକ୍ଷିପ୍ତ ସଂଶୋଧନ ଆସନ୍ତା ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ସମୟ ମଧ୍ୟରେ ଜନସାଧାରଣଙ୍କଠାରୁ ଆବେଦନ ପତ୍ର ଗ୍ରହଣ କରାଯିବ। ବିଭିନ୍ନ ପ୍ରକ୍ରିୟା ପରେ ୨୦୧୯ ଜାନୁୟାରୀ ୪ ତାରିଖରେ ସଂଶୋଧିତ ଭୋଟର ତାଲିକା ପ୍ରକାଶ ପାଇବ। ଏଥିପାଇଁ ଜିଲାର ୧୪୩୮ ବୁଥ୍‌ରେ ଅଧିକାରୀଙ୍କୁ ନିୟୋଜିତ କରାଯାଇଥିବା ବେଳେ ୧୪୦ ଜଣ ଅଧିକାରୀଙ୍କୁ ଏହି କାର୍ଯ୍ୟର ନିରୀକ୍ଷଣ ପାଇଁ ନିଯୁକ୍ତି ଦିଆଯାଇଛି। ରାଜନୈତିକ ଦଳମାନେ ଏହି ସମୟରେ ଏକ ବୁଥ ଲେବୁଲ ଏଜେଣ୍ଟ ପ୍ରଦାନ କରିବେ ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ଏଥିସହ ସେମାନେ ସୂଚନା ଦେଇଥିଲେ ଯେ, ଜିଲାର ପାଟକୁରା ବିଧାନସଭା ନିର୍ବାଚନ ମଣ୍ଡଳୀରେ ୩ଟି ବୁଥ୍ ବଢ଼ିଛି। ସେହିପରି କେନ୍ଦ୍ରାପଡା ବିଧାନସଭା ନିର୍ବାଚନ ମଣ୍ଡଳୀରେ ୮ଟି, ଆଳିରେ ୩ଟି, ରାଜନଗରରେ ୯ଟି ଓ ମହାକାଳପଡା ବିଧାନସଭା ନିର୍ବାଚନ ମଣ୍ଡଳୀରେ ସର୍ବାଧିକ ୧୪ଟି ବୁଥ ବଢ଼ିଛି। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଚନ୍ଦ୍ରକାନ୍ତ ନାୟକ, ଜିଲାର ରାଜସ୍ୱ ବୀଭାଗୀୟ ଅଧିକାରୀଙ୍କ୍ ସମେତ ସହରର ବହୁ ବୁଦ୍ଧିଜୀବୀ ବୈଠକରେ ସାମିଲ ହୋଇଥିଲେ।



ବୈଠକରେ ଜିଲାପାଳ ଦାଶରଥି ଶତପଥୀ ଓ ଅନ୍ୟମାନେ।

## ଆଳି ନୂଆବଜାରରେ ବୁଲା ଗୋରୁ ସଂଖ୍ୟା ବୃଦ୍ଧି

# ବିଗୁଡୁଛି ଟ୍ରାଫିକ୍ ବ୍ୟବସ୍ଥା, ବଢୁଛି ଦୁର୍ଘଟଣା

**ଆଳି, ୬।୯ (ଡି.ଏନ୍.ଏ.)**

ଆଳି ବ୍ଲକର ପ୍ରମୁଖ ବ୍ୟବସାୟ ପେଣ୍ଠସ୍ଥଳୀ ଆଳି ନୂଆବଜାରରେ ଦିନକୁ ଦିନ ବୁଲା ଗୋରୁଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଏଥିଯୋଗୁ ଦିନବେଳା ଟ୍ରାଫିକ୍ ସମସ୍ୟା ଉପୁଜୁ ଥିବା ବେଳେ ମୁହଁ ଅନ୍ଧାର ହେଲେ ବହୁ ଦୁର୍ଘଟଣା ଘଟୁଛି। ଏଥିପ୍ରତି ପୋଲିସ ପ୍ରଶାସନ ଦୃଷ୍ଟି ଦେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ସନ୍ଧ୍ୟାହେଲେ ନୂଆବଜାର ଛକ ବୁଲା ଗୋରୁଙ୍କ ଗୁହାଳ ପାଲଟିଯାଉଛି। ଫଳରେ ଲୋକମାନେ ଯିବାଆସିବା ବେଳେ ଅସୁବିଧା ଭୋଗ କରିବା ସହିତ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହେଉଛି। ଅନେକ ସମୟରେ ଗାଡି ଚାଳକ ମାନେ ଦୁର୍ଘଟଣାର ଶିକାର ହୋଇ ପ୍ରାଣ ହରାଉଛନ୍ତି। ଏଥିସହ ଅଧିକାଂଶ ସମୟରେ ବଡ଼ବଡ଼ ଗାଡି ଧକ୍କାରେ ବହୁ ଗୋରୁଙ୍କର ଜୀବନ ଯାଉଛି। ଆଳି ନୂଆବଜାର ମଧ୍ୟ ଦେଇ କଟକ–ଚାନ୍ଦବାଲି ରାଜପଥରେ ଦୈନିକ ହଜାର ହଜାର ଯାନବାହନ ଚଳାଚଳ କରୁଥିବା ବେଳେ ବୁଲା ଗୋରୁଙ୍କ ମେଳି ଯୋଗୁ ଟ୍ରାଫିକ୍ ସମସ୍ୟା ମଧ୍ୟ ଉପୁଜୁଛି। ଏହା ବ୍ଲକ ହେଡକ୍ୱାର୍ଟର ହୋଇଥିବା ବେଳେ ଏଠାରେ ଟ୍ରାଫିକ୍ ନିୟନ୍ତ୍ରଣ ବ୍ୟବସ୍ଥା ମଧ୍ୟ କରାଯାଇନାହିଁ। ଫଳରେ ଦୈନିକ ଏକାଧିକ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ସାଧାରଣତଃ ଅପରାହ୍ନ ୪ ଟା ପରଠାରୁ ଅଧିକ ଦୁର୍ଘଟଣା ଘଟୁଛି। ଆଳି ବ୍ଲକ ସାମ୍ନାରୁ ଥାନା ଛକ ପର୍ଯ୍ୟନ୍ତ ରାସ୍ତାରେ ବୁଲାଗୋରୁ ଶୋଇବା ଯୋଗୁ ବହୁ ସମୟ ପର୍ଯ୍ୟନ୍ତ ରାସ୍ତା ବନ୍ଦ ହୋଇଯାଉଛି। ଅନେକ ସମୟରେ ରାସ୍ତାରେ ଆମ୍ବୁଲାନ୍ସ ମଧ୍ୟ ଅଟକି ରହୁଛି। ପୋଲିସ ପ୍ରଶାସନ ପକ୍ଷରୁ ଏଥିପ୍ରତି ଧ୍ୟାନ ଦିଆଯାଉ ନ ଥିବାରୁ ସାଧାରଣ ଲୋକେ ଅସୁବିଧା ଭୋଗୁଛନ୍ତି। ତୁରନ୍ତ ଏହି ସମସ୍ୟାର ସମାଧାନ ପାଇଁ ପ୍ରଶାସନ ପକ୍ଷରୁ ଦୃଷ୍ଟି ଦିଆଯିବାକୁ ସାଧାରଣରେ ଦାବି ହେଉଛି।



ନୂଆବଜାର ଛକରେ ବୁଲା ଗୋରୁଙ୍କ ମେଳି।

## ଅନ୍ୟ ସ୍କୁଲ ସହ ମିଶିବ ୧୦ ପ୍ରାଥମିକ ବିଦ୍ୟାଳୟ

**ଆଳି, ୬।୯ (ଡି.ଏନ୍.ଏ.)**

ରାଜ୍ୟରେ ପ୍ରାଥମିକ ଶିକ୍ଷାଠାରୁ ମାଧ୍ୟମିକ ଶିକ୍ଷା ପର୍ଯ୍ୟନ୍ତ ଶିକ୍ଷା ବ୍ୟବସ୍ଥାକୁ ସୁଚାରୁ ରୂପେ ସମ୍ପାଦନ କରି ଛାତ୍ରୀଛାତ୍ରମାନଙ୍କୁ ଗୁଣାତ୍ମକ ଶିକ୍ଷା ଦେବାପାଇଁ ରାଜ୍ୟ ସରକାର ବିଦ୍ୟାଳୟ ମିଶ୍ରଣ ପ୍ରକ୍ରିୟା ୨୦୧୭–୧୮ରୁ ଆରମ୍ଭ କରିଛନ୍ତି। ରାଜ୍ୟ ଗଣ ଶିକ୍ଷା ବିଭାଗ ପକ୍ଷରୁ ୨୦୧୮ ଅଗଷ୍ଟ ୨୫ରେ ଆସିଥିବା ଚିଠି ଅନୁଯାୟୀ, ଆଳି ବ୍ଲକରେ ୧୦ଟି ପ୍ରାଥମିକ ବିଦ୍ୟାଳୟର ପାରିପାର୍ଶ୍ୱିକ ଅବସ୍ଥାକୁ ଦୃଷ୍ଟିରେ ରଖି ସେଗୁଡ଼ିକୁ କେତେକ ପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟ ସହ ମିଶ୍ରଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ବ୍ଲକର ନିଆଳ–ଗୌଡପାଟଣା ପ୍ରୋଜେକ୍ଟ ୟୁଜିୟୁପି ସ୍କୁଲକୁ ସହଦେବ ବାଳିକା ଉଚ୍ଚ ବିଦ୍ୟାଳୟ ସହିତ, କଳଦିଆ ଜୁନିୟର ବେସିକ ସ୍କୁଲକୁ ରାଧାନାଥ ୟୁପି ସ୍କୁଲ ସହିତ, ଆଠପାଟଣା ଉଚ୍ଚ ପ୍ରାଥମିକ ସ୍କୁଲକୁ ଆଠପାଟଣା ବୀଣାପାଣି ହାଇସ୍କୁଲ ସହିତ ଓ ବଡମୂଳସାହି ପ୍ରୋଜେକ୍ଟ ପ୍ରାଇମେରୀକୁ ମୂଳସାହି ପ୍ରାଇମେରି ସ୍କୁଲ ସହିତ ମିଶ୍ରଣ କରାଯିବ। ଅନୁରୂପ ଭାବେ ବେଲାରୀ ଆରଏବିଏମ ପ୍ରାଇମେରିକୁ ବାପୁଜୀ ଉଚ୍ଚ ପ୍ରାଥମିକ ବିଦ୍ୟାପୀଠ ସହ, ପଦନିପାଳ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଡିପିଏସ ହାଇସ୍କୁଲ ସହିତ, ଦକ୍ଷିଣେଶ୍ୱର ପ୍ରାଇମେରି ସ୍କୁଲ ଦକ୍ଷିଣେଶ୍ୱର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସହ, ହିଙ୍ଗୋଳ ୟୁଜିୟୁପି ସ୍କୁଲ ଗୋପବନ୍ଧୁ ନୋଡାଲ ହାଇସ୍କୁଲ ସହ, କେତୁଆପାଳ ନୋଡାଲ ପ୍ରାଇମେରି ସ୍କୁଲ ଗୋପବନ୍ଧୁ ନୋଡାଲ ହାଇସ୍କୁଲ ସହ ଓ କଳସପୁର ପ୍ରାଇମେରି ସ୍କୁଲ ଲକ୍ଷ୍ମୀବରାହ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସହ ମିଶ୍ରଣ ପାଇଁ ଚିଠି ଯୋଗେ ଜଣାଯାଇଛି।

## ସଂକ୍ଷେପରେ

### ବଳାତ୍କାର ଅଭିଯୋଗରେ ଜଣେ ଗିରଫ

**କେନ୍ଦ୍ରାପଡ଼ା ଅଫିସ, ୬।୯:** ସଦର ଥାନା ଅନ୍ତର୍ଗତ ଅଙ୍ଗୁଳାଇ ପଞ୍ଚାୟତ ମାଟିଆସାହି ଗ୍ରାମର ରଘୁନାଥ ପ୍ରଧାନଙ୍କୁ ଏକ ବଳାତ୍କାର ମାମଲାରେ ପୋଲିସ ଗୁରୁବାର ଗିରଫ କରିଛି। ଶୁକ୍ରବାର ଡାକ୍ତରୀ ପରୀକ୍ଷା ପରେ ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ କାବୁଲି ବାରିକ ସୂଚନା ଦେଇଛନ୍ତି। ଥାନା ଅଧିକାରୀ ବାରିକଙ୍କ ସୂଚନା ଅନୁଯାୟୀ, ଗତ ରବିବାର ସନ୍ଧ୍ୟାରେ ଅଭିଯୁକ୍ତ ରଘୁନାଥ ଜନୈକା ମହିଳାଙ୍କୁ ବଳାତ୍କାର କରିଥିବା ସମ୍ପର୍କରେ ବୁଧବାର ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ଥାନାରେ ୨୬୬/୧୮ନଂ.ରେ ମାମଲା ରୁଜୁ ହୋଇଥିଲା।

### ବିଦ୍ୟୁତ୍ ତାର ଛିଣ୍ଡିବାରୁ ଦୁର୍ଘଟଣା ଜଣେ ଆହତ, ୮ ଛେଳି ମୃତ

**ସାଲେପୁର, ୬।୯ (ଡି.ଏନ୍.ଏ):** ସାଲେପୁର ବ୍ଲକ୍ ପିକୋଳ ପଞ୍ଚାୟତ ଅନ୍ତର୍ଗତ ବଣହରା ଗ୍ରାମର ଦଳିତ ସାହିସ୍ଥିତ ୭ନଂ. କେନାଲ୍ ବନ୍ଧ ପାର୍ଶ୍ୱରେ ଗୁରୁବାର ବିଦ୍ୟୁତ୍ ତାର ଛିଣ୍ଡିପଡିବାରୁ ୮ଟି ଛେଳିର ମୃତ୍ୟୁ ଘଟିଥିବା ବେଳେ ଜଣେ ଛେଳିପାଳକ ଆହତ ହୋଇଛନ୍ତି। ଆହତ ଜଣକ ହେଲେ ଦଳିତ ସାହିର କାଙ୍ଗାଳି କାଣ୍ଡି। ତାଙ୍କୁ ଚିକିତ୍ସା ନିମନ୍ତେ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନା ଯୋଗ୍ୟ, ଦଳିତ ସାହିର କାଙ୍ଗାଳି କାଣ୍ଡି, କଣ୍ଡୁରି କାଣ୍ଡି, ଶୁକଦେବ ଭୋଇ କେନାଲ ବନ୍ଧ ପାର୍ଶ୍ୱରେ ଛେଳି ଚରାଉଥିଲେ। ଏହି ସମୟରେ ବନ୍ଧ ପାର୍ଶ୍ୱଦେଇ ଯାଇଥିବା ବିଦ୍ୟୁତ୍ ତାର ହଠାତ୍ ଛିଣ୍ଡି ପଡିଥିଲା। ଫଳରେ ଘଟଣା ସ୍ଥଳରେ ୮ଟି ଛେଳିର ମୃତ୍ୟୁ ଘଟିଥିବା ବେଳେ କାଙ୍ଗାଳି ଆହତ ହୋଇଥିଲେ। ଘଟଣା ସମ୍ପର୍କରେ ପିକୋଳ ସରପଞ୍ଚ ରଣଜୀତ୍ ଦାସ ସାଲେପୁର ସେସୁ (ବିଦ୍ୟୁତ୍) ଡିଭିଜନ୍ ଓ ଭାରପ୍ରାପ୍ତ ତହସିଲଦାର ଶିବବ୍ରତ ଘୋଷଙ୍କୁ ଅବଗତ କରାଇଥିଲେ। ବିଦ୍ୟୁତ୍ ବିଭାଗର ଆର୍‌ପିୟୁଏଲ୍ ମ୍ୟାନେଜର ମହେନ୍ଦ୍ର ନାୟକ ଘଟଣାସ୍ଥଳରେ ପହଞ୍ଚି ୩ ଛେଳିପାଳକଙ୍କୁ କ୍ଷତିପୂରଣ ବାବଦରେ ମୋଟ୍ ୯ହଜାର ଟଙ୍କା ପ୍ରଦାନ କରିଥିଲେ। ଏଥିସହ ଆହତ କାଙ୍ଗାଳିଙ୍କ ଚିକିତ୍ସା ନିମନ୍ତେ ସହାୟତା ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

### କମ୍ୟୁନିଟି କ୍ୟାଡରଙ୍କ ଦିନିକିଆ କର୍ମଶାଳା

**ତିଗିରିଆ, ୬।୯(ଡି.ଏନ୍.ଏ.)-** ଓଡ଼ିଶା ମିଶନ ମ୍ୟାନେଜମେଣ୍ଟ ୟୁନିଟ ଓରମାସ୍ ତରଫରୁ ତିଗିରିଆ ବ୍ଲକ ମିଶନ ମ୍ୟାନେଜମେଣ୍ଟ ଆନୁକୂଲ୍ୟରେ ଅଞ୍ଚଳର କମ୍ୟୁନିଟି କ୍ୟାଡ଼ରମାନଙ୍କୁ ନେଇ ଗୁରୁବାର ଏକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ କାର୍ଯ୍ୟାଳୟ ପରିସରେ ଡିଡିୟୁଜିକେୱାଇ ନିମନ୍ତେ ଏହି କର୍ମଶାଳାର ଆୟୋଜନ କରାଯାଇଥିଲା। କର୍ମଶାଳାରେ ବିଭିନ୍ନ ମହିଳା ସ୍ୱଂୟ ସହାୟିକା ଗୋଷ୍ଠୀର ମନୋନୀତ ସଭ୍ୟମାନେ କମ୍ୟୁନିଟି କ୍ୟାଡ଼ରେ ଭାବେ ଅଂଶ ଗ୍ରହଣ କରିଥିଲେ।

### ଧର୍ମପରାୟଣାଙ୍କ ପରଲୋକ

**ବାଲିକୁଦା,୬।୯(ସ୍ୱ.ପ୍ର.):** ବାଲିକୁଦା ବ୍ଲକ କାଳିଓ ପଞ୍ଚାୟତ ଗୋଡିଦା (ତଳସାହି) ଗାଁର ଛବିଲତା ସାହୁ(୬୩)ଙ୍କ ପରଲୋକ ଘଟିଛି । ସେ କିଛି ଦିନ ହେବ ଅସୁସ୍ଥ ଥିଲେ। ଜଣେ ପରୋପକାରୀ, ଧର୍ମପରାୟଣା, ମିଷ୍ଟଭାଷୀ ବ୍ୟକ୍ତି ଭାବେ ସେ ପରିଚିତ ଥିଲେ। ଖବରପାଇ ହରେକୃଷ୍ଣ ସାହୁ, କାବୁଲି ସାହୁ, ରାମଚନ୍ଦ୍ର ସାହୁ, ହରବନ୍ଧୁ ସ୍ୱାଇଁ, ଧର୍ମାନନ୍ଦ ଶତପଥୀ, ରବିନ୍ଦ୍ର ଦାସ, ପ୍ରକାଶ ସାହୁ, ଦେବେନ୍ଦ୍ର ସାହୁ, ପ୍ରଦୀପ୍ତ ସାହୁ, ଅମରେନ୍ଦ୍ର ସାହୁ, ବାମଦେବ ମହାନ୍ତି ପ୍ରମୁଖ ତଳସାହିସ୍ଥିତ ତାଙ୍କ ବାସ ଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ବଡ଼ ପୁଅ ଚନ୍ଦ୍ରମଣି ମୁଖାଗ୍ନି ଦେଇଥିଲେ। ମଝିଆଁ ପୁଅ ଅଜୁ, ସାନପୁଅ ବିଜୁ, ଝିଅ ଜ୍ୟୋସ୍ନା ଓ ଜ୍ୱାଇଁ ହେମନ୍ତ ପ୍ରମୁଖ ମୃତ୍ୟୁ ଶଯ୍ୟା ନିକଟରେ ଉପସ୍ଥିତ ଥିଲେ।

### ମାଳମାଳ ବେଆଇନ୍ ଚିଙ୍ଗୁଡ଼ି ଘେରି

# ଅସ୍ୱାସ୍ଥ୍ୟକର ହେଉଛି ଗ୍ରାମୀଣ ପରିବେଶ

**କୁଜଙ୍ଗ,୬।୯(ସ୍ୱ.ପ୍ର.)**

ସ୍ଥାନୀୟ ବାଲିତୁଠ ଅଞ୍ଚଳରେ ଏବେ ମାଳମାଳ ବେଆଇନ ଚିଙ୍ଗୁଡ଼ି ଘେରୀ ଗଢିଉଠିଛି। ପରିବେଶ ମଞ୍ଜୁରୀ ପାଇ ନ ଥିବା ଏହି ଚିଙ୍ଗୁଡ଼ି ଘେରୀ ଫଳରେ ଗ୍ରାମାଞ୍ଚଳ ପରିବେଶ କ୍ରମଶ ପ୍ରଦୂଷିତ ହେଉଛି। ଜଳ ଉତ୍ସଗୁଡ଼ିକ ମଧ୍ୟ ଭୀଷଣଭାବେ ପ୍ରଭାବିତ ହେଉଛି। ଫଳରେ ଏବେ ସ୍ଥାନୀୟ ଗ୍ରାମଗୁଡିକରେ ପରିବେଶ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ହୋଇପଡିଛି। ଏନେଇ ବିଭିନ୍ନ ସମୟରେ ଜଗତ୍‌ସିଂହପୁର ଜିଲାପାଳ, ଏରସମା ତହସିଲଦାରଙ୍କ ନିକଟରେ ଅଭିଯୋଗ କରାଯାଇଛି। ମାତ୍ର ଏନେଇ ପ୍ରଶାସନିକସ୍ତରରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଅନ୍ୟପକ୍ଷରେ ଏହି ବେଆଇନ ଚିଙ୍ଗୁଡ଼ି ଘେରୀ ଯୋଗୁ ପାରମ୍ପରିକ ଚାଷ ବିଲୁପ୍ତ ହେବାରେ ଲାଗିଛି। କେବଳ ରାସ୍ତା ଏବଂ ଘରବାଡ଼ିକୁ ଛାଡ଼ିଦେଲେ ବାକି ଚାରିଆଡେ ଚିଙ୍ଗୁଡ଼ି ଘେରୀ ନିର୍ମାଣ କରାଯାଇଛି, ଯାହାକି ଗ୍ରାମାଞ୍ଚଳ ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି।

ପ୍ରକାଶ ଯେ, ଏରସମା ବ୍ଲକ ୪ ନମ୍ବର ଜିଲା ପରିଷଦ ଜୋନ ଅଞ୍ଚଳରେ ଏବେ ବେଆଇନ ଭାବେ ଚିଙ୍ଗୁଡ଼ି ଘେରୀ ନିର୍ମାଣ କରାଯାଉଥିବା ଦେଖିବାକୁ ମିଳିଛି। ଫଳରେ ପାରମ୍ପରିକ ଧାନଚାଷ ଏବେ ପ୍ରାୟ ସମ୍ପୂର୍ଣ୍ଣ ଭାବେ ବିଲୁପ୍ତ ହୋଇପଡ଼ିଛି। କଟକ ଓ ଭୁବନେଶ୍ୱରର ଚିଙ୍ଗୁଡ଼ି ମାଫିଆମାନେ ସ୍ଥାନୀୟ ଅଞ୍ଚଳର ଚାଷୀଙ୍କୁ ପ୍ରଲୋଭିତ କରି ସେମାନଙ୍କଠାରୁ ଅତ୍ୟନ୍ତ ସ୍ୱଳ୍ପ ମୂଲ୍ୟରେ ଜମି ବାର୍ଷିକ ଭାବେ ଲିଜ ନେଇ ଏଥିରେ ଘେରୀ ନିର୍ମାଣ କରୁଛନ୍ତି। ଫଳରେ ସେମାନେ କୋଟି କୋଟି ଟଙ୍କାର ମୁନାଫା ହାସଲ କରୁଥିବାବେଳେ ଗରୀବ ଚାଷୀମାନଙ୍କୁ ସେମାନଙ୍କର ସ୍ୱଳ୍ପ ମୂଲ୍ୟ ମଧ ପ୍ରଦାନ କରୁନାହାନ୍ତି। ଏବେ ଏହି ଘେରୀ ନିର୍ମାଣ ପ୍ରକ୍ରିୟା ଏତେ ପରିମାଣରେ ବଢ଼ିଯାଇଛି ଯେ କେଳ ୧୦ ପ୍ରତିଶତ ଜମିକୁ ଛାଡ଼ିଦେଲେ ବାକି ସମସ୍ତ ଜମିରେ ଘେରୀ ନିର୍ମାଣ ହୋଇଥିବା ଜଣାପଡ଼ିଛି। ଏପରିକି ଅବଶିଷ୍ଟ ଦଶପ୍ରତିଶତ ଜମିରେ ମଧ ଧାନ ଚାଷ କରା ନ ଯାଇ ଏହାକୁ ପଡ଼ିଆ ପକାଯାଇଛି। ଧାନ ଚାଷରେ ଅଧିକ ଅର୍ଥ ଏବଂ ଶ୍ରମ ବିନିଯୋଗ କରାଯାଉଥିବାବେଳେ ସ୍ୱଳ୍ପ ଲାଭ ମିଳୁଛି। ଫଳରେ ଚାଷୀମାନେ ଏବେ ଏହି ପାରମ୍ପରିକ ଚାଷପ୍ରତି ବିମୁଖ ହୋଇପଡ଼ିଛନ୍ତି। ସେହିପରି ଘେରୀଗୁଡିକରେ ଅତ୍ୟନ୍ତ ବିଷାକ୍ତ ରସାୟନିକ ପଦାର୍ଥ ବ୍ୟବହାର କରାଯାଉଛି। ଅନେକ ସମୟରେ ଏହି ବିଷାକ୍ତ ପାଣିକୁ ନଦୀ ମଧକୁ ସେମାନେ ଛାଡ଼ି ଦେଉଛନ୍ତି। ଫଳରେ ନଦୀ ପାଣି ମଧ ପ୍ରଦୂଷିତ ହେଉଛି, ଯାହାର ପ୍ରଭାବରେ ନଦୀରେ ମାଛ ମଡ଼କ ଦେଖାଯାଉଛି। ଏହି ପାଣି ବ୍ୟବହାର କରୁଥିବା ଲୋକମାନେ ମଧ ନାନା ଚର୍ମରୋଗରେ ଆକ୍ରାନ୍ତ ହେଉଛନ୍ତି। ଏବେ ଏହି ପ୍ରକ୍ରିୟାରେ କୁଞ୍ଜକୋଠୀ, ଭିତରଅନ୍ଧାରୀ, ଗଡ଼କୁଜଙ୍ଗ, ବାଲିତୁଠ, ଢିଙ୍କିଆ, ନୂଆଗାଁ, ବଗଦିଆ, ବାମଦେଈପୁର, ଜପା, ନୂଆଡି, ଚଟୁଆ ଆଦି ପଞ୍ଚାୟତରେ ହଜାର ହଜାର ଏକର ଜମିରେ ବେଆଇନ ଘେରୀ ନିର୍ମାଣ କରାଯାଇଛି। ଗତବର୍ଷ ବାଲିତୁଠ ପଞ୍ଚାୟତର ଭିତରଶ୍ରୀଚନ୍ଦନପୁର, ବନବୁଧା ଅଞ୍ଚଳର ଶତାଧିକ ଲୋକ ଚିଙ୍ଗୁଡ଼ି ଘେରୀ ଯୋଗୁ ସେମାନଙ୍କ ଜୀବନଯାତ୍ରା ପ୍ରଭାବିତ ହେଉଥିବା ସ୍ଥାନୀୟ ତହସିଲଦାର ଏବଂ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ପୂର୍ବତନ ଜନପ୍ରତିନିଧିମାନେ ମଧ ଏହି ବେଆଇନ ଘେରୀ ବିରୋଧରେ ଦୃଢ ପଦକ୍ଷେପ ଗ୍ରହଣ କରାଯିବାକୁ ଦାବି କରିଥିଲେ। ଏହାକୁ ଭିତ୍ତି କରି ତତ୍କାଳୀନ ତହସିଲଦାର ଘେରୀଗୁଡ଼ିକ ନିରୀକ୍ଷଣ କରିବା ସହିତ ଏଥିଯୋଗୁ ହେଉଥିବା କ୍ଷୟକ୍ଷତି ଆକଳନ କରିଥିଲେ। ସେତେବେଳେ ଏହି ବେଆଇ ଘେରୀ ଉଚ୍ଛେଦ କରାଯିବ ବୋଲି ସରକାରୀସ୍ତରରେ ପ୍ରକାଶ କରାଯାଇଥିଲା। ମାତ୍ର ଗତ ୩ ବର୍ଷ ହେଲା ଏନେଇ ଆଉ କୌଣସି ସରକାରୀ ତତ୍ପରତା ପ୍ରକାଶ ପାଇନାହିଁ। ଫଳରେ ସରକାରୀ ପଦାଧିକାରୀମାନେ ଘେରୀ ମାଫିଆମାନଙ୍କ ସହିତ ଭିତିରିଆ ବୁଝାମଣା କରିଥିବା ଆଲୋଚନା ହେଉଛି।



- ମୁନାଫା ପାଉଛନ୍ତି ଚିଙ୍ଗୁଡ଼ି ମାଫିଆ
- ପ୍ରଦୂଷିତ ହେଉଛି ନଦୀ ଜଳ
- ଲୋପ ପାଇବାକୁ ବସିଛି ପାରମ୍ପରିକ ଧାନ ଚାଷ

## କର୍ତ୍ତବ୍ୟରେ ଅବହେଳା, ୫ ଶିକ୍ଷକଙ୍କ ଦରମା ବନ୍ଦ

**ବାଲିକୁଦା,୬।୯(ସ୍ୱ.ପ୍ର.)**

ବାଲିକୁଦା ବ୍ଲକ ଖାଲଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ୪ ସହକାରୀ ଶିକ୍ଷକଙ୍କ ବିରୋଧରେ କର୍ତ୍ତବ୍ୟରେ ଅବହେଳା ପାଇଁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ସାହୁ ଏହି ଶିକ୍ଷକମାନଙ୍କ ଦରମା ବନ୍ଦ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଗତ ଗୁରୁଦିବସ ଦିନ ସ୍କୁଲରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରାଯାଇ ନ ଥିବାରୁ ସେମାନଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ବିଇଓ ସାହୁ ସୂଚନା ଦେଇଛନ୍ତି। ଏଥିସହ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ନ କରିବାର କାରଣ ସମ୍ପର୍କରେ ୩ ଦିନ ମଧରେ ବ୍ଲକ ଶିକ୍ଷା ଅଧିକାରୀଙ୍କ ନିକଟରେ ରିପୋର୍ଟ ଦାଖଲ କରିବାକୁ ମଧ ନିର୍ଦ୍ଦେଶ ଦିଆଯାଇଛି। ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ରୋଷେଇ କରାଯାଇ ନ ଥିବା ସମ୍ପର୍କରେ ଆଇନଜୀବୀ ପ୍ରକାଶ ପ୍ରଧାନ ବିଇଓଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ବିଇଓ ସାହୁ ବିଦ୍ୟାଳୟରେ ପହଞ୍ଚି ତଦନ୍ତ କରିଥିଲେ। ଏହି ସମୟରେ ମଧ୍ୟାହ୍ନଭୋଜନ ରୋଷେଇ ହୋଇ ନ ଥିବା ସେ ଦେଖିବାକୁ ପାଇଥିଲେ।

## କର୍କଟ ରୋଗ ନିରୂପଣ ଶିବିର

**ବାଲିକୁଦା,୬।୯(ସ୍ୱ.ପ୍ର.)**

ବାଲିକୁଦା ବ୍ଲକ ବୋରିକିନା ପଞ୍ଚାୟତର ଡୋଭାଳ ଗାଁରେ ଗୁରୁବାର ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ କର୍କଟ ରୋଗ ନିରୂପଣ ଶିବିର ଅନୁଷ୍ଠିତ ହୋଇଛି। ଗତ ୧୫ ବର୍ଷ ମଧରେ ଏହି ରୋଗରେ ଗ୍ରାମର ୧୪ ଜଣ ଲୋକଙ୍କ ମୃତ୍ୟୁ ଘଟିଛି। ଏବେ ମଧ ୫ ଜଣ ଲୋକ ଏହି ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଛନ୍ତି। ଫଳରେ ଗ୍ରାମବାସୀ ଭୟଭୀତ ହୋଇପଡିଛନ୍ତି। ଏ ସମ୍ପର୍କିତ ଖବର ଗତ ଦୁଇ ମାସ ତଳେ ବିଭିନ୍ନ ଗଣମାଧମରେ ପ୍ରକାଶ ପାଇଥିଲା। ତେଣୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଅଶୋକ କୁମାର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଏକ ମେଡିକାଲ ଟିମ୍ ଗାଁକୁ ଆସି ରୋଗୀଙ୍କ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ଗୋଟିଏ ଗାଁରେ ଏହି ରୋଗ ମହାମାରୀର ରୂପ ଧାରଣ କରିଥିବାରୁ ଆଖପାଖ ଅଞ୍ଚଳରେ ଏହାକୁ ନେଇ ଆତଙ୍କ ସୃଷ୍ଟି ହୋଇଥିଲା। ଏକ ବିଶେଷଜ୍ଞ ଦଳକୁ ଉକ୍ତ ଗାଁକୁ ଆଣି ପରୀକ୍ଷା ନିରୀକ୍ଷା କରାଯିବାକୁ ସିଡିଏମଓ ପ୍ରତିଶ୍ରୁତି ଦେଇଥିଲେ। ସେହି ପ୍ରତିଶ୍ରୁତି ମୁତାବକ ସିଡିଏମଓ ଡା. ପଟ୍ଟନାୟକ ଗାଁରେ ପହଞ୍ଚି କ୍ୟାନସର ରୋଗ ନିରୂପଣ ଶିବିର ଆୟୋଜନ କରିଥିଲେ। ଶିବିରରେ କଟକସ୍ଥିତ ଆଚାର୍ଯ୍ୟ ହରିହର କର୍କଟ ରୋଗ ଚିକିତ୍ସା ଓ ଗବେଷଣା କେନ୍ଦ୍ରର ବିଶେଷଜ୍ଞ ଡା. ଦେବ ପ୍ରସାଦ ପଣ୍ଡା, ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ ଡା. ଅଜୟ କୁମାର ସ୍ୱାଇଁ, ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ବନ ବିହାରୀ ମହାରଣା, ସ୍ୱାସ୍ଥ୍ୟ ପରିଦର୍ଶିକା ପ୍ରଭାସିନି ମହାରଣା, କନକଲକ୍ଷ୍ମୀ ଦାସ, ଫାର୍ମାଶିଷ୍ଟ ଜ୍ୟୋତିରଞ୍ଜନ ନାୟକ, ସ୍ୱାସ୍ଥ୍ୟସେବିକା ଜୟଶ୍ରୀ ଦାସ, ସ୍ୱାସ୍ଥ୍ୟକର୍ମୀ ସକୁନ୍ତଳା ଜେନା ପ୍ରମୁଖ ଯୋଗଦେଇ ରୋଗୀଙ୍କୁ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଏଥିସହ ରୋଗୀଙ୍କ ରକ୍ତ ନମୁନା ପରୀକ୍ଷା କରିବାକୁ ପରାମର୍ଶ ଦେଇଥିଲେ। ସରପଞ୍ଚ ସାଧୁଚରଣ ସାହୁ, ଶିକ୍ଷକ ବିଷ୍ଣୁ ଚରଣ ସ୍ୱାଇଁ, ସାମାଜିକ କର୍ମୀ ସୁକାନ୍ତ ମିଶ୍ର, ଶରତ ବାରିକ, ନାଏବ ସରପଞ୍ଚ ଭାରତୀ ବାରିକଙ୍କ ନେତୃତ୍ୱରେ ଏହି ଶିବିର ହୋଇଥିଲା। ଏଥିରେ ୧୦୦ ଜଣ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ବିଭିନ୍ନ ରୋଗ ନିରାକରଣ ପାଇଁ ସେମାନଙ୍କୁ ଔଷଧ ଦିଆଯାଇଥିଲା। ଆଶାକର୍ମୀ ରଶ୍ମିତା ବାରିକ, ଅଙ୍ଗନୱାଡି କର୍ମୀ ଶୈବାଳିନୀ ବାରିକ, ଆଶା ସାଥି ମମତା ମହାନ୍ତି, ବିଚିତ୍ରାନନ୍ଦ ନାୟକ, ସିଆରପି ମିନତୀ ଦାସ ଶିବିର ପରିଚାଳନା କରିଥିଲେ।



ଶିବିରରେ ଉପସ୍ଥିତ ଡାକ୍ତରୀ ଦଳ ଓ ଅନ୍ୟମାନେ।

## ନୂତନ ବ୍ଲକ ଶିକ୍ଷାଧିକାରୀଙ୍କୁ ଶୁଭେଚ୍ଛା

**ନରସିଂହପୁର ୬।୯ (ସ୍ୱ.ପ୍ର.)**

ନରସିଂହପୁର ସରକାରୀ ବାଳିକା ହାଇସ୍କୁଲର ଶିକ୍ଷୟିତ୍ରୀ ସୌମ୍ୟାଶ୍ରୀ ପଣ୍ଡାଙ୍କୁ ବ୍ଲକ ଶିକ୍ଷା ଅଧିକାରୀ (ବି.ଇ.ଓ)ଭାବେ ନିଯୁକ୍ତି ଦିଆଯାଇଛି। ଏନେଇ ନରସିଂହପୁର ବ୍ଲକ ଶାଖା ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ଗୁରୁବାର ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି । ସଂଘର ସଭାପତି ଶିକ୍ଷକ ନେତା ବିଜୟ କୁମାର ଭୂୟାଁଙ୍କ ନେତୃତ୍ୱରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ପଣ୍ଡାଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଥିଲେ। ବିନୋଦିନୀ ପଣ୍ଡା, ଶାରଙ୍ଗଧର ରାଉତ ଓ ଅଶୋକ ରଣା ପ୍ରମୁଖ ଉପସ୍ଥିତ ଥିଲେ।

### ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ଘଟଣା

# କାନ୍ଦବୋବାଳିରେ ଫାଟିଲା ଗାଁ



ଶ୍ମଶାନରେ ମୃତଦେହ ସତ୍କାର କରାଯାଉଛି।



ଶୋକସନ୍ତପ୍ତ ମୃତକଙ୍କ ଆତ୍ମୀୟମାନେ।

**କୁଜଙ୍ଗ,୬।୯(ସ୍ୱ.ପ୍ର)**

କଟକ-ପାରାଦୀପ ରାସ୍ତାର ପଥୁରିଆ ନିକଟରେ ବୁଧବାର ସଡ଼କ ଦୁର୍ଘଟଣାରେ ପଙ୍କପାଳ ପଞ୍ଚାୟତ ମନ୍ତ୍ରୀପଡାର ପ୍ରଥିତଯଶା ସଂସ୍କୃତ ପଣ୍ଡିତ ପରିକ୍ଷିତ ଶତପଥୀ, ତାଙ୍କର ୧୧ ବର୍ଷର ଏକମାତ୍ର ପୁଅ ତଥା ୫ମ ଶ୍ରେଣୀ ଛାତ୍ର ଅଭିଷେକ ଓ କଳଦୀପ ଗ୍ରାମର ସମ୍ପର୍କୀୟ ବୈଦ୍ୟନାଥ ନାୟକଙ୍କ ମୃତ୍ୟୁ ଘଟିଥିଲା। ଗୁରୁବାର ଅତ୍ୟନ୍ତ ଶୋକାକୁଳ ପରିବେଶରେ ୩ ଜଣଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଏହି ସମୟରେ ଆତ୍ମୀୟ ସ୍ୱଜନଙ୍କ କାନ୍ଦବୋବାଳିରେ ଗାଁ ଫାଟି ପଡିଥିଲା। ପ୍ରବଳ ବର୍ଷା ସତ୍ତ୍ୱେ ହଜାର ହଜାର ଗ୍ରାମବାସୀ ଶ୍ମଶାନରେ ଉପସ୍ଥିତ ରହିଥିଲେ। ସୂଚନା ଅନୁଯାୟୀ, ପରିକ୍ଷିତଙ୍କ ଗ୍ରାମ ଶ୍ମଶାନରେ ପାଣି ଜମି ରହିଥିବାରୁ ପଥୁରିଆ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଗୁରୁବାର ପୂର୍ବାହ୍ନରେ କୁଜଙ୍ଗରେ ମୃତଦେହ ବ୍ୟବଚ୍ଛେଦ ପରେ ପ୍ରିୟପରିଜନଙ୍କ କ୍ରନ୍ଦନକୁ ଲକ୍ଷ୍ୟ କରି ଗ୍ରାମର ମୁରବୀମାନେ ମୃତଦେହ ଗାଁକୁ ନ ନେଇ ସିଧା ଶ୍ମଶାନକୁ ନେଇଥିଲେ। ଗ୍ରାମର ଅରୁଣ ବେହେରା, ସବିତା ମହାପାତ୍ର, ରଞ୍ଜନ ବେହେରା, ସାମ୍ବାଦିକ ବିଜୟ କୁମାର ସ୍ୱାଇଁ, ଟୁକୁନା ହାତୀ, ସାରଦା ମଲ୍ଲ, ନିରଞ୍ଜନ ବେହେରା, ସୁଧିରଞ୍ଜନ ମହାପାତ୍ର, ସନାତନ କୁଅଁର, ବିଶ୍ୱନାଥ ହାତୀ, ସୁନାକର ବେହେରା, ରମେଶ ମହାପାତ୍ର, କୈଳାସ ବେହେରା, ପରିକ୍ଷିତଙ୍କ ଭାଇ ବିକାଶ, କୁନା ପ୍ରମୁଖ ଉପସ୍ଥିତ ଥିଲେ। ବୈଦ୍ୟନାଥଙ୍କୁ ତାଙ୍କ ବାଳୁତ ପୁଅ ବିଦ୍ୟାପତି ମୁଖାଗ୍ନୀ ଦେଇଥିଲେ। ହେଲେ ଏହି ଦୁର୍ଘଟଣାରେ ପରିକ୍ଷିତଙ୍କ ପୁଅଙ୍କ ମୃତ୍ୟୁ ଘଟିଥିବାରୁ ଭଣଜା ଅଚ୍ୟୁତ ମୁଖାଗ୍ନୀ ଦେଇଥିଲେ। ସେହିପରି ଅଭିଷେକଙ୍କୁ ଦାଦା ନୃସିଂହ ମୁଖାଗ୍ନୀ ଦେଇଥିଲେ। ଅନ୍ୟପକ୍ଷରେ ଦୁର୍ଘଟଣା ସମ୍ପର୍କରେ ଗୁରୁବାର ପରିକ୍ଷୀତ ଓ ବୈଦ୍ୟନାଥଙ୍କ ପରିବାର ପକ୍ଷରୁ କୁଜଙ୍ଗ ଥାନାରେ ଏତଲା ଦିଆଯାଇଛି।

- ଭଣଜା ଦେଲେ ମୁଖାଗ୍ନି
- ନିଜ ଗ୍ରାମରେ ଜଳିଲାନି ଜୁଇ

## କାନ୍ଥ ଭୁଶୁଡ଼ି ମହିଳା ଗୁରୁତର

**ସାଲେପୁର, ୬।୯ (ଡି.ଏନ୍.ଏ.)**

ଲଗାଣବର୍ଷା ଯୋଗୁ ସାଲେପୁର ବ୍ଲକ ଓଡ଼ାସିଂହ ପଞ୍ଚାୟତ ଅନ୍ତର୍ଗତ ଧନୁପଡ଼ା ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ଗୋଟିଏ ଘରର କାନ୍ଥ ଭୁଶୁଡି ପଡିଛି। ଏଥିରେ ଜଣେ ବିଧବା ମହିଳା ଗୁରୁତର ହୋଇଛନ୍ତି। ସେ ହେଲେ ଉକ୍ତ ଗ୍ରାମର ପ୍ରେମଲତା ପରିଡ଼ା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପ୍ରେମଲତା ତାଙ୍କ ନାତି ସହ ଚାଳଛପର ଘରେ ଶୋଇଥିବା ବେଳେ ବର୍ଷାଯୋଗୁ ଘରର ମାଟିକାନ୍ଥ ଭୁଶୁଡ଼ି ପଡ଼ିଥିଲା। ଫଳରେ ତାଙ୍କ ଅଣ୍ଟା ଓ ଶରୀରରେ ଗୁରୁତର ଆଘାତ ଲାଗିଥିଲା। ମାତ୍ର ସୌଭାଗ୍ୟବଶତଃ ନାତିର କୌଣସି କ୍ଷତି ଘଟି ନ ଥିଲା। ପଡୋଶୀ ଲୋକେ ଉଭୟଙ୍କୁ ସେଠାରୁ ଉଦ୍ଧାର କରିଥିଲେ।

## ଏରସମା ବିପ୍ଳବ ଦିବସରେ ମଶାଲ ଶୋଭାଯାତ୍ରା

**ଏରସମା,୬।୯(ସ୍ୱ.ପ୍ର.)**

ଏରସମା ବ୍ଲକର ସଂକଳ୍ପ ସ୍ୱେଚ୍ଛାସେବୀ ସଂଗଠନ ଓ ଏରସମା ସାମ୍ବାଦିକ ସଂଘର ମିଳିତ ଆନୁକୂଲ୍ୟରେ ଗୁରୁବାର ଏରସମା ବିପ୍ଳବ ଦିବସ ପାଳିତ ହୋଇଛି। ଏହି ଅବସରରେ ଏକ ମଶାଲ ଶୋଭାଯାତ୍ରା କରାଯାଇଥିଲା। ସଂକଳ୍ପର ନିର୍ଦ୍ଦେଶକ ଚନ୍ଦ୍ରଜିତ ଦାସ, ସର୍ବେଶ୍ୱର ମୁଦୁଲି, ନେତ୍ରାନନ୍ଦ ବେହେରା, ପୂର୍ଣ୍ଣଚନ୍ଦ୍ର ପାଧାନ, ସୁଧାକର ଖଟୁଆ, ଓଡିଶା ସାମ୍ବାଦିକ ସଂଘର ଜିଲା ସଭାପତି ସୁଶିଲ କୁମାର ମହାନ୍ତି, ମକରଧ୍ୱଜ ଶିଳ୍ପ ତାଲିମ କେନ୍ଦ୍ରର ଚେୟାରମ୍ୟାନ ମହେଶ୍ୱର ସ୍ୱାଇଁ, ସ୍ମୃତି ରଞ୍ଜନ ମହାନ୍ତି, କାର୍ତ୍ତିକ ବେହେରା, ପ୍ରଫୁଲ ଦାସ ପ୍ରମୁଖ ୫୦ରୁ ଉର୍ଦ୍ଧ ବ୍ୟକ୍ତି ଏଥିରେ ସାମିଲ ହୋଇଥିଲେ। ସେମାନେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ନିକଟରୁ ଶୋଭାଯାତ୍ରାରେ ବାହାରି ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ପୀଠରେ ପହଞ୍ଚିଥିଲେ। ସେଠାରେ ଗାନ୍ଧିଜୀ ଓ ସ୍ୱାଧୀନତା ସଂଗ୍ରାମୀ ଗୌରୀଶ୍ୟାମ ନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏରସମା ବିପ୍ଳବ ଦିବସ ଓ ଅତୀତର ଗୌରବ ସମ୍ପର୍କରେ ଏହି ଅବସରରେ ଆଲୋକପାତ କରାଯାଇଥିଲା।




ମଶାଲ ଶୋଭାଯାତ୍ରାରେ ଯାଉଥିବା ଲୋକମାନେ।



ଲଗାଣ ବର୍ଷା ଯୋଗୁ ରଘୁନାଥପୁର ବ୍ଲକ ଗୋକୁଳପୁର ସ୍କୁଲରେ ଆଶ୍ରୟ ନେଇଥିବା ଲୋକମାନଙ୍କୁ ପ୍ରଶାସନିକ ଅଧିକାରୀମାନେ ଭେଟୁଛନ୍ତି।



ପାରାଦୀପରେ ଜେସିବି ଯୋଗେ ଜଳ ନିଷ୍କାସନ ବ୍ୟବସ୍ଥା କରାଯାଉଛି।



ପାରାଦୀପ ଷଣ୍ଢକୁଦଠାରେ ଥିବା ଅଟୋ ମାଲିକ ସଂଘ ଗୃହରେ ବର୍ଷା ପାଣି।

## ସଂକ୍ଷେପରେ

### ଆଖି ବୁଜିଲେ ଆତ୍ମହତ୍ୟା ଉଦ୍ୟମ କରିଥିବା ଛାତ୍ରୀ

**ବାଲିକୁଦା,୬।୯(ସ୍ୱ.ପ୍ର.):** ଦୁଇ ଦିନର ଚିକିତ୍ସା ପରେ କଟକ ବଡ଼ମେଡିକାଲରେ ଆଖି ବୁଜିଛନ୍ତି ଆତ୍ମହତ୍ୟା ଉଦ୍ୟମ କରିଥିବା ବାଲିକୁଦା ଅଞ୍ଚଳର ନାବାଳିକା ଛାତ୍ରୀ। ସୂଚନା ଅନୁଯାୟୀ, ବାଲିକୁଦା ଥାନା ବଡଗାଁ ପଞ୍ଚାୟତ ବଡରୋଡଙ୍ଗ ଗାଁର ଅଭୟ ଲେଙ୍କାଙ୍କ ୧୧ ବର୍ଷର ଝିଅ ଅସିମା ମଙ୍ଗଳବାର ଦେହରେ କିରାସିନି ଢାଳି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସେ ଗାଁ ସ୍କୁଲର ୪ର୍ଥ ଶ୍ରେଣୀରେ ପଢୁଥିଲେ। ଘଟଣାଦିନ ଘରେ ଥିବା କିଛି ଗିଫ୍ଟଖାମରେ ଲାଗିଥିବା ଟଙ୍କିକିଆ କଏନ୍ ନେଇ ସେ ଚକୋଲେଟ୍ କିଣି ଖାଇଥିଲେ। କାଳେ ଘରେ ମା'ବାପା ଏହା ଜାଣିଲେ ମାରଧର କରିବେ ଭାବି ସେ ଭୟଭୀତ ହୋଇପଡିଥିବା କୁହାଯାଉଛି। ତେଣୁ ଅପରାହ୍ନରେ ସେ ସ୍କୁଲରୁ ଫେରିବା ପରେ ଘରେ ମା'ବାପା ନ ଥିବାବେଳେ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ବୁଧବାର ରାତି ୧୦ ଟାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ଗୁରୁବାର ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।

# କେନ୍ଦ୍ରାପଡ଼ାରେ ୨୪୪୫ ମି.ମି. ବର୍ଷା

**କେନ୍ଦ୍ରାପଡ଼ା ଅଫିସ୍, ୬।୯**


ବସୁପୁର-କେନ୍ଦ୍ରାପଡ଼ା ରାସ୍ତାରେ ଗଛ ଉପୁଡ଼ି ପଡ଼ିଛି।


ସହରର ଜଇପୁରାଠାରେ ବର୍ଷାଜଳ ଜମି ରହିଛି।

କେନ୍ଦ୍ରାପଡ଼ା ଜିଲାରେ ଗତ ୨ଦିନ ଲଘୁଚାପ ଜନିତ ଲଗାଣ ବର୍ଷା ଜାରି ରହିଛି। ବୁଧବାର ପୂର୍ବାହ୍ନ ୮ଟାରୁ ଗୁରୁବାର ପୂର୍ବାହ୍ନ ୮ଟା ମଧ୍ୟରେ ଜିଲାରେ ସର୍ବମୋଟ ୨୪୪୫ ମିଲିମିଟର ବର୍ଷା ହୋଇଥିବା ଜିଲା ଜରୁରୀକାଳିନ ବିଭାଗ ପକ୍ଷରୁ ସୂଚନା ମିଳିଛି। କେନ୍ଦ୍ରାପଡ଼ା ବ୍ଲକ ଅଞ୍ଚଳରେ ସର୍ବାଧିକ ୩୪୦ ମିଲିମିଟର ବର୍ଷା ହୋଇଛି। ସେହିପରି ଡେରାବିଶ ବ୍ଲକ ଅଞ୍ଚଳରେ ୨୯୮ ମିମି, ମାର୍ଶାଘାଇରେ ୩୩୬ ମିମି, ମହାକାଳପଡାରେ ୩୨୦ ମିମି, ଗରଦପୁରରେ ୨୪୦ ମିମି, ପଟ୍ଟାମୁଣ୍ଡାଇରେ ୩୧୧ ମିମି, ଆଳିରେ ୨୨୬ ମିମି, ରାଜକନିକାରେ ୧୯୦ ମିମି ଓ ରାଜକନିକା ବ୍ଲକ ଅଞ୍ଚଳରେ ୧୮୪ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ତେବେ ବର୍ଷା ସହ ପବନ ବେଗ ଅଧିକ ଯୋଗୁ ବସୁପୁର-କେନ୍ଦ୍ରାପଡା ରାସ୍ତା, ପାଟକୁରା-କେନ୍ଦ୍ରାପଡା, ଗୋଗୁଆ-ଦାଣ୍ଡିସାହି ରାସ୍ତାରେ ଗଛପଡି ଦୀର୍ଘ ସମୟ ଯାତାୟତ ବନ୍ଦ ରହିଥିଲା। ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ପ୍ରାୟ ୭ହଜାର ଜଳବନ୍ଦୀ ହୋଇରହିଛନ୍ତି। ସେହିପରି ଜଳ ନିଷ୍କାସନ ବ୍ୟବସ୍ଥା ଠିକ ନ ଥିବାରୁ ପ୍ରାୟ ୮୦ ହଜାର ହେକ୍ଟର ଖରିଫ ଚାଷ ଜମି ଜଳବନ୍ଦୀ ହୋଇଥିବା ଜିଲା କୃଷି ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହି ଅଞ୍ଚଳରେ ଥିବା ମତ୍ସ୍ୟଚାଷ ଓ ଗୋପାଳନ ବିଶେଷ ଭାବେ ପ୍ରଭାବିତ ହୋଇଛି। ବିଭିନ୍ନ ପୋଖରୀ ବୁଡି ଯାଇଥିବାରୁ ମାଛ ବାହାରକୁ ଚାଲି ଯାଇଥିବା ଜିଲା କୃଷି ବିଭାଗ ଉପ ନିର୍ଦ୍ଦେଶକ ମିତ୍ରୋଦୟ ଦାଶ ପ୍ରକାଶ କରିଛନ୍ତି। ଏଥିସହ ସେ କହିଛନ୍ତି ଯେ, ପାଣିରେ ବୁଡି ରହିଥିବା ଖରିଫ ଚାଷ ଏଭଳି ବର୍ଷା ଲାଗିରହିଲେ କ୍ଷତି ହେବାର ସମ୍ଭାବନା ଅଛି। ସେହିପରି କେନ୍ଦ୍ରାପଡା ସହର ତଳି ଅଞ୍ଚଳରେ ବର୍ଷାଜଳ ଜୀବନଯାତ୍ରାକୁ ବ୍ୟତିବ୍ୟସ୍ତ କରିଛି। ସହରର ବିଭିନ୍ନ ଅଞ୍ଚଳରେ ପୌର ପ୍ରଶାସନ ଓ ଅଗ୍ନିଶମ ବାହିନୀ ଦ୍ୱାରା ବର୍ଷାଜଳ ନିଷ୍କାସନ କରା ଯାଉଥିବା ନିର୍ବାହୀ ଅଧିକାରୀ ଦେବପ୍ରସାଦ ବଳ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଗତ କିଛିଦିନ ଧରି ସହରର ସ୍ୱରେଜ ସିଷ୍ଟମ ଉନ୍ନତୀକରଣ କରାଯାଉଥିବାରୁ ସହର ମଧ୍ୟରେ ପାଣି ଜମି ରହିବା ସମସ୍ୟା ଅଧାରୁ ଅଧିକ କମିଯାଇଛି। ଲଗାଣ ବର୍ଷାକୁ ଦୃଷ୍ଟିରେ ରଖି ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନକୁ ଆବଶ୍ୟକସ୍ଥଳେ ବନ୍ଦ ରଖିବାକୁ ଜିଲାପାଳ ଦାଶରଥି ଶତପଥି ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଗ୍ରାମାଞ୍ଚଳ ଲୋକଙ୍କ ରହିବା ପାଇଁ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଖୋଲା ରଖିବା ପାଇଁ ଜିଲାପାଳ ଡିଇଓଙ୍କୁ ଚିଠି କରିଛନ୍ତି। ସେହିପରି ଜଳବନ୍ଦୀରେ ଥିବା ଲୋକମାନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ ପାଇଁ ବ୍ୟବସ୍ଥା କରିବାକୁ ଜିଲା ଜରୁରୀକାଳୀନ ବିଭାଗକୁ ଜିଲାପାଳ ଶତପଥୀ ନିର୍ଦ୍ଦେଶ ଦେଇଛନ୍ତି।

- **ପାଣି ଘେରରେ ଜିଲାର ୭ହଜାର ଲୋକ**
- **ଜଳବନ୍ଦୀଙ୍କ ରହିବା, ଖାଇବା ବ୍ୟବସ୍ଥା କରିବାକୁ ଜିଲାପାଳଙ୍କ ନିର୍ଦ୍ଦେଶ**

### ନାଳରେ ବୁଡ଼ି ୩ୟ ଶ୍ରେଣୀ ଛାତ୍ର ନିଖୋଜ

**ଏରସମା,୬।୯(ସ୍ୱ.ପ୍ର.):** ଏରସମା ଥାନା ଭିତର ଅନ୍ଧାରୀ ଗ୍ରାମରେ ଗୁରୁବାର ଜଣେ ୩ୟ ଶ୍ରେଣୀ ଛାତ୍ର ନାଳରେ ବୁଡି ନିଖୋଜ ହୋଇଯାଇଛନ୍ତି। ଗ୍ରାମର ବାବାଜୀ ଦଳାଇଙ୍କ ପୁଅ ସୂର୍ଯ୍ୟକାନ୍ତ ଭିତର ଅନ୍ଧାରୀ ପ୍ରାଥମିକ ବିଦ୍ୟାଳୟରେ ପଢୁଥିଲେ। ଗୁରୁବାର ଅପରାହ୍ନରେ ସେ କୋଚିଂ କ୍ଲାସକୁ ଆସିଥିଲେ। ଏହି ସମୟରେ ବାଟରେ ଥିବା ଏକ ପୋଲ ପାଖରେ କେତେକ ଲୋକି ମାଛ ମାରୁଥିଲେ। ଏହି ମାଛ ମରା ଦେଖିବାକୁ ଆସି ସୂର୍ଯ୍ୟକାନ୍ତ ହଠାତ ପୋଲ ତଳକୁ ଖସି ପଡିଥିଲେ।




## ଭୁଶୁଡ଼ିଲା ପଥପ୍ରାନ୍ତ ସୁବିଧା କେନ୍ଦ୍ରର ପ୍ରବେଶ ପଥ

**ଡେରାବିଶ, ୬।୯(ସ୍ୱ.ପ୍ର.)**-ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅଧୀନ କେଶରପୁର ଠାରେ ଥିବା ପଥପ୍ରାନ୍ତ ସୁବିଧା କେନ୍ଦ୍ରର ପ୍ରବେଶ ପଥ ଲଗାଣ ବର୍ଷାରେ ଭୁଶୁଡି ପଡିଛି। ଗତ ଜୁଲାଇ ୩୧ରେ ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ମିତ ଏହି ସୁବିଧା କେନ୍ଦ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। କେନ୍ଦ୍ରାପଡା ପୂର୍ତ୍ତବିଭାଗ ପକ୍ଷରୁ ୧ କୋଟି ୪୯ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ସୁବିଧା କେନ୍ଦ୍ର ଲୋକାର୍ପିତ ହେବାର ୧ ମାସ ନ ପୁରୁଣୁ ଏହାର ପ୍ରବେଶ ପଥ ଗୁରୁବାର ସକାଳେ ଭୁଶୁଡି ପଡିଛି। ଏହି କେନ୍ଦ୍ରର ଚାରିପଟେ ଥିବା ପାଚେରି ମଧ୍ୟ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ନିମ୍ନମାନର କାମ ଯୋଗୁ ଏହାର ସ୍ଥାୟୀତ୍ୱ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।


ପଥପ୍ରାନ୍ତ କେନ୍ଦ୍ରର ପ୍ରବେଶ ପଥ ଧସି ଯାଇଛି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ



ଜୀବନର ପ୍ରାଚୁର୍ଯ୍ୟ ଯେଉଁଠାରେ ନାହିଁ,
ସେଠାରେ ଆଧାତ୍ମିକ ଜ୍ଞାନ ସମ୍ଭବ ହେବ ନାହିଁ।
- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ଶ୍ରୀପୟର ମରାମତିରେ ଲାଗିବ ୧ କେଜି ସୁନା

**ପୁରୀ ଅଫିସ, ୬ା୯:** ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀପୟର ତଳପାର୍ଶ୍ୱରେ ରହିଥିବା ସୁନା ପ୍ଲେଟ୍ ନଷ୍ଟ ହୋଇଯାଇଛି। ଏହାକୁ ମରାମତି କରିବା ଲାଗି ୧ କେଜି ସୁନା ଆବଶ୍ୟକ। ବଣିଆ ଏହି ଆକଳନ କରିଥିବା ଜଣାପଡିଛି। ଖୁବ୍‌ଶୀଘ୍ର ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶନାମା ପ୍ରକାଶ ପାଇବା ପରେ ମରାମତି ଆରମ୍ଭ ହେବ ବୋଲି ସୂଚନା ମିଳିଛି। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବେଶରେ ଲାଗୁଥିବା ସୁବର୍ଣ୍ଣ ଶ୍ରୀପୟରଦ୍ୱୟ ନଷ୍ଟ ହୋଇଯାଇଛି। ଗତ ସୁନାବେଶ ପୂର୍ବରୁ ଶ୍ରୀମନ୍ଦିର ପକ୍ଷରୁ ଗୋଟିଏ ଶ୍ରୀପୟର ମରାମତି କରାଯାଇଥିଲା। ସେଥିରେ ପ୍ରାୟ ୮ଶହ ଗ୍ରାମ୍ ସୁନା ଲାଗିଥିଲା। ଏପରି କି ଗତ କିଛିଦିନ ପୂର୍ବରୁ ଶ୍ରୀଭୁଜଦ୍ୱୟର ମଧ ମରାମତି କରାଯାଇଛି। ବନଭୋଜି ବେଶ ଲାଗି ପ୍ରାଥମିକତା ଭିତ୍ତିରେ ଶ୍ରୀଭୁଜଦ୍ୱୟ ମରାମତି କରାଯାଇଥିଲା।

### ବର୍ଷେ ହେଲା ବସିନି ପଞ୍ଚାୟତ ସମିତି ବୈଠକ
### ବ୍ରହ୍ମଗିରି ବିଡିଓଙ୍କୁ କୈଫିୟତ ତଲବ

**ପୁରୀ ଅଫିସ/ବ୍ରହ୍ମଗିରି, (ଡିଏନ୍‌ଏ) ୬ା୯:** ବ୍ରହ୍ମଗିରି ପଞ୍ଚାୟତ ସମିତିର ବୈଠକ ପ୍ରାୟ ୧ବର୍ଷ ହେଲା ବସିନାହିଁ। ଏହାକୁ ନେଇ ସମିତି ସଭ୍ୟ ଏବଂ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ବ୍ରହ୍ମଗିରି ବିଡିଓଙ୍କୁ ଗୁରୁବାର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଉଦ୍ଧବ ଚନ୍ଦ୍ର ମାଝି କୈଫିୟତ ମାଗିଥିବା ଜଣାପଡିଛି। ପୁରୀ ଜିଲାରେ ୧୧ଟି ବ୍ଲକ ତଥା ପଞ୍ଚାୟତ ସମିତି ରହିଛି। ସେଥିମଧ୍ୟରୁ ବ୍ରହ୍ମଗିରି ଅନ୍ୟତମ। ପ୍ରତି ୩ ମାସରେ ଥରେ ପଞ୍ଚାୟତ ସମିତିର ବୈଠକ ବସିବା ଲାଗି ବିଧି ରହିଛି। ବ୍ଲକର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପଞ୍ଚାୟତ ସମିତିରେ ଅନୁମୋଦନ ହୋଇଥାଏ। ୨୦୧୭ ମାର୍ଚ୍ଚ ୧୧ରେ ପଞ୍ଚାୟତ ସମିତି ଅଧକ୍ଷ ନିର୍ବାଚନ ହୋଇଥିଲା। ବ୍ରହ୍ମଗିରିରେ ନୂତନ ପଞ୍ଚାୟତ ସମିତି ଗଠନଠାରୁ ଇତିମଧ୍ୟରେ ମାତ୍ର ୫ଟି ସମିତି ବୈଠକ ହୋଇଛି। ବ୍ରହ୍ମଗିରି ପଞ୍ଚାୟତ ସମିତିର ଶେଷ ବୈଠକ ୨୦୧୭ ସେପ୍ଟେମ୍ବର ୧୨ରେ ବସିଥିଲା। ପ୍ରାୟ ବର୍ଷେ ହେଲା ବୈଠକ ଆଉ ବସିନାହିଁ। ରାଜନୈତିକ କାରଣରୁ ଏହି ବୈଠକ ବସିପାରୁ ନ ଥିବା ଚର୍ଚ୍ଚା ହେଉଛି। ମଣପଡା ପଞ୍ଚାୟତ ସମିତି ସଭ୍ୟା ବାସନ୍ତୀ ଦଳାଇ ଏବଂ କହଳପଦା ପଞ୍ଚାୟତ ସରପଞ୍ଚ ପ୍ରଭାତୀ ପଲାଇ କହିଛନ୍ତି ଯେ, ସମିତି ବୈଠକର ବିନା ଅନୁମୋଦନରେ ଅନେକ ଅର୍ଥ ଖର୍ଚ୍ଚ କରାଯାଇଛି। ଏହି ଅର୍ଥ ତୋଷରପାତ ଯୋଗୁ ବୈଠକ ଡକାଯାଉନାହିଁ। ସମିତି ସଭ୍ୟା ସବିତା ମହାପାତ୍ର କହିଛନ୍ତି, ରାଜନୈତିକ ଅଭିସନ୍ଧି ରଖି ଏହି ବୈଠକ ଡକାଯାଉନାହିଁ। ଅନ୍ୟପକ୍ଷରେ ପଞ୍ଚାୟତ ସମିତି ବୈଠକ ନିୟମିତ ବସୁ ନ ଥିବା ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ ପହଞ୍ଚିଛି। ବ୍ରହ୍ମଗିରି ବିଡିଓ ଦେବରାଜ ସେଠୀ କହିଛନ୍ତି, ମୁଁ ୩ଥର ବୈଠକ ଡାକିଛି। କିନ୍ତୁ ରଥଯାତ୍ରା ଓ ଅନ୍ୟାନ୍ୟ ପାରିପାର୍ଶ୍ୱିକ ପରିସ୍ଥିତି ଯୋଗୁ ବୈଠକ ହୋଇପାରୁନାହିଁ। ଅର୍ଥ ତୋଷରପାତ ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ।

### ପ୍ରଗତିଶୀଳ ସୃଜନ ସଂସଦର ସମ୍ବର୍ଦ୍ଧନା ଉତ୍ସବ



**ବାଲୁଗାଁ,୬ା୯ (ଡି.ଏନ୍.ଏ.):** ବାଲୁଗାଁ ନିକଟସ୍ଥ ବଡ଼କୁଳଠାରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଅଗ୍ରଣୀ ଅନୁଷ୍ଠାନ ପ୍ରଗତିଶୀଳ ସୃଜନ ସଂସଦ ପକ୍ଷରୁ ପବିତ୍ର ଗୁରୁଦିବସ ଉପଲକ୍ଷେ ସମ୍ବର୍ଦ୍ଧନା ଉତ୍ସବ ସଭାପତି ଭିକାରୀ ଚରଣ ପ୍ରଧାନଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ଦିଗମ୍ବର ପାଇକରାୟ ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଉଦ୍‌ଘାଟନ କରିଥିଲେ। ସଭାପତି ପ୍ରଧାନ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିବରଣୀ ପାଠ କରିଥିଲେ ସମ୍ପାଦକ ପ୍ରମୋଦ କୁମାର ସ୍ୱାଇଁ। ଡ଼ାକ୍ତର ମଧୁସୂଦନ ସେନାପତି ମୁଖ୍ୟଅତିଥି, ପ୍ରାକ୍ତନ ସରକାରୀ ନିବନ୍ଧକ ପ୍ରଫୁଲ କୁମାର ଜାଳି ମୁଖ୍ୟବକ୍ତା ଓ ଦେବେନ୍ଦ୍ର କୁମାର ମହାରଣା, ଖବରଦାତା ପ୍ରକାଶ କୁମାର ପ୍ରଧାନ, ପ୍ରଦୋଶ କୁମାର ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରାକ୍ତନ ଶିକ୍ଷକ ଶିବକୁମାର ଅଷ୍ଟାବଧାନୀ, ବସନ୍ତ କୁମାର ସାହୁ, ଶିକ୍ଷକ ଦ୍ୱାରିକାନାଥ ମହାରଣା, ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଉମେଶ ପ୍ରସାଦ ଧଳଙ୍କୁ ଅତିଥିମାନଙ୍କ ଦ୍ୱାରା ଉପଢୌକନ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

# କାଳୀୟଦଳନ ବେଶରେ ଦର୍ଶନ ଦେଲେ ମହାପ୍ରଭୁ

**ପୁରୀ ଅଫିସ, ୬ା୯**

ଦ୍ୱାପର ଯୁଗରେ ଭଗବାନ ଶ୍ରୀକୃଷ୍ଣ ବୃନ୍ଦାବନରେ ଅବସ୍ଥାନ କରୁଥିଲେ। ସେତେବେଳେ ଯମୁନା ନଦୀ କାଳୀୟ ହ୍ରଦରେ କାଳୀୟ ନାଗ ରହୁଥିଲା। ତାହାର ବିଷ ପ୍ରଭାବରେ ହ୍ରଦର ଜଳ ବିଷାକ୍ତ ହେଉଥିଲା। ବୃନ୍ଦାବନର ଗାଈଗୋରୁ ସେହି ପାଣି ପିଇ ମରୁଥିଲେ। ଏହାର ସମାଧାନ ଲାଗି ଭଗବାନ ଶ୍ରୀକୃଷ୍ଣ କାଳୀୟ ନାଗ ଉପରେ ଛିଡାହୋଇ ଦଳି ତାହାର ଗର୍ବ ଗଞ୍ଜନ କରିଥିଲେ। ଏହାପରେ କାଳୀୟ ନାଗ ସେହି ହ୍ରଦ ଛାଡ଼ି ରମଣକ ଦ୍ୱୀପକୁ ଚାଲିଯାଇଥିଲା। ଦ୍ୱାପର ଯୁଗର ଏହି ସ୍ମୃତିରେ ଗୁରୁବାର ଭାଦ୍ରବ କୃଷ୍ଣପକ୍ଷ ଏକାଦଶୀ ତିଥିରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ କାଳୀୟଦଳନ ଲୀଳା ଓ ବେଶ ଅନୁଷ୍ଠିତ ହୋଇଛି। ଶୁକ୍ରବାର ପ୍ରଳମ୍ବାସୁର ବଧ ବେଶ ଅନୁଷ୍ଠିତ ହେବ।

ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ବଢିବା ପରେ ଠାକୁରମାନେ ଲବଣିଖିଆ ମଣ୍ଡପକୁ ବିଜେ କରିଥିଲେ। ଏହାପରେ ରତ୍ନସିଂହାସନରେ ମହାପ୍ରଭୁଙ୍କ କାଳୀୟଦଳନ ବେଶ ଅନୁଷ୍ଠିତ ହୋଇଥିଲା। ଏହି ବେଶରେ ଶ୍ରୀଜଗନ୍ନାଥ ଏବଂ ବଡ଼ଠାକୁର କାଠନିର୍ମିତ ଶ୍ରୀପୟର ଏବଂ ଶ୍ରୀଭୁଜ ଧାରଣ କରିଥିଲେ। ଏହି ବେଶ ଲାଗି କାରିଗରମାନେ ଗୋଟିଏ କାଳୀୟ ନାଗ ନିର୍ମାଣ କରିଥିଲେ। ସେହିପରି ବଡ଼ଠାକୁର ବାମହସ୍ତରେ ପଦ୍ମ କଳିକା ଏବଂ ଦକ୍ଷିଣ ହସ୍ତରେ ଅମୃତ ଲଡୁ ଧାରଣ କରିଥିଲେ। ଦେବୀ ସୁଭଦ୍ରା ସାଧାରଣ ବେଶରେ ରହିଥିଲେ। ଶ୍ରୀବଳଭଦ୍ରଙ୍କ ପାର୍ଶ୍ୱରେ କାଠନିର୍ମିତ ଦୁଇଟି ଗାଈବାଛୁରି ରଖାଯାଇଥିଲା।



ମାର୍କଣ୍ଡ ପୁଷ୍କରିଣୀଠାରେ କାଳୀୟଦଳନ ନୀତି ସମ୍ପନ୍ନ।



ମହାଭୋଇମାନଙ୍କ ପକ୍ଷରୁ ଲବଣୀନୀତିରେ ମହାପ୍ରଭୁଙ୍କୁ ଆଳତି କରାଯାଉଛି।

### ଶୁକ୍ରବାର ପ୍ରଳମ୍ବାସୁର ବଧ ବେଶ

#### ଲବଣି ଖାଇଲେ ରାମକୃଷ୍ଣ

ମଧ୍ୟାହ୍ନ ଧୂପ ସରିବା ପରେ ରାମକୃଷ୍ଣ, ମଦନମୋହନ ଦକ୍ଷିଣୀ ଘରୁ ରତ୍ନସିଂହାସନକୁ ବିଜେ ହୋଇଥିଲେ। ଆଜ୍ଞାମାଳ ପାଇ ବଟମୂଳେ ପାଲିଙ୍କିରେ ବିଜେ କରିଥିଲେ। ବିମାନବଡୁ ସେବକମାନେ ପାଲିଙ୍କିକୁ ଲୋକନାଥ ମାର୍ଗସ୍ଥିତ ଲବଣିଖିଆ ମଣ୍ଡପକୁ ନେଇଥିଲେ। ମହାଭୋଇଙ୍କ ପକ୍ଷରୁ କ୍ଷୀର, ସର ଓ ଲବଣି ଅର୍ପଣ କରାଯାଇଥିଲା। ମହାଭୋଇ ପରିବାରର କୁଳବଧୂମାନେ ମଣ୍ଡପକୁ ଆସି ପାରମ୍ପରିକ ରୀତିରେ ମହାପ୍ରଭୁଙ୍କ ବନ୍ଦାପନା ଆଦି ନୀତି ସମ୍ପନ୍ନ କରିଥିଲେ।

#### କାଳୀୟ ନାଗ ଦଳନ

ମାର୍କଣ୍ଡ ପୁଷ୍କରିଣୀଠାରେ କାଳୀୟଦଳନ ଲୀଳା ନୀତି ଅନୁଷ୍ଠିତ ହୋଇଥିଲା। ଜଣେ ସେବକ କୃଷ୍ଣ ବେଶରେ ଉପସ୍ଥିତ ଥିଲେ। ସେଠାରେ ଏକ କାଳୀୟ ନାଗ ତିଆରି କରାଯାଇଥିଲା। ମାର୍କଣ୍ଡ ପୁଷ୍କରିଣୀର ଦିପିଦାଣ୍ଡି ନିକଟରେ ମଞ୍ଚା ତିଆରି ହୋଇଥିଲା। ସେଠାରେ କାଳୀୟ ନାଗ କୃଷ୍ଣଙ୍କୁ ଦଂଶନ କରିଥିଲେ। ଗରୁଡ଼ ବେଶଧାରୀ ଜଣେ ସେବକ ଅମୃତ ଲଡୁ ଦେଇ କୃଷ୍ଣଙ୍କ ମୋହ ଭଙ୍ଗ କରିବା ପରେ କାଳୀୟଦଳନ ଲୀଳା ଅନୁଷ୍ଠିତ ହୋଇଥିଲା।

#### ଧେନୁକାସୁର ବଧ

ଶ୍ରୀମନ୍ଦିରରେ ସନ୍ଧ୍ୟାଧୂପ ପରେ ଦକ୍ଷିଣୀ ଘରୁ ମଦନମୋହନ ରତ୍ନସିଂହାସନକୁ ବିଜେ କରିଥିଲେ। ସେଠାରୁ ଆଜ୍ଞାମାଳ ପାଇ ଜଗମୋହନରେ ପଡିଥିବା ଖଟ ଉପରେ ବିଜେ ହୋଇଥିଲେ। ସେଠାରେ କୁଣ୍ଢେଇବେଣ୍ଟ ସାହି ପକ୍ଷରୁ ଧେନୁକାସୁର ବଧ ଲୀଳା ପ୍ରସ୍ତାବ ଆଗତ ହୋଇଥିଲା। ଧେନୁକାସୁରକୁ ରାମ, କୃଷ୍ଣ ବଧ କରିଥିଲେ।

### ଶ୍ରୀମନ୍ଦିର ସେବାୟତ କଲ୍ୟାଣ ଯୋଜନା
## ବିଧବା ଭତ୍ତା ରାଶି ୫ଶହ ବଢ଼ିଲା

**ପୁରୀ ଅଫିସ, ୬ା୯**

ସେବାୟତଙ୍କ ପାଇଁ ବାସଗୃହ ଯୋଜନା ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ। ସେବାୟତ ପରିବାର ପିଲାଙ୍କ ପାଇଁ ବିଦ୍ୟାଳୟ ପ୍ରତିଷ୍ଠା ହୋଇପାରିନାହିଁ। ଶ୍ରୀମନ୍ଦିର ପ୍ରଶାସନର ଏହି ଦୁଇ ବୃହତ ପ୍ରକଳ୍ପ ଧିମେଇ ଚାଲିଛି। ରତ୍ନଭଣ୍ଡାର ଚାବି, ରାଷ୍ଟ୍ରପତିଙ୍କ ଦର୍ଶନ ଏବଂ ସୁପ୍ରିମକୋର୍ଟରେ ମାମଲା ଆଦି ପ୍ରସଙ୍ଗକୁ ନେଇ ସେବାୟତ ଅସନ୍ତୁଷ୍ଟ ରହିଥିବା ବେଳେ ସେବାୟତ କଲ୍ୟାଣ ଦିଗରେ ଶ୍ରୀମନ୍ଦିର ପ୍ରଶାସନ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିଛି। ଜୁଲାଇ ୪ ସେବାୟତ କଲ୍ୟାଣ ସବ୍ କମିଟି ଏବଂ ଅଗଷ୍ଟ ୧୮ତାରିଖ ପରିଚାଳନା କମିଟିର ଅନୁମୋଦନ କ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରଦାନ କରାଯାଉଥିବା ଶିକ୍ଷାବୃତ୍ତି ରାଶିକୁ ୨୦ ପ୍ରତିଶତ ବୃଦ୍ଧି କରାଯାଇଛି। ଦ୍ୱାଦଶ ପାସ୍ ପରେ ଉଚ୍ଚଶିକ୍ଷା ଲାଭ କରୁଥିବା ସେବାୟତ ପରିବାର ଝିଅଙ୍କୁ ପ୍ରଦାନ କରାଯାଉଥିବା ପ୍ରୋତ୍ସାହନ ରାଶି (ଶିକ୍ଷାବୃତ୍ତି)କୁ ୫୦ ପ୍ରତିଶତକୁ ବୃଦ୍ଧି କରାଯାଇଛି। ଚଳିତ ମାସଠାରୁ ଏହାକୁ କାର୍ଯ୍ୟକାରୀ କରାଯିବା ନେଇ ସେପ୍ଟେମ୍ବର ୫ରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ବିଧବା ଭତ୍ତା ୫୦୦ଟଙ୍କା ବୃଦ୍ଧିକୁ ନେଇ ସେବକ ମହଲରେ ସ୍ୱାଗତ କରାଯାଇଛି।

## ରାଜ୍ୟ ଶିଶୁ ଅଧିକାର ଓ ସୁରକ୍ଷା ଆୟୋଗ ସଦସ୍ୟାଙ୍କ ନୟାଗଡ଼ ଗସ୍ତ



ଶିଶୁ ଅଧିକାର ଓ ସୁରକ୍ଷା ଆୟୋଗର ସଦସ୍ୟାମାନଙ୍କ ସହିତ ସ୍ଥାନୀୟ ଅଧିକାରୀ, କର୍ମଚାରୀମାନେ।

**ନୟାଗଡ଼ ଅଫିସ,୬ା୯**

ରାଜ୍ୟ ଶିଶୁ ଅଧିକାର ଓ ସୁରକ୍ଷା ଆୟୋଗର ସଦସ୍ୟା ମନ୍ଦାକିନୀ କର ଏବଂ ଦିବ୍ୟା ଶାଶ୍ୱତୀ ଗୁରୁବାର ନୟାଗଡ ଗସ୍ତରେ ଆସି ଜିଲାର ଶିଶୁ ସୁରକ୍ଷା ସମ୍ପର୍କୀୟ ବିଭିନ୍ନ ବ୍ୟବସ୍ଥାର ତଦାରଖ ଓ ସମୀକ୍ଷା କରିଛନ୍ତି। ଗସ୍ତକାଳରେ ସଦସ୍ୟାମାନେ ଜିଲାପାଳ ଡ. ଏନ. ତିରୁମାଲା ନାୟକ, ଅତିରିକ୍ତ ଜିଲାପାଳ ପ୍ରସନ୍ନ କୁମାର ଦାଶ ଏବଂ ଏପିଡି ସନ୍ତୋଷୀ ସାହୁଙ୍କ ସହ ସାକ୍ଷାତ୍ କରି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ସଦସ୍ୟାଦ୍ୱୟ ଜିଲା କାର୍ଯ୍ୟାଳୟ ପରିସରରେ ଥିବା ଶିଶୁ ସୁରକ୍ଷା ୟୁନିଟ୍ ଏବଂ ଶିଶୁ ମଙ୍ଗଳ ସମିତିର କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ଏହି ଏକଦିବସୀୟ ଗସ୍ତ କାର୍ଯ୍ୟକ୍ରମରେ ସଦସ୍ୟାମାନେ ଜିଲାରେ ଥିବା ପାଣିପୋଇଲାସ୍ଥିତ ନୟାଗଡ କଳାପରିଷଦ ଶିଶୁଗୃହ, ମଦର ଆବାସିକ ବିଦ୍ୟାଳୟ, ଶ୍ରୀରାମ ନଗରଠାରେ ଥିବା ସ୍ୱତନ୍ତ୍ର ପୋଷ୍ୟସନ୍ତାନ ପ୍ରଦାନକାରୀ ଅନୁଷ୍ଠାନ (ସା), ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ଛାତ୍ରୀନିବାସ, ଘଡୁଆଳ ସ୍ଥିତି ତପସ୍ୟା ଶିଶୁଗୃହ ପରିଦର୍ଶନ କରିବା ସହିତ ଅନ୍ତେବାସୀମାନଙ୍କ ସହ ଭାବବିନିମୟ କରିଥିଲେ। ଗସ୍ତକାଳରେ ସଦସ୍ୟାମାନେ ଅନୁଷ୍ଠାନଗୁଡିକର ବ୍ୟବସ୍ଥା ମଧ ଅନୁଧ୍ୟାନ କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରୀତିକାନ୍ତ ପଣ୍ଡା ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ
## ୧୯୬ ମିଲିମିଟର ବର୍ଷା

**ନୟାଗଡ଼ ଅଫିସ,୬ା୯**

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ବୁଧବାର ରାତିରୁ ଜିଲାରେ ବର୍ଷାର ପ୍ରଭାବ ଦେଖିବାକୁ ମିଳିଥିଲା। ସେହିଭଳି ଗୁରୁବାର ସକାଳୁ ରାତି ପର୍ଯ୍ୟନ୍ତ ବର୍ଷା ହୋଇଥିଲା। ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିଲା। ସେହିଭଳି ନୟାଗଡ଼ ଏନ୍‌ଏସି ୧୩ ନମ୍ବର ୱାର୍ଡର ଯଯାଙ୍ଗି ପାହାଡ଼ ମୁଣ୍ଡିଆ ସାହିର ରାସ୍ତା ପାଣି ଜମିଥିବାର ଦେଖିବାକୁ ମିଳିଥିଲା। ଜିଲାରେ ଗୁରୁବାର ସକାଳ ୮ଟା ସୁଦ୍ଧା ୧୯୬ ମିଲିମିଟର ବର୍ଷା ହୋଇଥିବା ସୂଚନା ମିଳିଛି। ନୟାଗଡ଼ ବ୍ଲକରେ ସର୍ବାଧିକ ୩୯ ମିଲିମିଟର ହୋଇଥିବା ବେଳେ ଦଶପଲ୍ଲାରେ ସର୍ବନିମ୍ନ ୧୪.୬ ମିଲିମିଟର ବର୍ଷା ହୋଇଥିଲା। ଭାପୁର ବ୍ଲକରେ ୨୭.୨ ମିମି, ଗଣିଆରେ ୨୫ ମିମି, ଖଣ୍ଡପଡ଼ାରେ ୨୬.୩ ମିମି, ନୂଆଗାଁରେ ୨୫.୨ ମିମି, ଓଡ଼ଗାଁରେ ୧୫.୩ ମିମି ଓ ରଣପୁର ବ୍ଲକରେ ୨୩,୪ ମିମି ବର୍ଷା ହୋଇଛି। ସକାଳ ୮ଟା ପରେ ବର୍ଷାର ପରିମାଣ ବଢ଼ିଥିଲା।



୧୩ ନମ୍ବର ୱାର୍ଡର ମୁଣ୍ଡିଆ ସାହି ରାସ୍ତାରେ ପାଣି ଜମି ରହିଛି।

## ମହିଳାଙ୍କୁ ବ୍ଲାକ୍‌ମେଲ୍, ଭଣ୍ଡ ତାନ୍ତ୍ରିକ ଗିରଫ

**ବାଲୁଗାଁ, ୬ା୯ (ଡି.ଏନ.ଏ.)**

ବାଣପୁର ଅଞ୍ଚଳର ଜଣେ ମହିଳାଙ୍କ ସହିତ ଅନୈତିକ ସମ୍ପର୍କ ରଖି ପରବର୍ତ୍ତୀ ସମୟରେ ଫଟୋ ଓ ଭିଡିଓ ଭାଇରାଲ କରିଦେବାକୁ ଧମକ ଦେବା ଅଭିଯୋଗରେ ପୋଲିସ ଗୁରୁବାର ସମ୍ପୃକ୍ତ ଭଣ୍ଡ ତାନ୍ତ୍ରିକଙ୍କୁ ଗିରଫ କରିଛି। ସେ ହେଲେ ବାଣପୁର ଥାନା ରଘୁନାଥ ସାହିର ସାଇ ରାଓ (୩୦)। ବାଣପୁର ଅଞ୍ଚଳର ଜଣେ ମହିଳା ଶ୍ରାବଣ ମାସରେ ଜଳାଭିଷେକ ପାଇଁ ଯାଇଥିବା ବେଳେ ରାସ୍ତାରେ ତାଙ୍କର ସାଇଙ୍କ ସହ ସାକ୍ଷାତ ହୋଇଥିଲା। ସାଇ ମହିଳାଙ୍କୁ ଜଣେ ତାନ୍ତ୍ରିକ ଭାବେ ପରିଚୟ ଦେଇ ତନ୍ତ୍ର ବଳରେ ବିଭିନ୍ନ ଦୁଃସାଧ୍ୟ ରୋଗ ଭଲ କରି ପାରୁଥିବା ପ୍ରକାଶ କରି ମହିଳାଙ୍କ ସହ ସମ୍ପର୍କ ସ୍ଥାପନ କରିଥିଲେ। ଘରେ ମହିଳା ଏକାକୀ ରହୁଥିବା ସୁଯୋଗରେ ସାଇ ତାଙ୍କ ଘରକୁ ଯାଇ ପରିବାରର ଉନ୍ନତି ପାଇଁ ପୂଜା କରିବା ସହ ତାଙ୍କ ସହ ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲେ। ଘଟଣା ପ୍ରଘଟ ହେବାରୁ କେତେକ ଗ୍ରାମବାସୀ ପଚରାଉଚରା କରିବାରୁ ସାଇ ଗ୍ରାମବାସୀଙ୍କ ନିକଟରେ ଦୋଷ ସ୍ୱୀକାର କରି କ୍ଷମା ମାଗିଥିଲେ। ଭବିଷ୍ୟତରେ ମହିଳାଙ୍କ ଘରକୁ ନ ଆସିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହା ପରେ ସାଇ ମହିଳାଙ୍କୁ ବିଭିନ୍ନ ସମୟରେ ଧମକଚମକ ଦେଇ ଶାରୀରିକ ସମ୍ପର୍କ ରଖିବା ପାଇଁ ବାଧ୍ୟ କରିଥିଲେ। ନଚେତ ପାଖରେ ଥିବା ତାଙ୍କ ଆପତ୍ତିଜନକ ଫଟୋ ଓ ଭିଡିଓ ଭାଇରାଲ କରିଦେବାକୁ ଧମକ ଦେଇଥିଲେ। ମହିଳା ଜଣକ ଏ ନେଇ ଗୁରୁବାର ବାଣପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୨୧୧/୧୮) ରୁଜୁ କରି ଉଭୟଙ୍କ ଡାକ୍ତରୀମାଇନା କରାଇ ସାଇଙ୍କୁ ଗିରଫ କରିଛି।

## ଦୟଣାଚୋରି ବଗିଚାରେ ସମ୍ପନ୍ନ ହେଲା କାଳୀୟଦଳନ ନୀତି

**ଖଣ୍ଡପଡା, ୬ା୯(ସ୍ୱ.ପ୍ର.)**

କାଳୀୟ ଦଳନ ଏକାଦଶୀରେ ଠାକୁର ଶ୍ରୀ ନୀଳମାଧବ ଜୀଉଙ୍କ ଚନ୍ଦନ ପୁଷ୍କରିଣୀକୁ ନୀତି ସମ୍ପନ୍ନ ପାଇଁ ବିଜେ କରିବା ପ୍ରଥା କାହିଁ କେଉଁ କାଳରୁ ଚଳିଆସୁଛି। ଚଳିତବର୍ଷ ଏହି ପରମ୍ପରାରେ ବ୍ୟତିକ୍ରମ ଦେଖାଦେଇଛି। ଠାକୁରଙ୍କ ଏହି ପାରମ୍ପରିକ ନୀତି ଗୁରୁବାର ଚନ୍ଦନ ପୁଷ୍କରିଣୀ ପରିବର୍ତ୍ତେ ଦୟଣାଚୋରି ବଗିଚାରେ ସମ୍ପନ୍ନ ହୋଇଛି।

କାଳୀୟ ଦଳନ ଏକାଦଶୀରେ ନୀଳମାଧବ ଜୀଉ ଚନ୍ଦନ ପୋଖରୀକୁ ବିଜେ ହୋଇ ନୀତି ସମ୍ପନ୍ନ କରିବା ପରମ୍ପରା ପ୍ରଚଳିତ ହୋଇଆସୁଛି। ତେବେ ଦୀର୍ଘବର୍ଷ ହେଲା ପ୍ରଦୂଷିତ ପୋଖରୀ ପୁନରୁଦ୍ଧାର ହୋଇ ନ ଥିବାରୁ ଠାକୁର ଏଠାରେ ଚାପ ଖେଳିବା ଅସମ୍ଭବ ହୋଇପଡିଛି। ଏହା ଦ୍ୱାରା ଦୀର୍ଘବର୍ଷର ପରମ୍ପରା ବନ୍ଦ ହୋଇଥିବାରୁ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗୁରୁବାର କାଳୀୟଦଳନ ଏକାଦଶୀରେ ଠାକୁର ଲବଣୀ ଖାଇବା ପାଇଁ ସେବକସାହିସ୍ଥିତ କାଶୀନାଥ ମିଶ୍ରଙ୍କ ଘରକୁ ବିଜେ ହୋଇଥିଲେ। ପୂଜାର୍ଚ୍ଚନା ପରେ ଶ୍ରୀ ଜୀଉଙ୍କୁ ସର, ଲବଣୀ ଓ ବିଭିନ୍ନ



ମହାପ୍ରଭୁଙ୍କ କାଳୀୟ ଦଳନ ବେଶ।

### ପରମ୍ପରାରେ ବ୍ୟତିକ୍ରମ

ପ୍ରକାର ଫଳ ଅର୍ପଣ କରାଯାଇଥିଲା। ଅପରାହ୍ନ ପ୍ରାୟ ୫ଟାରେ କାଳିନ୍ଦୀ ହ୍ରଦ ଭାବରେ ନୀତି ସମ୍ପନ୍ନ ହେଉଥିବା ଚନ୍ଦନ ପୁଷ୍କରିଣୀ ପରିବର୍ତ୍ତେ ଶ୍ରୀ ଜୀଉଙ୍କୁ ଦୟଣା ଚୋରି ବଗିଚାକୁ ସୁସଜ୍ଜିତ ମଣି ବିମାନରେ ଆରୁଢ଼ କରାଯାଇ ବିଜେ କରାଯାଇଥିଲା। ସେଠାରେ ଠାକୁରଙ୍କ ନୀତି ସମ୍ପନ୍ନ ପରେ ସନ୍ଧ୍ୟାରେ ସ୍ୱ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ରାତିରେ ଠାକୁରଙ୍କ ଏକାଦଶୀ ବେଢା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ପଙ୍କ ଉଦ୍ଧାର ନ ହେବା ପର୍ଯ୍ୟନ୍ତ ପ୍ରଦୂଷିତ ଚନ୍ଦନ ପୋଖରୀରେ ଠାକୁରଙ୍କ କୌଣସି ନୀତି କରାଯିବ ନାହିଁ ବୋଲି ପୂଜକ ସମାଜ ପୂର୍ବରୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ସୂଚାଇଥିବାରୁ ଅନ୍ୟତ୍ର କରାଯାଇଥିବା ନୀଳମାଧବ ଜୀଉଙ୍କ ମ୍ୟାନେଜର ହରିହର ଦାଶ ସୂଚନା ଦେଇଛନ୍ତି।

## ନୀଳମାଧବ ମନ୍ଦିର ପାବଚ୍ଛରୁ ଖସୁଛି ପଥର

**ଖଣ୍ଡପଡା,୬ା୯(ସ୍ୱ.ପ୍ର.)**

ଜଗନ୍ନାଥ ସଂସ୍କୃତିରେ ଆଦିପୀଠ ଭାବେ ପରିଚିତ କଣ୍ଟିଲୋର ଶ୍ରୀ ନୀଳମାଧବ ଜୀଉଙ୍କ ପୀଠ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ପାଇଛି। ଶ୍ରୀଜୀଉଙ୍କ ମନ୍ଦିର ମହାନଦୀର ଦକ୍ଷିଣପାର୍ଶ୍ୱ ବ୍ରହ୍ମାଦ୍ରି ପାହାଡ ଉପରେ ଅବସ୍ଥିତ ହୋଇଥିବା ବେଳେ ପଶ୍ଚିମ ପାର୍ଶ୍ୱରେ ଥିବା ପାବଚ୍ଛର ବାମ ଓ ଦକ୍ଷିଣ ପାର୍ଶ୍ୱରୁ ପୂର୍ବରୁ ଖଞ୍ଜାଯାଇଥିବା ପଥର ଖସିବାରେ ଲାଗିଛି। ଗତ ଲଗାଣ ବର୍ଷା ସମୟରେ ଏହା ଅଧିକ କ୍ଷତିଗ୍ରସ୍ତ ହୋଇଥିବା ପରିଲକ୍ଷିତ ହୋଇଛି। ଏ ସମ୍ପର୍କରେ ଏଠାରେ ଥିବା ପ୍ରତ୍ନତତ୍ତ୍ୱ ବିଭାଗର ଜଣେ କର୍ମଚାରୀଙ୍କୁ ବାରମ୍ବାର ଜଣାଇଲେ ମଧ କୌଣସି ପ୍ରତିକାର କରାଯାଉନାହିଁ। ମନ୍ଦିରର ରକ୍ଷଣାବେକ୍ଷଣ ଦାୟିତ୍ୱ ରାଜ୍ୟ ସରକାରଙ୍କ ପ୍ରତ୍ନତତ୍ତ୍ୱ ବିଭାଗ ଉପରେ ନ୍ୟସ୍ତ ରହିଥିବା ବେଳେ କେତେବେଳେ ବିଭାଗୀୟ ଉଚ୍ଚ କର୍ମକର୍ତ୍ତା ମନ୍ଦିର ପରିଦର୍ଶନରେ ଆସିବେ ତାହା ଜଣା ଯାଉନାହିଁ। ତେଣୁ ଏ ଦିଗରେ ଆଶୁ ପଦକ୍ଷେପ ଗ୍ରହଣ କରାଯିବାକୁ ସାଧାରଣରେ ଦାବି ହେଉଛି।



ମନ୍ଦିର ପାହାଚରୁ ପଥର ଖସୁଛି।

## ପରକୀୟା ପ୍ରୀତି ନେଇ ହତ୍ୟା ଅଭିଯୋଗ

**ଟାଙ୍ଗୀ(ଖୋର୍ଦ୍ଧା), ୬ା୯ (ଡି.ଏନ.ଏ.)**

### ୨ ଦିନ ପରେ ଯୁବକଙ୍କ ମୃତଦେହ ଠାବ

ପରକୀୟା ପ୍ରୀତିର ପରିଣାମ କେତେ ଯେ ଭୟଙ୍କର ତାହା ଦେଖିବାକୁ ମିଳିଛି ଟାଙ୍ଗୀ ଥାନା ଅନ୍ତର୍ଗତ ରାଜେନ୍ଦ୍ରପୁର ଗ୍ରାମରେ। ଏଥିଯୋଗୁ ଜଣେ ଯୁବକଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ, ଅନିଲ ସେଠୀଙ୍କ ପୁଅ ବିଶ୍ୱରଞ୍ଜନ(୨୩) ଦାଶରଥି ସାହୁଙ୍କ ପୁଅକୁ ଟ୍ୟୁଶନ କରନ୍ତି। ତେବେ ଇତିମଧ୍ୟରେ ଦାଶରଥିଙ୍କ ସ୍ତ୍ରୀ'ଙ୍କ ସହିତ ଟ୍ୟୁଶନ ସାର୍‌ଙ୍କ ପରକୀୟା ପ୍ରେମ ସମ୍ପର୍କ ଗଢି ଉଠିଥିଲା। ବର୍ଷକ ତଳେ ଏ ଘଟଣା ଜଣାପଡ଼ିବା ପରେ ଦୁଇ ପରିବାରଙ୍କ ମଧ୍ୟରେ ବିବାଦ ଲାଗିରହିଥିଲା। ବୁଧବାର ଏହି ପ୍ରେମୀ ଯୁଗଳ ଗାଁ ପୋଖରୀ ତୁଠରେ ଏକାଠି ବସିଥିବା ନେଇ କିଛି ଲୋକ ଦାଶରଥିଙ୍କୁ ଖବର ଦେଇଥିଲେ। ଏହାପରେ ଦାଶରଥିଙ୍କ ପରିବାର ଲୋକେ ସେଠାରେ ପହଞ୍ଚି ବିଶ୍ୱରଞ୍ଜନଙ୍କୁ ହତ୍ୟା କରି ମୃତଦେହକୁ ଗାଏବ କରି ଦେଇଥିବା ବିଶ୍ୱରଞ୍ଜନଙ୍କ ପରିବାର ସନ୍ଦେହ କରିଥିଲେ। ତେଣୁ ବୁଧବାର ସେମାନେ ଏ ନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୨୬୬/୧୮ରେ ଏକ ମାମଲା ରୁଜୁ କରିଛି। ଟାଙ୍ଗୀ ଥାନା ଅଧିକାରୀ ରଶ୍ମିରଞ୍ଜନ ସାହୁ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧାନ କରିଥିଲେ। ଖୋଜାଖୋଜି ପରେ ପୋଲିସ ଓ ଅଗ୍ନିଶମ କର୍ମଚାରୀ ମୃତଦେହ ଠାବ କରିଥିଲେ। ଗୁରୁବାର ଏକ ପୋଖରୀରୁ ବିଶ୍ୱରଞ୍ଜନଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ପ୍ରାଥମିକ ତଦନ୍ତ ପରେ ଏହା ଏକ ହତ୍ୟାକାଣ୍ଡ ବୋଲି ପୋଲିସ ସନ୍ଦେହ କରିଛି। ଏହି ଘଟଣାରେ ଦାଶରଥି ଓ ତାଙ୍କର ଜଣେ ଭାଇଙ୍କୁ ଥାନାରେ ଅଟକ ରଖାଯାଇଛି। ପୋଲିସ ମୃତଦେହ ଜବତ କରି ଅଧିକ ତଦନ୍ତ ଜାରି ରଖିଛି। ତେବେ ଏ ପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇପାରିନାହିଁ। ଦାଶରଥିଙ୍କ ସ୍ତ୍ରୀ'ଙ୍କୁ ଡାକ୍ତରୀମାଇନା କରାଯାଇଛି। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ପରେ ଅଧିକ ତଥ୍ୟ ମିଳିପାରିବ ବୋଲି ପୋଲିସ କହିଛି।

### କାର୍ ଧକ୍କାରେ ସାଇକେଲ ଆରୋହୀ ମୃତ

**ବାଲୁଗାଁ,୬ା୯ (ଡି.ଏନ୍.ଏ.)**

ବାଲୁଗାଁ ଥାନା ନୂଆଗଡ଼ ଓଭରବ୍ରିଜ୍ ବାଇପାସ୍ ରାସ୍ତାରେ ଗୁରୁବାର ଅପରାହ୍ନରେ ଏକ କାର ସହ ସାଇକେଲ ଧକ୍କା ହେବା ଫଳରେ ସାଇକେଲ ଆରୋହୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ସେ ହେଲେ ନାଭାଲ ଫାଣ୍ଡି ଅନ୍ତର୍ଗତ ବ୍ରଜରାଜପୁର ଗ୍ରାମର ଅଭି ପଲେଇ (୫୫)। ଅଭି ଦୈନନ୍ଦିନ ଭଳି ସାଇକେଲ ଯୋଗେ ବାଲୁଗାଁରୁ ନିଜ ଗ୍ରାମକୁ ଫେରୁଥିବା ସମୟରେ ଭୁବନେଶ୍ୱରରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ଏକ କାର ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ଅଭିଙ୍କ ମୃତ୍ୟୁ ଘଟିଥିବାବେଳେ କାରଟି ଭାରସାମ୍ୟ ହରାଇ ବିଲ ମଧ୍ୟରେ ପଶି ଯାଇଥିଲା। ପୋଲିସ୍ ୧୦୫/୧୮ରେ ଏକ ମାମଲା ରୁଜୁ କରି କାର ଡ୍ରାଇଭରଙ୍କୁ ଗିରଫ କରିଥିବା ଜଣାଯାଇଛି।



ବୁନ୍ଦାଏ ବିଷ ଯେପରି ହାଣ୍ଡିଏ କ୍ଷୀରକୁ ନଷ୍ଟ କରିଦିଏ, ସେହିପରି ଟିକିଏ ମିଛ କହିବା ଦ୍ୱାରା ସାରାଜୀବନ ନଷ୍ଟ ହୋଇଯାଏ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ଦଶପଲ୍ଲାରେ ପ୍ରଥମ ଡେଙ୍ଗୁ ରୋଗୀ ଚିହ୍ନଟ

ଦଶପଲ୍ଲା,୬।୯(ଡି.ଏନ.ଏ.): ନୟାଗଡ ଜିଲା ଦଶପଲ୍ଲା ଅଞ୍ଚଳରେ ଗୁରୁବାର ଜଣେ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ଦଶପଲ୍ଲା ଏନଏସି ଅଧୀନ ହରିଡାବାଡି ଗ୍ରାମର ଦଣ୍ଡଧର ସାହୁ(୪୮)ଙ୍କ ରକ୍ତ ନମୁନା ପରୀକ୍ଷା ପରେ ତାଙ୍କୁ ଡେଙ୍ଗୁ ହୋଇଥିବା ଜିଲା ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ଦଣ୍ଡଧର ଏବେ ଭୁବନେଶ୍ୱରର ଏକ ଘରୋଇ ହସପିଟାଲରେ ଚିକିତ୍ସିତ ହେଉଛନ୍ତି। ଦଶପଲ୍ଲାରେ ପ୍ରଥମ ଡେଙ୍ଗୁ ରୋଗୀ ଚିହ୍ନଟ ହେବା ପରେ ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଦଶପଲ୍ଲା ଏନଏସିରେ ପରିମଳ ବ୍ୟବସ୍ଥା ବିପର୍ଯସ୍ତ ହୋଇ ପଡିଥିବା ବେଳେ ବିଭିନ୍ନ ୱାର୍ଡରେ କୁଢକୁଢ ଅଳିଆ ଆବର୍ଜନା ଜମି ରହିଛି। ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା ପ୍ରତି ତୁରନ୍ତ ଏନଏସି କର୍ତ୍ତୃପକ୍ଷ ଦୃଷ୍ଟି ଦେବାପାଇଁ ସାଧାରଣରେ ଦାବି ହେଉଛି।

### ବର୍ଷାରେ ଧସୁଛି ପାହାଡ: ଘାଟି ରାସ୍ତା ଅସୁରକ୍ଷିତ



ଦଶପଲ୍ଲା,୬।୯ (ଡି.ଏନ.ଏ.): ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ବାଣିବିରୀ ଘାଟିରୁ ବାରମ୍ବାର ମାଟି ଅତଡା ଖସିବା ସହ ଏହି ରାସ୍ତାଟି ଅସୁରକ୍ଷିତ ହୋଇ ପଡିଥିବାବେଳେ ଗୁରୁବାର ଲଗାଣ ବର୍ଷାରେ ଶୋଚନୀୟ ହୋଇପଡିଛି। ମାଟି ଓ ପଥର ଅତଡା ରାସ୍ତାକୁ ଖସି ଆସିଥିବା ବେଳେ ବଡବଡ ଗଛ ମଧ୍ୟ ଉପୁଡି ଖସିପଡୁଛି। ଯାନବାହନ ଯାତାୟତରେ ବଡ ସମସ୍ୟା ଦେଖାଦେଇଛି। ରାସ୍ତା ନିର୍ମାଣ ସମୟରେ ଉଭୟ ପାର୍ଶ୍ୱରୁ ସମ୍ପୃକ୍ତ ଠିକା କମ୍ପାନୀ ମାଟି ଖୋଳି ନେଇଥିବା ବେଳେ ଏବେ ଏହା ଯାତ୍ରୀଙ୍କ ପାଇଁ ବଡ ବିପଦ ସୃଷ୍ଟି କରିଛି। ରାସ୍ତାର ଉଭୟ ପାର୍ଶ୍ୱରେ ୱାଲ୍ ନିର୍ମାଣ କରିବା ପରିବର୍ତ୍ତେ ସାମାନ୍ୟ ଡ୍ରେନ୍ ନିର୍ମାଣ କରି ଠିକାସଂସ୍ଥା ନିଜ କାମ ସାରିଦେଇଛି। ଏଥିପ୍ରତି ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି ।

### ଘନ ଘନ ବିଦ୍ୟୁତ୍ କାଟ, ଲୋକେ ଅତିଷ୍ଠ

ଖଣ୍ଡପଡା,୬।୯(ସ୍ୱ.ପ୍ର.): ଗୁରୁବାର ସକାଳୁ ଖଣ୍ଡପଡା ଅଞ୍ଚଳରେ ଲଘୁଚାପ ଜନିତ ଲଗାଣ ବର୍ଷା ଲାଗିରହିଥିବା ବେଳେ ବିଦ୍ୟୁତ୍ ବିଭ୍ରାଟ ଲୋକମାନଙ୍କୁ ଅତିଷ୍ଠ କରିଦେଇଛି। ଦିନ ତମାମ୍ ଘନ ଘନ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହେଉଥିବାରୁ ଖଣ୍ଡପଡା ବିଦ୍ୟୁତ୍ ଉପଖଣ୍ଡ ଅଧୀନ କଣ୍ଟିଲୋ, ବାଣପୁର, ସିଧାମୂଳା, ବଳରାମପ୍ରସାଦ, ବେଣାଗାଡିଆ, ପଥରଚକଡା, ମାଧପୁର, ଧାନଚେଙ୍ଗଡା, ଲକ୍ଷ୍ମୀପ୍ରସାଦ ଆଦି ଅଞ୍ଚଳର ଜନସାଧାରଣ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଏହି ସମୟ ମଧରେ ଖଣ୍ଡପଡା ସହରାଞ୍ଚଳରେ ବିଦ୍ୟୁତ୍ ସରବରାହ ସ୍ୱାଭାବିକ ରହିଥିବା ବେଳେ କଣ୍ଟିଲୋ ସେକ୍ସନ ଅଧୀନରେ ଥିବା ସମସ୍ତ ଗ୍ରାମରେ ଏହା ବନ୍ଦ ରହୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ବିଦ୍ୟୁତ୍ ବିଭ୍ରାଟ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ପଚାରିଲେ ବର୍ଷା ଯୋଗୁ ଗଛ ଡାଳ କେଉଁଠି ଲାଗି ଯାଉଥିବାରୁ ମେନ୍ ଲାଇନ କଟିଯାଉଛି ବୋଲି କହୁଛନ୍ତି। ଏହି ସମସ୍ୟା ଯୋଗୁ ଅଞ୍ଚଳରେ ଟେଲିଫୋନ ଓ ବ୍ରଡବ୍ୟାଣ୍ଡ ସେବା ସହିତ ପାନୀୟ ଜଳ ଯୋଗାଣ ବ୍ୟାହତ ଘଟୁଛି ।

### କିଆଝର ପଞ୍ଚାୟତର ନୂତନ ଯୁବ ବିଜେଡି ସଭାପତି

ଖଣ୍ଡପଡା,୬।୯(ସ୍ୱ.ପ୍ର.): ଖଣ୍ଡପଡା ବ୍ଲକ କିଆଝର ପଞ୍ଚାୟତର ନୂତନ ଯୁବ ବିଜେଡି ସଭାପତି ଭାବେ ସୁଶାନ୍ତ କୁମାର ସାହୁଙ୍କୁ ମନୋନୀତ କରାଯାଇ ଦାୟିତ୍ୱ ଅର୍ପଣ କରାଯାଇଥିବା ବ୍ଲକ ବିଜେଡି ସଭାପତି ଚନ୍ଦ୍ରକାନ୍ତ ବଳିଆରସିଂ ସୂଚନା ଦେଇଛନ୍ତି। ସାହୁ ଦାୟିତ୍ୱ ଗ୍ରହଣ କରିବା ପରେ କିଆଝର ପଞ୍ଚାୟତରେ ଯୁବ ବିଜେଡି ସଂଗଠନ ଅଧିକ ସୁଦୃଢ ହୋଇପାରିବ ବୋଲି ବ୍ଲକ ବିଜେଡି ସଭାପତି ଆଶାବ୍ୟକ୍ତ କରିଛନ୍ତି। ଏହି ଅବସରରେ ବିଧାୟକ ଅନୁଭବ ପଟ୍ଟନାୟକଙ୍କ ସମେତ ବିଜେଡିର ନେତା ଓ ସଂଗଠକ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ରାସ୍ତାରେ ଶିକ୍ଷକ, ଘରେ ଛାତ୍ରୀଛାତ୍ର

ନୟାଗଡ଼ ଅଫିସ,୬।୯



ଅଶ୍ୱତ୍‌ଥପଡ଼ାଠାରେ ଥିବା ଦୁର୍ଗାଚରଣ ହାଇସ୍କୁଲରେ ତାଲା ପଡ଼ିଛି।

ନୟାଗଡ଼ ବ୍ଲକ ଖୁଣ୍ଟୁବନ୍ଧ ପଞ୍ଚାୟତ ଅଶ୍ୱତ୍‌ଥପଡ଼ା ଗ୍ରାମସ୍ଥିତ ଦୁର୍ଗାଚରଣ ଉଚ୍ଚ ବିଦ୍ୟାଳୟ ୧୯୮୬ ମସିହାରେ ପ୍ରତିଷ୍ଠିତ। ଏହି ବ୍ଲକଗ୍ରାଣ୍ଟ ଉଚ୍ଚ ବିଦ୍ୟାଳୟରେ ଅଷ୍ଟମରୁ ଦଶମ ଶ୍ରେଣୀ ଯାଏ ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ଗୁରୁବାର ଅପରାହ୍ନରେ ବିଦ୍ୟାଳୟରେ ତାଲା ପଡ଼ିଥିବା ଦେଖିବାକୁ ମିଳିଲା। ପଚାରିବାରୁ ଜଣାପଡ଼ିଲା ଆନ୍ଦୋଳନ ପାଇଁ ଶିକ୍ଷକମାନେ ଯାଇଥିବାରୁ ଏହିଭଳି ଅବ୍ୟବସ୍ଥା ଦେଖାଦେଇଛି। ଚଳିତମାସ ୧୭ ତାରିଖରେ ପ୍ରିଟେଷ୍ଟ ପରୀକ୍ଷା ଥିବାରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ରମାନେ ଘରେ ବସି ପଢୁଥିବାର ଦେଖିବାକୁ ମିଳିଥିଲା। ରାସ୍ତାରେ ଶିକ୍ଷକମାନେ ସେମାନଙ୍କ ଦାବି ପାଇଁ ବସିଥିବା ବେଳେ ପାଠ ପାଇଁ ପିଲାମାନେ ନାହିଁ ନଥିବା ହଇରାଣ ହେଉଛନ୍ତି। ସେମାନଙ୍କୁ ପଚାରିବାରୁ ପରୀକ୍ଷା କିପରି ଦେବେ ସେ ନେଇ ଆଶଙ୍କାରେ ଥିବା ପ୍ରକାଶ କରିଥିଲେ। ଖାଲି ଏହି ସ୍କୁଲ ନୁହେଁ ଜିଲାରେ ଥିବା ଅନେକ ବ୍ଲକ୍‌ଗ୍ରାଣ୍ଟ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ସମାନ ଅବସ୍ଥା। ବିଦ୍ୟାଳୟ ବନ୍ଦ ରହିବା ଯୋଗୁ ଜିଲାରେ ୧୫ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ବାଧାପ୍ରାପ୍ତ ହୋଇଛି।

ପ୍ରକାଶ ଯେ, ଜିଲାରେ ୩୦ଟି ପ୍ରାଥମିକ ବିଦ୍ୟାଳୟ, ୬୮ଟି ବ୍ଲକ୍‌ଗ୍ରାଣ୍ଟ ହାଇସ୍କୁଲ ଓ ୩୫ଟି ମହାବିଦ୍ୟାଳୟ ଥିବା ବେଳେ ଏଥିରେ ଜିଲାର ୨୦୦୦ରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଶିକ୍ଷକ, ଅଧାପିକା ଅଧାପକ ଅଛନ୍ତି। ଉଲ୍ଲେଖଯୋଗ୍ୟ, ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ଆହ୍ୱାନରେ ବିଭିନ୍ନ ଦାବି ନେଇ ଅଗଷ୍ଟ ୧୬ ତାରିଖଠାରୁ ଆନ୍ଦୋଳନ କରାଯାଉଛି। ଯୋଗ୍ୟ ବିବେଚିତ ଦିନଠାରୁ ସମସ୍ତ ଚାକିରି ସର୍ତ୍ତାବଳୀ ସହ ପୂର୍ଣ୍ଣ ଅନୁଦାନ ଦାବି ସମେତ ୭ ଦଫା ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଧାରଣା ଚାଲୁ ରହିବ ବୋଲି ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ସକ୍ରିୟ ସଦସ୍ୟ ତଥା ରାଜ୍ୟ ସଂଯୋଜକ ମାଣିକେଶ୍ୱର ସ୍ୱାଇଁ ସୂଚନା ଦେଇଛନ୍ତି। ୨୨ ଦିନ ଧରି ଶିକ୍ଷୟିତ୍ରୀ ଶିକ୍ଷକମାନେ ଧାରଣାକୁ ଯିବା ଫଳରେ ଜିଲାରେ ଶିକ୍ଷା ବ୍ୟବସ୍ଥା ଏକରକମ ଠପ୍ ହୋଇଯାଇଛି। ୪୮୮ ବର୍ଗ, ୬୬୨ ବର୍ଗ କଲେଜ ଅଧାପିକା ଅଧାପକ, କର୍ମଚାରୀଙ୍କ ସମେତ ଓଷ୍ଟାର କର୍ମକର୍ତ୍ତାମାନେ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ସରକାର ଶିକ୍ଷକମାନଙ୍କ ଦାବି ପୂରଣ କରିବାକୁ ଛାତ୍ରୀଛାତ୍ରମାନେ ଅନୁରୋଧ କରିଛନ୍ତି।

- ୧୭ ତାରିଖରେ ମାଟ୍ରିକ୍ ପ୍ରିଟେଷ୍ଟ ପରୀକ୍ଷା
- ଆଶା ଆଶଙ୍କାରେ ଜିଲାର ୧୫ ହଜାର ଛାତ୍ରୀଛାତ୍ର
- ୩୦ ପ୍ରାଥମିକ, ୬୮ ହାଇସ୍କୁଲ ଓ ୩୫ ମହାବିଦ୍ୟାଳୟରେ ତାଲା

## ପ୍ରେମିକାଙ୍କୁ ପ୍ରତାରଣା, ପ୍ରେମିକଙ୍କୁ କୋର୍ଟ ଚାଲାଣ

ଭାପୁର,୬।୯(ଡି.ଏନ.ଏ.)

ପ୍ରେମିକାଙ୍କୁ ପ୍ରତାରଣା ଅଭିଯୋଗରେ ପ୍ରେମିକଙ୍କୁ କୋର୍ଟଚାଲାଣ କରାଯାଇଛି। ନୟାଗଡ ଜିଲା ଭାପୁର ବ୍ଲକ ଫତେଗଡ ଥାନା ଅଞ୍ଚଳରେ ଏହି ଘଟଣା ଘଟିଛି। ଫତେଗଡ଼ ଥାନା ଅଞ୍ଚଳର ଜଣେ ୧୮ବର୍ଷିୟା ଝିଅ ସହ ରାକମା ପଞ୍ଚାୟତ ବାଦିଲୋ ଗ୍ରାମର ଜଣେ ୧୮ବର୍ଷୀୟ ପୁଅର ପ୍ରେମ ସମ୍ପର୍କ ଗଢିଉଠିଥିଲା। କିଛି ମାସ ତଳେ ଉଭୟେ ଘରୁ ଲୁଚିକରି ପଳାଇ ଭୁବନେଶ୍ୱରରେ ଯାଇ ଘରଭଡ଼ା ନେଇ ରହିଥିଲେ। ୪ ମାସ ଏକାଠି ରହିବା ପରେ ପ୍ରେମିକଙ୍କ ମାଆ ସେଠାରେ ପହଞ୍ଚି ପୁଅକୁ ବୁଝାଇ ଘରକୁ ଆଣିଥିଲେ। ଏହାପରେ ପ୍ରେମିକା ଥାନାରେ ଅଭିଯୋଗ କରିଥିଲେ। ଉଭୟ ପରିବାର, ଭଦ୍ରବ୍ୟକ୍ତି ଓ ପୋଲିସ ଉପସ୍ଥିତିରେ ସମସ୍ୟାର ସମାଧାନ କରାଯାଇ ପ୍ରେମିକାଙ୍କୁ ପ୍ରେମିକ ୧ ଲକ୍ଷ ଟଙ୍କା ଦେବା ପରେ ଉଭୟ ପରିବାର ଲେଖାପଢା କରି ନିଜ ନିଜ ପୁଅ ଝିଅଙ୍କୁ ନେଇ ଘରକୁ ଯାଇଥିଲେ। ମାତ୍ର ସାହି ପଡ଼ିଶାଙ୍କ ଟାହିଟାପରା ସହି ନ ପାରି ୨/୩ ମାସ ପରେ ପୁଣି ଥରେ ପ୍ରେମିକା ତାଙ୍କୁ ପ୍ରତାରଣା କରାଯାଇଥିବା ଅଭିଯୋଗ କରି ପ୍ରେମିକଙ୍କ ନାମରେ ଫତେଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଭିତ୍ତିକରି ପୋଲିସ ୧୬୮/୧୮ରେ ମାମଲା ରୁଜୁ କରି ପ୍ରେମିକଙ୍କୁ ଗିରଫ କରିଥିଲା। ଉଭୟଙ୍କୁ ଡାକ୍ତରୀ ମାଇନା କରାଯିବା ପରେ ପ୍ରେମିକଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଥିଲା।

## ବଜ୍ରପାତରେ ଚାଷୀଙ୍କ ମୃତ୍ୟୁ

ନୂଆଗାଁ,୬।୯ (ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ନୂଆଗାଁ ପଞ୍ଚାୟତ ଖାଲମଡା ଗ୍ରାମର ଜଣେ ଚାଷୀ ଗୁରୁବାର ବଜ୍ରପାତରେ ପ୍ରାଣ ହରାଇଛନ୍ତି। ସେ ହେଲେ ଖାଲମଡା ଗ୍ରାମ ମାଝିସାହିର ଦୟା ଦିହୁଡି (୪୮)। ମିଳିଥିବା ସୂଚନା ଅନୁସାରେ ଦୟା ସକାଳ ୧୦ଟା ସମୟରେ ବିଲରୁ କାମ କରି ଫେରୁଥିବା ସମୟରେ ହଠାତ୍ ବଜ୍ରପାତ ହେବାରୁ ସେଠାରେ ଚେତାଶୂନ୍ୟ ହୋଇ ପଡ଼ିଯାଇଥିଲେ। ନିକଟରେ କାମ କରୁଥିବା ଲୋକେ ଏହା ଦେଖି ନୂଆଗାଁ ଦମକଳକେନ୍ଦ୍ରକୁ ଖବର ଦେଇଥିଲେ। ଦମକଳ କେନ୍ଦ୍ର କର୍ମଚାରୀ ପହଞ୍ଚି ଲୋକଙ୍କ ସହାୟତାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

### ଦଶପଲ୍ଲା-ଚକାପାଦ ଅଞ୍ଚଳକୁ ଯୋଗାଯୋଗ ବିଚ୍ଛିନ୍ନ

## ପୁଣି ଧୋଇଗଲା ପୋଲ

ଦଶପଲ୍ଲା,୬।୯(ଡି.ଏନ.ଏ.)

ନୟାଗଡ ଜିଲା ଦଶପଲ୍ଲା ବ୍ଲକ କୁଜାମେଣ୍ଢି ପଞ୍ଚାୟତର କଙ୍କଣମେଣ୍ଢି ନିକଟରେ ଥିବା ପୋଲଟି ନିକଟରେ ଭୁଷୁଡି ପଡି ମରାମତି ହୋଇଥିବାବେଳେ ଗୁରୁବାର ପୁଣି ଧୋଇଯାଇଛି। ଫଳରେ ଦଶପଲ୍ଲାରୁ ଚକାପାଦ ଅଞ୍ଚଳକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି।

ଗତ ୧ ମାସ ତଳେ ଲଗାଣ ବର୍ଷାରେ କଙ୍କଣମେଣ୍ଢି ନିକଟରେ ଥିବା ପୋଲଟି ସମ୍ପୂର୍ଣ୍ଣ ଭାଙ୍ଗି ପଡିଥିଲା। ତାଳିପକା ନୀତିରେ ଏହି ପୋଲରେ ବାଲି ଓ ଡଷ୍ଟଗୁଣ୍ଡ ପକାଇ ମରାମତି କରାଯାଇଥିଲା। ମାତ୍ର ଗୁରୁବାର ଲଗାଣ ବର୍ଷା ଯୋଗୁ ଏହି ପୋଲ ଧୋଇଯିବା ସହ ବଡବଡ ମାଟି ଅତଡା ଖସି ରାସ୍ତାଟି ସମ୍ପୂର୍ଣ୍ଣ ଧୋଇ ହୋଇଯାଇଛି। ଫଳରେ ଗୁରୁବାର ଦଶପଲ୍ଲା-ଚକାପାଦ ଅଞ୍ଚଳକୁ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇ ପଡିଛି। କୁଜାମେଣ୍ଢି ପଞ୍ଚାୟତର ବିଜାତଇଲା, କୁମ୍ଭିକିଲା, ଆମ୍ବଲିମ୍ବା, ଚାଞ୍ଚେରାପଲ୍ଲୀ, କଳାକିଆରୀ, ବଣି ସମେତ କନ୍ଧମାଳ ଜିଲାର ବ୍ରାହ୍ମଣପାଦ ଏବଂ ଚକାପାଦ ଅଞ୍ଚଳକୁ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇ ପଡିଛି। ଫଳରେ ଯାତାୟାତରେ ବହୁ ସମସ୍ୟା ସୃଷ୍ଟି ହୋଇଛି। ଘଣ୍ଟା ଘଣ୍ଟା ଧରି ଗାଡିମୋଟର ଅଟକି ରହିବା ସହ ଯାତ୍ରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ପକ୍କା ସଡକ ନିର୍ମାଣ ପାଇଁ ଦୀର୍ଘ ଦିନ ଧରି ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ଅର୍ଥ ମଞ୍ଜୁର ହୋଇଥିଲେ ମଧ୍ୟ ଏହା ଅଧାପନ୍ତରିଆ ହୋଇ ପଡିରହିଛି। ଏହାର ତୁରନ୍ତ ସ୍ଥାୟୀ ପ୍ରତିକାର କରା ନ ଗଲେ ଅଞ୍ଚଳବାସୀ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ଚେତାବନୀ ଦେଇଛନ୍ତି।



ଧୋଇ ହୋଇଯାଇଥିବା ପୋଲ।

### ଜାଗ୍ରତ ଖଣ୍ଡପଡ଼ା ଦିବସ ୧୨ରେ

ଖଣ୍ଡପଡା,୬।୯(ସ୍ୱ.ପ୍ର.)

ଖଣ୍ଡପଡା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଦିବଂଗତ ଅରୁଣ ପଟ୍ଟନାୟକଙ୍କ ୨୨ତମ ଶ୍ରାଦ୍ଧଦିବସ ଆସନ୍ତା ୧୨ ତାରିଖରେ ଅନୁଷ୍ଠିତ ହେବ। ଏହି ଦିନକୁ ଜାଗ୍ରତ ଦିବସ ରୂପେ ପାଳନ ନିମନ୍ତେ ଖଣ୍ଡପଡାରେ ବ୍ୟାପକ ପ୍ରସ୍ତୁତି ଚାଲିଛି। ସ୍ଥାନୀୟ ମଧୁବନ କ୍ରୀଡାଙ୍ଗନରେ ଆସନ୍ତା ୧୨ ତାରିଖରେ ଅରୁଣ ପଟ୍ଟନାୟକ ସ୍ମୃତି ପରିଷଦ ପକ୍ଷରୁ ସ୍ମୃତିଚାରଣ ସଭା ଓ ଭାପୁର ବ୍ଲକ କେନ୍ଦୁପଲ୍ଲୀ ଗ୍ରାମଠାରୁ କଣ୍ଟିଲୋ ପଲଟନ୍ ପଡିଆ ପର୍ଯ୍ୟନ୍ତ ଗଣଦୌଡ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏକ ଖବରଦାତା ସମ୍ମିଳନୀରେ ସ୍ମୃତିପରିଷଦର ସଭାପତି ବସନ୍ତ କୁମାର ନାୟକ ଏହି ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ମନ୍ତ୍ରୀ ଶଶୀଭୂଷଣ ବେହେରା, ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ନୃସିଂହ ଚରଣ ସାହୁ, ଓଡିଶା ଚଳଚ୍ଚିତ୍ର ବିକାଶ ନିଗମ ଅଧକ୍ଷ କୁନା ତ୍ରିପାଠୀଙ୍କ ସମେତ ଶିକ୍ଷାବିତ୍ ଓ ରାଜନେତା ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବ୍ୟକ୍ତିବିଶେଷ, କୃତୀ ଛାତ୍ରୀଛାତ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯିବାକୁ ସ୍ଥିରୀକୃତ ହୋଇଥିବା ସ୍ମୃତି ପରିଷଦର ସମ୍ପାଦକ ବିନାୟକ ମିଶ୍ର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

### ଫାର୍ମାସିଷ୍ଟ ନିଲମ୍ବିତ

ଦଶପଲ୍ଲା,୬।୯(ଡି.ଏନ.ଏ.)

ଦଶପଲ୍ଲା ବ୍ଲକ ଟାକେରା ସ୍ୱାସ୍ଥ୍ୟ କେନ୍ଦ୍ରର ଫାର୍ମାସିଷ୍ଟ ଚିକିତ୍ସା ପାଇଁ ଜଣେ ମହିଳାଙ୍କ ଠାରୁ ଟଙ୍କା ଲାଞ୍ଚ ନେଉଥିବାବେଳେ ଏହାର ଭିଡିଓ ଭାଇରାଲ ହୋଇଛି। ଗୁରୁବାର ଏସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସଂପୃକ୍ତ ଫାର୍ମାସିଷ୍ଟ ଗୋବର୍ଦ୍ଧନ ସାହୁଙ୍କୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ କାର୍ଯ୍ୟରୁ ନିଲମ୍ବନ କରାଯାଇଛି ।

## ନୀଳମାଧବଙ୍କ ପୀଠରେ ଲବଣିଖିଆ ଓ କାଳୀୟଦଳନ ଉତ୍ସବ



ଲବଣିଖିଆ ପାଇଁ ଠାକୁରଙ୍କୁ ନିମନ୍ତ୍ରଣ କରି ନିଆଯାଉଛି।

ଖଣ୍ଡପଡା,୬।୯(ସ୍ୱ.ପ୍ର.)

ଶୁକ୍ରବାର କାଳୀୟଦଳନ ଏକାଦଶୀ ତିଥିରେ କଣ୍ଟିଲୋ ନୀଳମାଧବ ଜୀଉଙ୍କ ପୀଠରେ ବାଳୁତ କୃଷ୍ଣଙ୍କ ଲବଣିଖିଆ ଓ କାଳୀୟ ଦଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶ୍ରୀ ଜୀଉଙ୍କ ସ୍ନାନ ଓ ଅବକାଶ ରୀତିନୀତି ଅନୁଯାୟୀ ସମ୍ପନ୍ନ ହୋଇଥିଲା । ଅପରାହ୍ନ ପ୍ରାୟ ୨ଟା ସମୟରେ ଠାକୁରଙ୍କ ସନ୍ଧ୍ୟା ଆଳତି ପରେ ଶ୍ରୀ ଜୀଉଙ୍କ ଚଳନ୍ତି ପ୍ରତିମା ମଦନ ମୋହନ ଓ ବାଳୁତ କୃଷ୍ଣ (ଗୁରୁଣ୍ଡି ଗୋପାଳ)ଙ୍କୁ ବେଶ କରାଯାଇଥିଲା। ଗୋପାଳ ଭୂମିକାରେ ଅବତୀର୍ଣ୍ଣ ଶଶୀକାନ୍ତ ମିଶ୍ର ବାଳଗୋପାଳ କୃଷ୍ଣ ଓ ମଦନମୋହନଙ୍କୁ ସେବକସାହିସ୍ଥ କାଶୀନାଥ ମିଶ୍ରଙ୍କ ବାସଭବନକୁ ଲବଣୀ ଖାଇବାକୁ ନିମନ୍ତ୍ରଣ କରିଥିଲେ । ନିମନ୍ତ୍ରଣ ସାଥିରେ ଅଣାଯାଇଥିବା ନୂତନ ବସ୍ତ୍ର ଓ ଅଳଙ୍କାର ପରିଧାନ କରି ବାଳୁତ କୃଷ୍ଣ ପୂଜକ କାଶୀନାଥ ମିଶ୍ରଙ୍କ ଗୃହକୁ ଅପରାହ୍ନ ପ୍ରାୟ ସାଢେ ୪ଟା ସମୟରେ ବିଜେ କରିଥିଲେ। ପୂଜକ ରାସେଶ୍ୱର ମିଶ୍ର ଠାକୁରଙ୍କୁ ଷୋଡଶ ଉପଚାରରେ ପୂଜାର୍ଚ୍ଚନା କରିବା ପରେ ସାହିର ସମସ୍ତ ବ୍ରାହ୍ମଣ ସମ୍ପ୍ରଦାୟର ମହିଳାମାନେ ବାଳଗୋପାଳଙ୍କୁ ବନ୍ଦାପନା ସହ ପୂଜାର୍ଚ୍ଚନା କରିଥିଲେ। ଏହାପରେ ଶ୍ରୀ ଜୀଉଙ୍କୁ ସର, ଲବଣୀ ଓ ବିଭିନ୍ନ ପ୍ରକାର ଫଳ ଅର୍ପଣ କରାଯାଇଥିଲା। ଅପରାହ୍ନ ପ୍ରାୟ ୫ଟାରେ କାଳିନ୍ଦୀ ହ୍ରଦ ଭାବରେ ନୀତି ସମ୍ପନ୍ନ ହେଉଥିବା ନୀଳମାଧବ ଜୀଉଙ୍କ ଦୟଣା ଚୋରି ବଗିଚାକୁ ବିଜେ ହୋଇଥିଲେ। ପୁରାଣର କଥା ବସ୍ତୁ ଅନୁଯାୟୀ କାଳିନ୍ଦୀ ହ୍ରଦରେ ଥିବା ଏକ ସପ୍ତଫେଣୀ ନାଗର ବିଷ ଜ୍ୱାଳାରେ କୌଣସି ଜୀବଜନ୍ତୁ ଓ ମନୁଷ୍ୟ ପ୍ରବେଶ କରିପାରୁ ନ ଥିଲେ । ଶ୍ରୀକୃଷ୍ଣ କାଳୀୟ ନାଗର ଗର୍ବ ଗଞ୍ଜନ ନିମନ୍ତେ ହ୍ରଦରେ ଜଳ କ୍ରୀଡା କରି ସପ୍ତଫେଣୀ ନାଗର ଫଣାରେ ନୃତ୍ୟ କରି ତାଙ୍କୁ ଅନ୍ୟତ୍ର ପଠାଇ ଦେଇଥିଲେ। କାଳିନ୍ଦୀ ହ୍ରଦ ସଦୃଶ ନୀଳମାଧବ ଜୀଉଙ୍କ ଚନ୍ଦନ ପୋଖରୀରେ ନୌକାରେ କାଠ ନିର୍ମିତ ଏକ ସପ୍ତଫେଣୀ ନାଗକୁ ଧରିବସିଥିବା ମନ୍ଦିର ମାଳୀଙ୍କ ପାଖରେ ବାଳୁତ କୃଷ୍ଣ ପହଞ୍ଚି କାଳୀୟ ନାଗ ଫଣାରେ ପାଦ ରଖି ତାର ଗର୍ବ ଗଞ୍ଜନ କରିବା ପରମ୍ପରା ରହିଆସିଥିଲା ।

## ନାକ୍ ଟିମ୍‌ର ନୀଳମାଧବ ମହାବିଦ୍ୟାଳୟ ପରିଦର୍ଶନ ଆଜି

ଖଣ୍ଡପଡା,୬।୯(ସ୍ୱ.ପ୍ର.)

ସର୍ବଭାରତୀୟ ସ୍ତରରେ ମହାବିଦ୍ୟାଳୟ ପରିଦର୍ଶନ ନିମନ୍ତେ ଗଠିତ ନାକ୍ ଟିମ୍‌ର ୩ଜଣିଆ ସଦସ୍ୟ ଶୁକ୍ରବାର ନୀଳମାଧବ ମହାବିଦ୍ୟାଳୟ ପରିଦର୍ଶନରେ ଆସୁଥିବା କଲେଜ ଅଧକ୍ଷ ସୁକାନ୍ତ କୁମାର ନାୟକଙ୍କଠାରୁ ପ୍ରକାଶ। ରାୟପୁରସ୍ଥିତ ରବିଶଙ୍କର ଶୁକ୍ଳା ୟୁନିଭରସିଟିର ପୂର୍ବତନ କୁଳପତି ପ୍ରଫେସର ଶିଓ କୁମାର ପାଣ୍ଡେଙ୍କ ଅଧକ୍ଷତାରେ ଆସୁଥିବା ଟିମ୍ ୭ ଓ ୮ତାରିଖରେ ନୀଳମାଧବ ମହାବିଦ୍ୟାଳୟ ପରିଦର୍ଶନ କରି ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିଶନ (ୟୁଜିସି)କୁ ରିପୋର୍ଟ ପ୍ରଦାନ କରିବେ। ପୂର୍ବରୁ ୟୁଜିସି ପକ୍ଷରୁ ସମୀକ୍ଷା କରାଯାଇ ୭୦ ପ୍ରତିଶତ ମାର୍କିଂ କରିଥିବାବେଳେ ଅବଶିଷ୍ଟ ୩୦ ପ୍ରତିଶତ ମାର୍କିଂ ନାକ୍ ସଦସ୍ୟମାନେ ପ୍ରଦାନ ପରେ କଲେଜ କେଉଁ ଗ୍ରେଡ୍ ପାଇବ ତାହା ଜଣାପଡିବ। ଏଥିପାଇଁ ନୀଳମାଧବ ମହାବିଦ୍ୟାଳୟ କର୍ତ୍ତୃପକ୍ଷ, ଗଭର୍ଣ୍ଣିଂ ବଡି ସଦସ୍ୟାସଦସ୍ୟ, ଛାତ୍ରୀଛାତ୍ରଙ୍କ ମଧରେ ତତ୍ପରତା ପ୍ରକାଶ ପାଇଛି। ପ୍ରଫେସର ପାଣ୍ଡେଙ୍କ ସହିତ ବାଙ୍ଗାଲୋର ବେଲଗାଓଁସ୍ଥିତ ବିଶ୍ୱେସରାୟ ବିଶ୍ୱ ବିଦ୍ୟାଳୟ ଉପଦେଷ୍ଟା ଡ. ପିଭି କୁନ୍ନୁର ଓ ପଣ୍ଡିଚେରୀସ୍ଥିତ ଟାଗୋର ସରକାରୀ କଳା ଓ ବିଜ୍ଞାନ ମହାବିଦ୍ୟାଳୟ ଅଧକ୍ଷ ଡ. ଶଶୀକାନ୍ତ ଦାଶ ପ୍ରମୁଖ ପରିଦର୍ଶନରେ ଆସୁଥିବା ଜଣାଯାଇଛି।

### ୬ ଦଫା ଦାବିରେ ୧୦ରୁ ଆନ୍ଦୋଳନ

## ଓଡ଼ିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀଙ୍କ ଆନ୍ଦୋଳନ

ନୟାଗଡ଼ ଅଫିସ,୬।୯

ଓଡ଼ିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘ ପକ୍ଷରୁ ୬ ଦଫା ଦାବିରେ ସେପ୍ଟେମ୍ବର ୧୦ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଡାକରା ଦିଆଯାଇଛି। ନନ୍ ମେଡ଼ିକୋ ପବ୍ଲିକ ହେଲ୍‌ଥ ମ୍ୟାନେଜରିଆଲ୍ କ୍ୟାଡ଼ର ସୃଷ୍ଟି କରି ଚାକିରି ନିୟମିତ କରିବା, ସପ୍ତମ ବେତନ କମିଶନଙ୍କ ସୁପାରିସ ଅନୁଯାୟୀ ସର୍ବନିମ୍ନ ଦରମା ୧୮ ହଜାରରୁ ଅଧିକ ସହିତ ସରକାରୀ କର୍ମଚାରୀଙ୍କ ଭଳି ଭତ୍ତା ଏବଂ ଅନ୍ୟାନ୍ୟ ସୁବିଧା, କର୍ମଚାରୀ ଭବିଷ୍ୟନିଧି ପାଣ୍ଠି (ଇପିଏଫ୍)ର ବ୍ୟବସ୍ଥା ପ୍ରଦାନ କରିବା, ପର୍‌ଫରମାନ୍ସ ଇନ୍‌ସେନଟିଭ୍ ଉଚ୍ଛେଦ କରିବା, ଇଏସ୍‌ଆଇ ଏବଂ କ୍ୟାଶ୍‌ଲେସ୍ ହେଲ୍‌ଥ ଇନ୍‌ସ୍ୟୁରାନ୍ସ ପଲିସି ପ୍ରୟୋଗ କରିବା, ହାଉସ୍ ରେଣ୍ଟ ସହିତ ଲୟାଲିଟି ବୋନସ୍ ପ୍ରଦାନ କରିବା ଭଳି ୬ ଦଫା ଦାବିରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ନୟାଗଡ଼ ଜିଲା ସଭାପତି ଶୁଭସଙ୍କେତ ପଣ୍ଡା ସୂଚନା ଦେଇଛନ୍ତି। ଗୁରୁବାର ଏ ନେଇ ଜିଲା କମିଟି ତରଫରୁ ଏଡିଏମ୍‌ଓ ନୀଳମାଧବ ଶତପଥୀଙ୍କୁ ଭେଟି ସେମାନଙ୍କ ଦାବିପତ୍ର ଦେଇଛନ୍ତି। କମିଟି ପକ୍ଷରୁ କୁହାଯାଇଛି ଯେ, ୧୨ ବର୍ଷ ହେଲାଣି ଓଡ଼ିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ନିଷ୍ଠାପର ସହିତ କାର୍ଯ୍ୟ ତୁଲାଇ ଆସୁଛନ୍ତି। ହେଲେ ସରକାର ସେମାନଙ୍କ ନ୍ୟାଯ୍ୟ ଦାବି ପୂରଣ କରିନାହାନ୍ତି । ତେଣୁ ଏହାର ପ୍ରତିବାଦରେ ୧୦ ତାରିଖଠାରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ଅହୋରାତ୍ର ଧାରଣା ଦେବେ। ଆନ୍ଦୋଳନରେ ଜିଲାର ୬୨ରୁ ଊର୍ଦ୍ଧ୍ୱ ସ୍ୱାସ୍ଥ୍ୟ ମିଶନ କର୍ମଚାରୀ ଯୋଗଦେବେ ବୋଲି ସୂଚନା ମିଳିଛି। ଦାବିପତ୍ର ପ୍ରଦାନ ବେଳେ ସଭାପତି ପଣ୍ଡାଙ୍କ ସମେତ ସମ୍ପାଦକ ସନ୍ତୋଷ କୁମାର ଦଳେଇ, କୋଷାଧ୍ୟକ୍ଷ ପ୍ରମୋଦ କୁମାର ସାହୁ, ଡିପିଏମ୍ ନିତ୍ୟରଞ୍ଜନ ବରାଡ଼, ଡିଏମ୍ ତ୍ରିଶୂଳ ରାଉଳଙ୍କ ସମେତ ବହୁ କର୍ମଚାରୀ ଉପସ୍ଥିତ ଥିଲେ।



କର୍ମଚାରୀ ସଂଘର ସଦସ୍ୟମାନେ ଏଡିଏମ୍‌ଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

